CMYK

- Vol.- 46, Issue No.51
- Friday, 22 May 2026
- ଶୁକ୍ରବାର, ୨୨ ମଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଲେ ପ୍ରଧାନମନ୍ତ୍ରୀ

## ମନ୍ତ୍ରୀମାନଙ୍କୁ ଦିଲ୍ଲୀ ନ ଛାଡିବାକୁ ପରାମର୍ଶ



ନୂଆଦିଲ୍ଲୀ, ୨୧।୫: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଦେଶ ଗସ୍ତ ସାରି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ଫେରିବା ପରେ ଗୁରୁବାର ବସିଛି କେନ୍ଦ୍ର ମନ୍ତ୍ରୀପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ । ମୋଦି ୩.୦ ସରକାରର ବଡ଼ ସମୀକ୍ଷା ହୋଇଛି । ଅପରାହ୍ନ ୪ଟାରେ ଦିଲ୍ଲୀର ସେବା ତୀର୍ଥଠାରେ କେନ୍ଦ୍ର ମନ୍ତ୍ରୀପରିଷଦର ଏକ ଅତି ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ମେଗା ବୈଠକରେ ପ୍ରଧାନମନ୍ତ୍ରୀ ଅଧକ୍ଷତା କରିଛନ୍ତି । ବୈଠକ ପାଇଁ କ୍ୟାବିନେଟ୍ ମନ୍ତ୍ରୀ, ସ୍ୱାଧୀନ ଦାୟିତ୍ୱପ୍ରାପ୍ତ ରାଷ୍ଟ୍ରମନ୍ତ୍ରୀ ଏବଂ ସମସ୍ତ ରାଷ୍ଟ୍ରମନ୍ତ୍ରୀଙ୍କୁ ଦିଲ୍ଲୀରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ବର୍ଷର ଏହା ପ୍ରଥମ ବଡ଼ ବୈଠକ, ଯେଉଁଠି ସମ୍ପୂର୍ଣ୍ଣ ମନ୍ତ୍ରୀପରିଷଦ ଏକାଠି ହେଉଛନ୍ତି । ବିଭିନ୍ନ ମନ୍ତ୍ରଣାଳୟ ନିଜର କାର୍ଯ୍ୟକାରିତା, ଭବିଷ୍ୟତର ଯୋଜନା ଏବଂ ଜନକଲ୍ୟାଣକାରୀ ସଂସ୍କାରର ରିପୋର୍ଟ କାର୍ଡ ଉପସ୍ଥାପନ କରିଛନ୍ତି । ବର୍ତ୍ତମାନ ଚାଲିଥିବା ପଶ୍ଚିମ ଏସିଆର ଉତ୍ତେଜନାପୂର୍ଣ୍ଣ ସ୍ଥିତି ଏବଂ ଏହା ଦ୍ୱାରା ଭାରତର ଅର୍ଥନୀତି ଉପରେ ପଡୁଥିବା ପ୍ରଭାବର ସମୀକ୍ଷା କରାଯାଇଛି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ନେତୃତ୍ୱରେ ଅମିତ ଶାହ, ନିର୍ମଳା ସୀତାରାମଣ ଏବଂ ହରଦୀପ ସିଂ ପୁରୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ମନ୍ତ୍ରୀ ଗୋଷ୍ଠୀ ଏହି ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି । ଦେଶରେ ଇନ୍ଧନ ସଂରକ୍ଷଣ, ସରକାରୀ ସ୍ତରରେ ମିତବ୍ୟୟିତା ଏବଂ ସାଧାରଣ ନାଗରିକଙ୍କ ପାଇଁ ନୂଆ ସଂସ୍କାର ଆଣିବା ନେଇ ଆଲୋଚନା ହେବ । ଆସନ୍ତା ଜୁନ୍ ମାସରେ ମୋଦି ୩.୦ ସରକାରଙ୍କ ପ୍ରଥମ ବର୍ଷ ପୂର୍ତ୍ତି ହେବାକୁ ଯାଉଛି ।

# ପ୍ରଶାସନକୁ ମୁଖ୍ୟମନ୍ତ୍ରୀଙ୍କ ୮ସୂତ୍ରୀ ନିର୍ଦ୍ଦେଶାବଳୀ

- ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କାଟ୍
- ଭର୍ଚ୍ଚୁଆଲ ମୋଡ୍‌ରେ ବୈଠକ କରିବାକୁ ପରାମର୍ଶ
- ଜୁନ୍‌ଠାରୁ ବୈଦ୍ୟୁତିକ ନୂଆ ଦୁଇ ଚକିଆ ଓ ଚାରି ଚକିଆ ଯାନ କିଣାଯିବ

ଭୁବନେଶ୍ୱର, ୨୧।୫: ସାମ୍ପ୍ରତିକ ପଶ୍ଚିମ ଏସିଆ ପରିସ୍ଥିତି ଯୋଗୁ ଦେଶରେ ପେଟ୍ରୋଲ ଡିଜେଲ ଖର୍ଚ୍ଚ କାଟ ପାଇଁ ପ୍ରଧାନମନ୍ତ୍ରୀ ନିକଟରେ ନିବେଦନ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ନିବେଦନ ପରେ ମୁଖ୍ୟମନ୍ତ୍ରୀ ତାଙ୍କ କାରକେଡ୍'ର ଗାଡ଼ି ସଂଖ୍ୟା ଅଧା କରିଥିବାବେଳେ ପେଟ୍ରୋଲ ଓ ଡିଜେଲ ଖର୍ଚ୍ଚ କମ୍ କରିବାକୁ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ପରିପ୍ରେକ୍ଷୀରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ ବିଭାଗ ଗୁଡ଼ିକରେ ପେଟ୍ରୋଲ ଓ ଡିଜେଲ ବ୍ୟବହାର ହ୍ରାସ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିପାଇଁ ସେ ଏକ ୮ସୂତ୍ରୀ ନିର୍ଦ୍ଦେଶାବଳୀ ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ, ସରକାରୀ ସ୍ତରର ବିଭିନ୍ନ ବୈଠକ, ସମୀକ୍ଷା, ପ୍ରଶିକ୍ଷଣ, କର୍ମଶାଳା ଆଦି ଅତି ଆବଶ୍ୟକ ନ ହେଲେ ଭର୍ଚ୍ଚୁଆଲ ମୋଡ୍ରେ କରାଯିବ । ଯେଉଁଠି ପ୍ରତ୍ୟକ୍ଷ ଉପସ୍ଥିତିର ଆବଶ୍ୟକତା ଥିବ, ସେ ସ୍ଥଳରେ ଯେଉଁ ଅଧିକାରୀ ଓ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ଉପସ୍ଥିତି ଆବଶ୍ୟକ ଥିବ, ସେମାନେ ପ୍ରତ୍ୟକ୍ଷ ଭାବେ ବୈଠକରେ ଯୋଗ ଦେଇପାରିବେ ଏବଂ



ଅନ୍ୟମାନେ ଭର୍ଚ୍ଚୁଆଲ ମୋଡ୍ରେ ଯୋଗ ଦେବେ । ସେହିଭଳି, ୧ ଜୁନ୍ ୨୦୨୬ ଠାରୁ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ଯେତେ ନୂଆ ଦୁଇ ଚକିଆ ଓ ଚାରି ଚକିଆ ଯାନ କିଣାଯିବ, ସେଗୁଡ଼ିକ ବୈଦ୍ୟୁତିକ ଯାନ ହୋଇଥିବା ବାଧ୍ୟତାମୂଳକ । ବିଶେଷ ଆବଶ୍ୟକତା ଭିତ୍ତିରେ ପେଟ୍ରୋଲ କିମ୍ବା ଡିଜେଲ ଯାନ କିଣିବାକୁ ଅନୁମତି ଦିଆଯିବ। ସେହିଭଳି, ଜୁନ୍ ପହିଲାରୁ ସରକାରୀ କାର୍ଯ୍ୟାଳୟରେ ଭଡ଼ା ସୂତ୍ରରେ ନିଆଯାଉଥିବା ସରକାରୀ ଚାରିଚକିଆ ଯାନ ହେବା ବାଧ୍ୟତାମୂଳକ କରାଯିବ । ବ୍ୟକ୍ତିଗତ ସରକାରୀ ବ୍ୟବହାର ପାଇଁ ସରକାରୀ ଯାନ ପାଇଥିବା ବରିଷ୍ଠ ଅଧିକାରୀମାନେ ନିଜ ନିଜ ମଧ୍ୟରେ କାରପୁଲିଂ କରିବେ, ଅର୍ଥାତ୍ ଯିବା ଆସିବା ପାଇଁ କେବଳ ଗୋଟିଏ ଗାଡ଼ି ବ୍ୟବହାର କରିବେ । ସରକାରୀ ଯାନ ବ୍ୟବହାର ପାଇଁ ରାଶିର ପରିମାଣ ମଧ ତଦନୁଯାୟୀ ଅଧା କରାଯିବ । କେଉଁ ପାହ୍ୟାର ବରିଷ୍ଠ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସରକାରୀ ଗାଡ଼ି ବ୍ୟବହାର କରିପାରିବେ, ସେଥିପାଇଁ ଅର୍ଥବିଭାଗ ୧୫ ଦିନ ମଧ୍ୟରେ ଏକ ମାର୍ଗଦର୍ଶିକା ଜାରୀ କରିବ । ଦୂରସ୍ଥାନକୁ ପରିଦର୍ଶନରେ ଗଲାବେଳେ ଅଧିକାରୀ ଓ କର୍ମଚାରୀମାନେ ବସ୍ କିମ୍ବା ରେଳଯାତ୍ରା କରିବେ । ଯେଉଁ ଅଧିକାରୀମାନଙ୍କ ନିଜସ୍ୱ ବୈଦ୍ୟୁତିକ ଗାଡ଼ି ରହିଛି, ସେମାନେ ସରକାରୀ କାର୍ଯ୍ୟରେ କିଭଳି ଏହାକୁ ବ୍ୟବହାର କରିପାରିବେ, ସେ ସମ୍ପର୍କରେ ଅର୍ଥ ବିଭାଗ ପକ୍ଷରୁ ମାର୍ଗଦର୍ଶିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି । ବହୁଳମାତ୍ରାରେ ସରକାରୀ କର୍ମଚାରୀ ରହୁଥିବା ସ୍ଥାନରୁ କର୍ମଚାରୀମାନଙ୍କ ଯିବା ଆସିବା ପାଇଁ ବୈଦ୍ୟୁତିକ ବସ୍ କିମ୍ବା ମିନିବସ୍ ସେବା ଯୋଗାଇ ଦିଆଯିବ । ସରକାରୀ ଯାନ'ର ଚଳପ୍ରଚଳ ବାବଦକୁ ମାସିକ ପେଟ୍ରୋଲ ଓ ଡିଜେଲ ବ୍ୟବହାର ପରିମାଣ ଯେପରି ଅତିକମରେ ୧୦ ପ୍ରତିଶତ କମିବ, ସେ ଦିଗରେ ସମସ୍ତ କାର୍ଯ୍ୟାଳୟ ସୁଚିନ୍ତିତ ପଦକ୍ଷେପ ନେବେ । ଏହି ନିର୍ଦ୍ଦେଶାବଳୀ, ରାଜ୍ୟ ସଚିବାଳୟ ଠାରୁ ଆରମ୍ଭ କରି ସମସ୍ତ ସରକାରୀ ବିଭାଗର ଉପଖଣ୍ଡ, ତହସିଲ, ବ୍ଲକସ୍ତର ସହିତ ରାଜ୍ୟର ସମସ୍ତ ସରକାରୀ ଓ ସରକାରୀ ଉଦ୍ୟୋଗ, ସଂସ୍ଥା, ବିଶ୍ୱ ବିଦ୍ୟାଳୟ, ସମିତିମାନଙ୍କରେ କଡ଼ାକଡ଼ି ଅନୁପାଳନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ୨୦୨୭ ମାର୍ଚ୍ଚ ସୁଦ୍ଧା ସବୁ ଗାଁକୁ ପାଇପ୍ ଜଳ

### ଜୁନ୍ ଶେଷ ସୁଦ୍ଧା ଶେଷ ହେବ ଆହୁରି ୧୪ଟି ପ୍ରକଳ୍ପ

ଭୁବନେଶ୍ୱର, ୨୧।୫: ସମସ୍ତ ଗ୍ରାମକୁ ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ପାଇପ୍ ଜଳ ଯୋଗାଇ ଦିଆଯିବ। ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାୟକ । ବର୍ତ୍ତମାନ ସୁଦ୍ଧା ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୨୪୦୨ଟି ଗାଁ କୁ ପାନୀୟ ଜଳ ଯୋଗାଇ ଦିଆଯାଉଛି। ଜୁନ୍ ଶେଷ ସୁଦ୍ଧା ଆହୁରି ୧୪ଟି ପ୍ରକଳ୍ପ ଶେଷ ହେବ। ସେପ୍ଟେମ୍ବର ସୁଦ୍ଧା ୩୫ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଶେଷ ହେବ। ବର୍ତ୍ତମାନ ସୁଦ୍ଧା ମୋଟ ୬ ହଜାର ୩୬୯ଟି ସୋଲାର୍ ପିଡବ୍ଲ୍ୟୁଏସ୍ ସମ୍ପୂର୍ଣ୍ଣ ହୋଇଛି।୨୦୨୪ ମସିହାରୁ ବିଭିନ୍ନ ଅଞ୍ଚଳରେ ଜଳ ସଂକଟ ଦୂର ପାଇଁ ୩୭ ହଜାର ୮୭୬ଟି ନଳକୂପକୁ ଅନୁମୋଦନ ଦିଆଯାଇଛି। ଚଳିତ ବର୍ଷ ଜଳ କଷ୍ଟ ଅଞ୍ଚଳର ପାନୀୟ ଜଳ ଯୋଗାଣ ପାଇଁ ୬୨୯ଟି ଟ୍ୟାଙ୍କର୍ ଯୋଗାଇ ଦିଆଯାଇଛି। ବିଭିନ୍ନ ଗ୍ରାମୀଣ ଅଞ୍ଚଳରେ ମୋଟ ୮୨୮୧ଟି ଜଳ ଛତ୍ର ଖୋଲାଯାଇଛି। ଏପର୍ଯ୍ୟନ୍ତ ମୋଟ ୨୦ ହଜାର ୮୭୫ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଜାରି ରହିଛି। ଏହାଛଡ଼ା ୭୦୪୨ଟି ଗ୍ରାମକୁ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ କରାଯାଉଥିବା ମନ୍ତ୍ରୀ କହିଛନ୍ତି।

## ଭିଜିଲାନ୍ସ ଜାଲରେ ରାୟଗଡ଼ା ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ

ରାୟଗଡ଼ା, ୨୧।୫: ରାୟଗଡ଼ା ଆରଡବ୍ଲ୍ୟୁଏସଏସ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ମଳୟ କୁମାର ନାୟକଙ୍କ ଘରେ ଚଢାଉ ହୋଇଛି। ବ୍ରହ୍ମପୁରର ୬ଟି ସ୍ଥାନରେ ଏବଂ ରାୟଗଡ଼ା ରୋହିତ କଲୋନୀରେ ଏକକାଳୀନ ଚଢାଉ ଜାରି ରହିଛି। ଚଢାଉ ସମୟରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ୫ ଜଣ ଡିଏସପି, ୬ ଜଣ ଇନ୍ସପେକ୍ଟର ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀ ଉପସ୍ଥିତ ଅଛନ୍ତି।



ବେରହମପୁରର ଲୋଚାପଡା, ସାଉଣ୍ଡରିଆ ନାଗରଠାରେ ଥିବା ଆବାସିକ ତ୍ରିଗୁଣ ମହଲା କୋଠା, ଗଞ୍ଜାମର ଜଗନ୍ନାଥପ୍ରସାଦ, ଥୋଲାଣ୍ଡା ବାଡା ଦାଣ୍ଡା ସାହିରେ ଥିବା ତାଙ୍କ ଘର , ଗଞ୍ଜାମର ବୁଗୁଡ଼ାର ବାଲି ପିଣ୍ଡି ସାହି ଓ ପଙ୍କଲ ସାହିରେ ଥିବା ତାଙ୍କ ସମ୍ପର୍କୀୟଙ୍କ ଘର। ବରହମପୁରର କମଲପୁର, ଗୋଲାନନ୍ଦଥିବା ତାଙ୍କ ଶାଶୁଙ୍କ ଘର । ରାୟଗଡ଼ାର ରୋଇଟ୍ କଲୋନୀରେ ଶ୍ରୀ ନାୟକଙ୍କ ଭଡା ଘର,କୋଲନାରା ବ୍ଲକ କାର୍ଯ୍ୟାଳୟରେ ଶ୍ରୀ ନାୟକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ବର୍ତ୍ତମାନ ଚଢାଉ ଜାରି ରହିଛି।

## ଆକାଶରୁ ବର୍ଷୁଛି ନିଆଁ

### ଆହୁରି ୫ ଦିନ ତାତି: ଝାରସୁଗୁଡା ସବୁଠାରୁ ଉତ୍ତପ୍ତ ସହର

ଭୁବନେଶ୍ୱର, ୨୧।୫: ରାଜ୍ୟରେ ପାରଦ ଉପରମୁହାଁ ହୋଇଛି। ଆକାଶରୁ ଯେମିତି ଅଗ୍ନିବର୍ଷା ହେଉଛି। ଅସହ୍ୟ ଖରା ତାତି ଓ ଗୁଳୁଗୁଳିରେ କଳବଲ ହେଉଛି ଜୀବନ। ସକାଳୁ ରାତି, ଘରେ ବାହାରେ ଜନଜୀବନ ଗୁରୁତର ପ୍ରଭାବିତ ହୋଇଛି। ଗୁରୁବାର



୪୬ ଡିଗ୍ରୀ ସହ ଝାରସୁଗୁଡା ଲଗାତର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଛି। ତାପମାତ୍ରା ଆହୁରି ବଢିବ ଓ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତାପମାତ୍ରା ବୃଦ୍ଧି ସହିତ ଆର୍ଦ୍ରତା ପ୍ରଭାବରେ ପଶ୍ଚିମ ଓ ଉପକୂଳ ଅଞ୍ଚଳରେ ସ୍ଥିତି ସଙ୍ଗିନ ହୋଇପାରେ। ସମ୍ବଲପୁର ଓ ବଲାଙ୍ଗୀର ଜିଲାକୁ ଅତ୍ୟନ୍ତ ଗରମ ଓ ଗୁଳୁଗୁଳି ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଦିଆଯାଇଛି। ଅପରପକ୍ଷେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଖରା ସମୟରେ ବିଶେଷକରି ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆବଶ୍ୟକ ନ ଥିଲେ ଘରୁ ବାହାରନ୍ତୁ ନାହିଁ। ପର୍ଯ୍ୟାପ୍ତ ପରିମାଣରେ ପାଣି ପିଇବା, ଢିଲା, ହାଲୁକା ଏବଂ କଟନ ପୋଷାକ ପରିଧାନ କରିବା, ଜଳୀୟ ଅଂଶ ଥିବା ଫଳ ଖାଇବା, ଘରକୁ ଥଣ୍ଡା ଓ ବାତାନୁକୂଳ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ସମ୍ବଲପୁରରେ ତାପମାତ୍ରା ୪୫.୩ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ହୀରାକୁଦ ୪୫, ସୋନପୁର ୪୩.୯, ତାଳଚେର ଓ ବରଗଡ଼ ୪୩.୮, ଟିଟିଲାଗଡ଼ ୪୩.୫, ବଲାଙ୍ଗୀର ୪୩.୩, ସୁନ୍ଦରଗଡ଼ ଓ ଭବାନୀପାଟଣା ୪୨.୮, ଅନୁଗୋଳ ୪୨.୧, ନୟାଗଡ଼ ୪୨, ନୂଆପଡ଼ା ଓ ଖୋର୍ଦ୍ଧା ୪୧.୫, ରାଉରକେଲା ୪୧.୩, କେନ୍ଦୁଝର ୪୦.୭, ବାରିପଦା ଓ ଯାଜପୁର ୪୦.୪, କେନ୍ଦ୍ରାପଡା ୪୦.୨, ମାଲକାନଗିରି ଓ ଭଦ୍ରକରେ ତାପମାତ୍ରା ୪୦ ଡିଗ୍ରୀ ରହିଥିଲା। ଏଥିସହ ୨୭ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ ବୋଲି କୁହାଯାଇଛି।

## ବିମାନ ଦୁର୍ଘଟଣା: ଅଳ୍ପକେ ବର୍ତ୍ତିଲେ ୧୮୧ ଯାତ୍ରୀ

ବେଙ୍ଗାଲୁରୁ, ୨୧।୫: ବେଙ୍ଗାଲୁରୁ ଏୟାରପୋର୍ଟରେ ଟଳିଲା ବଡ଼ ଦୁର୍ଘଟଣା । ଦିଲ୍ଲୀରୁ ବେଙ୍ଗାଲୁରୁ ଆସିଥିବା ଏୟାର ଇଣ୍ଡିଆ ଟେଲ୍ ଷ୍ଟ୍ରାଇକର ଶିକାର ହୋଇଥିଲା । ତେବେ ବିମାନଟି ସୁରକ୍ଷିତ ଅବତରଣ କରିଯାଇଛି । ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ବିମାନରୁ ଓହ୍ଲାଇଛନ୍ତି । ବିମାନବନ୍ଦରରେ ଟେଲ ଷ୍ଟ୍ରାଇକ୍ ପରେ ଯାଞ୍ଚ ପାଇଁ ଏୟାର ଇଣ୍ଡିଆ ବିମାନ ଏଆଇ ୨୬୫୧କୁ ଗ୍ରାଉଣ୍ଡେଡ କରିଦିଆଯାଇଛି । ତେଣୁ ବିମାନର ଦିଲ୍ଲୀ ଫେରସ୍ତ ଉଡାଣ ବାତିଲ ହୋଇଛି । ଏୟାର ଇଣ୍ଡିଆ ଫ୍ଲାଇଟ୍ ଏଆଇ୨୬୫୧ ଏକ ଏ-୩୨୦ ସିରିଜର ନାରୋବଡି ଏୟାର ବସ୍ ବିମାନ ଟେଲଷ୍ଟ୍ରାଇକ୍ ଶିକାର ହୋଇଥିଲା । ବିମାନଟି ଟେକଅଫ ଅଥବା ଲ୍ୟାଣ୍ଡିଂ କାଳରେ ରନୱେ ସହ ଘଷି ହେବାକୁ ଟେଲ୍ ଷ୍ଟ୍ରାଇକ କୁହାଯାଏ। ତେବେ ବିମାନଟି ଟେଲ୍ ଷ୍ଟ୍ରାଇକ ହେବା ପରେ ଗ୍ରାଉଣ୍ଡେଡ୍ କରାଯାଇଛି । ଆଉ ଦିଲ୍ଲୀକୁ ଯିବାକୁ ଥିବା ଯାତ୍ରୀଙ୍କ ପାଇଁ ଅନ୍ୟ ବିକଳ୍ପ ଯୋଗାଇ ଦେବ ବୋଲି ଟାଟା ଗ୍ରୁପ ଚାଳିତ ଏୟାରଲାଇନ୍ସ ତରଫରୁ ଆଶ୍ୱାସନା ଦିଆଯାଇଛି । ଏୟାରଇଣ୍ଡିଆ ମୁଖପାତ୍ର କହିଛନ୍ତି ଯେ, ଉପୁଜିଥିବା ଅସୁବିଧା ପାଇଁ ଆମେ ଦୁଃଖିତ।

## କାଳବୈଶାଖୀର ତାଣ୍ଡବ: ଟେଣ୍ଟ ତଳେ ଚାପିହୋଇ ୩ମୃତ

### ମୃତକଙ୍କ ପାଇଁ ୪ଲକ୍ଷ ଟଙ୍କାର ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର, ୨୧।୫: ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ଲହରୀ ଜାରି ରହିଥିବା ବେଳେ କେନ୍ଦୁଝରରେ କାଳବୈଶାଖୀ ତାଣ୍ଡବ ରଚିଛି। ଅପରାହ୍ଣ ସମୟରେ ହଠାତ୍ ପ୍ରବଳ ଘୂର୍ଣ୍ଣିଝଡ଼, ପବନ ଏବଂ ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବିଭିନ୍ନ ଅଞ୍ଚଳରେ ଗଛ ଭାଙ୍ଗି ପଡ଼ିବା ସହ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ଏହାରି ମଧ୍ୟରେ କେନ୍ଦୁଝର ଟାଉନ ଥାନା ଅଧୀନ ନରଣପୁର ଅଞ୍ଚଳରେ ଅଭାବନୀୟ ଦୁର୍ଘଟଣା ଘଟିଛି। ଏକ ଭୋଜି ପାଇଁ ପ୍ରସ୍ତୁତ ହୋଇଥିବା ଟେଣ୍ଟ ପ୍ରବଳ ପବନରେ ଭୁଶୁଡ଼ି ପଡ଼ିଥିଲା। ଏହି ଦୁର୍ଘଟଣାରେ ୩ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ବ୍ୟକ୍ତିଙ୍କୁ ତୁରନ୍ତ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଲେଖାଯିବା ସୁଦ୍ଧା ମୃତାହତଙ୍କ ପରିଚୟ ମିଳିପାରିନଥିବା ସୂଚନା ମିଳିଛି। ଘଟଣା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ପୁଲିସ ଏବଂ ପ୍ରଶାସନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରବଳ କାଳବୈଶାଖୀ ଯୋଗୁଁ କେନ୍ଦୁଝର ଜିଲ୍ଲାର ଅନେକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ମଧ ବାଧାପ୍ରାପ୍ତ ହୋଇଥିବା ଖବର



ମିଳିଛି। କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡରେ ୩ ମୃତ ପରିବାରକୁ ୪ ଲକ୍ଷର ଅନୁକମ୍ପା ରାଶି ଘୋଷଣା କରାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଲେଖାଏଁ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ ଗଭୀର ଶୋକ ପ୍ରକାଶ କରିଛନ୍ତି।

# 'କକ୍ରୋଚ୍ ଜନତା ପାର୍ଟି' ସୋସିଆଲ ମିଡିଆରେ ଭାଇରାଲ୍

### ବ୍ଲକ୍ ହେବା ପରେ ନୂଆ ଏକ୍ସ ଆକାଉଣ୍ଟ ଖୋଲିଲା କକ୍‌ରୋଚ୍ ପାର୍ଟି

ନୂଆଦିଲ୍ଲୀ, ୨୧।୫: କକ୍ରୋଚ୍ ଜନତା ପାର୍ଟି ହେଉଛି ଆଜି ବିଶ୍ୱରେ ସୋସିଆଲ ମିଡିଆର ଶକ୍ତିର ସବୁଠାରୁ ସଦ୍ୟତମ ଉଦାହରଣ। ଭାରତର ମୁଖ୍ୟ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଦେଶର କିଛି ବଛା ବଛା ବେକାର ଯୁବବର୍ଗଙ୍କ କାର୍ଯ୍ୟ ଉପରେ 'କକ୍ରୋଚ୍' ମନ୍ତବ୍ୟ ଦେବା ମାତ୍ରେ, ଜଣେ ବ୍ୟକ୍ତି ଏହାକୁ ସୋସିଆଲ ମିଡିଆରେ ଏପରି ଏକ ଅସ୍ତ୍ରରେ ପରିଣତ କରି କିଛି ଦିନ ମଧ୍ୟରେ ସେ ଇନଷ୍ଟାଗ୍ରାମରେ ଫଲୋଅର୍ସଙ୍କ ଦୃଷ୍ଟିରୁ ବିଶ୍ୱର ସବୁଠାରୁ ବଡ଼ ଦଳ ବୋଲି ଦାବି କରୁଥିବା ବିଜେପିକୁ ମଧ ପଛରେ ପକାଇ ଦେଇଛି। ଇନଷ୍ଟାଗ୍ରାମରେ କକ୍ରୋଚ୍ ଜନତା ପାର୍ଟି ହ୍ୟାଣ୍ଡେଲରେ ଫଲୋଅର୍ସଙ୍କ ସଂଖ୍ୟା ସମସ୍ତ ରେକର୍ଡ ଭାଙ୍ଗିବାରେ ଲାଗିଛି। ଏହାର ଇନଷ୍ଟାଗ୍ରାମ ଫଲୋଅର୍ସ ୧୦.୩ ନିୟୁତରେ ପହଞ୍ଚିଛି। ଏହି ସମୟରେ, ବିଜେପିର କେବଳ ୮.୭ ନିୟୁତ ଫଲୋଅର୍ସ ଅଛନ୍ତି। ଆମ ଆଦମୀ ପାର୍ଟିର ୧.୯ ନିୟୁତ ଫଲୋଅର୍ସ




ଅଛନ୍ତି, ଏବଂ କଂଗ୍ରେସର ୧୩.୩ ନିୟୁତ ଫଲୋଅର୍ସ ଅଛନ୍ତି। ସରକାରଙ୍କୁ ସମାଲୋଚନା କରୁଥିବା କକ୍‌ରୋଚ୍ ଜନତା ପାର୍ଟି (ସିଜେପି)ର ମୂଳ ହ୍ୟାଣ୍ଡେଲକୁ ଗୁରୁବାର ଭାରତରେ ବ୍ଲକ୍ କରିବାର କିଛି ଘଣ୍ଟା ପରେ ଏହା ଏକ ନୂତନ ଏକ୍ସ ଆକାଉଣ୍ଟ ଖୋଲି ନିଜର ସମାଲୋଚନା ଓ ବ୍ୟଙ୍ଗ ଅଭିଯାନ ଜାରି ରଖିଛି। ଗୋଷ୍ଠୀର ଅନ୍‌ଲାଇନ୍ ଲୋକପ୍ରିୟତା ବୃଦ୍ଧି ମଧ୍ୟରେ ଏହି ବିକାଶ ଘଟିଛି, ଦଳ ନିକଟରେ ଫଲୋଅର (ଅନୁଗାମୀ) ସଂଖ୍ୟା ଦୃଷ୍ଟିରୁ ବିଜେପିର ଅଫିସିଆଲ୍ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟକୁ ଅତିକ୍ରମ କରିଛି। ନୂଆ ଆକାଉଣ୍ଟ ମାଧ୍ୟମରେ ଏକ୍ସକୁ ଫେରିବାର ଏକ ଘଣ୍ଟା ମଧ୍ୟରେ, କକ୍‌ରୋଚ୍ ପାର୍ଟି ଏହାର ସମାଲୋଚକମାନଙ୍କୁ ପରିହାସ କରି ଦୁଇଟି ନୂତନ ପୋଷ୍ଟ ସେୟାର କରିଥିଲା। ଗୋଟିଏ ପୋଷ୍ଟରେ ଲେଖାଥିଲା, ଆପଣ ଭାବୁଥିଲେ ଯେ ଆପଣ ଆମଠାରୁ ମୁକ୍ତି ପାଇପାରିବେ, କେବେ ନୁହେଁ। ଏହା ଅନ୍ୟ ଏକ ପୋଷ୍ଟରେ ବିଜେପିର ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲ ଓ ସିଜେପିର ମୂଳ ଆକାଉଣ୍ଟର ଅନୁଗାମୀ (ଫଲୋଅର)ଙ୍କ ସଂଖ୍ୟା ତୁଳନା କରି ସ୍କ୍ରିନସଟ୍ ସେୟାର କରିଛି, ଯେଉଁଥିରେ କ୍ୟାପସନରେ ଲେଖାଯାଇଛି: 'ସେମାନେ ଆମକୁ ବ୍ଲକ୍ କରିବାର କାରଣ'। ସିଜେପିର ପ୍ରତିଷ୍ଠାତା ଅଭିଜିତ ଦୀପକେ ମଧ ଏହି ଘଟଣା ଉପରେ ସର୍ବସାଧାରଣରେ ପ୍ରତିକ୍ରିୟା ପ୍ରକାଶ କରି ଏକ ଫଟୋ ସେୟାର କରି କହିଛନ୍ତି ଯେ ଭାରତରେ ମୂଳ ଆକାଉଣ୍ଟକୁ ଅଟକାଇ ରଖାଯାଇଛି। ଏହି କାର୍ଯ୍ୟାନୁଷ୍ଠାନ ଆଶା କରାଯାଉଥିଲା, କାରଣ ପାରୋଡି (ବ୍ୟଙ୍ଗ) ଆନ୍ଦୋଳନକୁ ନେଇ ଆଲୋଚନା ଅନ୍‌ଲାଇନ୍‌ରେ ଟ୍ରେଣ୍ଡ ଜାରି ରଖିଛି। କିଛି ଦିନ ପୂର୍ବରୁ ଏକ ଅନ୍‌ଲାଇନ୍ ବ୍ୟଙ୍ଗାତ୍ମକ ଆନ୍ଦୋଳନ ଭାବରେ ଯାହା ଆରମ୍ଭ ହୋଇଥିଲା ତାହା ବର୍ତ୍ତମାନ ଏକ ପୂର୍ଣ୍ଣ ଡିଜିଟାଲ୍ ଘଟଣାରେ ପରିଣତ ହୋଇଛି, ଯାହା ବେରୋଜଗାରୀ, ପରୀକ୍ଷା ପେପର ଲିକ୍, ରାଜନୈତିକ ଆଲୋଚନା ଓ ଆନୁଷ୍ଠାନିକ ଉତ୍ତର ଦାୟିତ୍ୱକୁ ନେଇ ଯୁବକମାନଙ୍କ ନିରାଶା ଦ୍ୱାରା ପରିଚାଳିତ।

## ଶରୀର ହୁଏ ପ୍ରଭାବିତ

ଦେବୀଙ୍କୁ ଭକ୍ତିରେ ପ୍ରସନ୍ନ କରିବା ପାଇଁ ଅନେକ ପ୍ରକାର ଉପାୟ ରହିଛି। ସେଥିମଧ୍ୟରୁ ଦେବଦେବୀଙ୍କୁ ଆଳତି ପୂର୍ବକ ପ୍ରସନ୍ନ କରିବା ହେଉଛି ଅନ୍ୟତମ। ଆଳତି କରିବା ସମୟରେ ଦେବଦେବୀଙ୍କ ସ୍ତୁତି କରିବା ଉଚିତ୍। ତେବେ ଏହି ସ୍ତୁତିକୁ ଅତି ମଧୁର କଣ୍ଠରେ ଗାନ କରିବା ଆହୁରି ମହତ୍ତ୍ୱପୂର୍ଣ୍ଣ ଅଟେ। ମଧୁର କଣ୍ଠରେ ସ୍ୱରକରି ଆଳତି ଗାନର କେବଳ ଯେ ଧାର୍ମିକ କାରଣ ରହିଛି ତାହା ନୁହେଁ, ଏହାର ବୈଜ୍ଞାନିକ କାରଣ ମଧ ରହିଛି। ଆଳତି କରିବା ସମୟରେ ମଧୁର କଣ୍ଠରେ ଦେବଦେବୀଙ୍କ ସ୍ତୁତି କରିବା ଦ୍ୱାରା ଭଗବାନ ଶୀଘ୍ର ପସନ୍ନ ହୋଇଥାନ୍ତି ବୋଲି ଧାର୍ମିକ ଦୃଷ୍ଟିରେ କୁହାଯାଇଛି। ସେହିପରି ବୈଜ୍ଞାନିକ ଦୃଷ୍ଟିକୋଣରୁ ଦେଖିଲେ ବି ସଙ୍ଗୀତ ହେଉଛି ମନକୁ ଆନନ୍ଦ ପ୍ରଦାନ କରୁଥିବା ଏକ ମାଧ୍ୟମ। ଆହୁରି ପୂର୍ବରୁ ରହିଆସିଛି ଯେ, ଆଳତି ସମୟରେ ବିଭିନ୍ନ ପ୍ରକାର ବାଦ୍ୟଯନ୍ତ୍ର(ଘଣ୍ଟ, ଢ଼ୋଲ, ମୃଦଙ୍ଗ, କାହାଳୀ, ବଇଁଶୀ ଏହିପରି ଅନେକ) ବଜାଇ ସ୍ୱରକରି ସ୍ତୁତି ଗାନ କଲେ ତାହା ଶୀଘ୍ର ଦେବଦେବୀଙ୍କ ନିକଟରେ ପହଞ୍ଚିପାରିଥାଏ। ପ୍ରତିଦିନ ତେଣୁ ସକାଳ ସମୟରେ ସୁରତାଳ ସହିତ ଭଗବାନଙ୍କ ଆଳତି କରିବା ଶୁଭ ହୋଇଥାଏ। ଏହାଦ୍ୱାରା ସ୍ୱାସ୍ଥ୍ୟ ମଧ ଭଲ ରହେ। ଉଚିତ ଭାବେ ଗାଇଲେ ପୂରା ଶରୀର ପ୍ରଭାବିତ ହୁଏ। ଶରୀରକୁ



ଶକ୍ତି ମିଳେ। କଣ୍ଠ ମଧ ସଫା ଏବଂ ସୁରିଲା ହୁଏ। ଏହାକୁ ଏକ ପ୍ରକାର ଯୋଗ ମଧ କୁହାଯାଇପାରେ। ଗଳା ସମ୍ପର୍କିତ କୌଣସି ରୋଗ ହୁଏ ନାହିଁ। ତେଣୁ ଯେତେବେଳେ ଆଳତି କରୁଛନ୍ତି ଚେଷ୍ଟା କରନ୍ତୁ ଉଚିତ ସୁରତାଳରେ ଲହରାଇ ଗାଇବାକୁ। ତେବେ ଠାକୁର ଶୀଘ୍ର ପ୍ରସନ୍ନ ହେବା ସହିତ ଆପଣଙ୍କ ସ୍ୱାସ୍ଥ୍ୟ ବି ଭଲ ରହିପାରିବ।

## ବୈଭବର ଜ୍ୱାଳା





**ଦେବଲୋକର ଇନ୍ଦ୍ର ସର୍ବଶକ୍ତିସମ୍ପନ୍ନ ଥିଲେ। ତାଙ୍କ ନିକଟରେ ଯଥେଷ୍ଟ ଦେବସୈନ୍ୟ ଥିଲେ ଯେଉଁମାନେ ଖୁବ୍ ବଳଶାଳୀ...**

ଆତ୍ରେୟ ଥିଲେ ମହର୍ଷି ଅତ୍ରିଙ୍କ ପୁତ୍ର। ଏକଦା ଦେବଲୋକର ରାଜଧାନୀ ଅମରାବତୀ ଗଲେ। ସେଠାର ଐଶ୍ୱର୍ଯ୍ୟ, ବୈଭବ, ଚାକଚକ୍ୟ ଦେଖି ଏଭଳି ହତଚକିତ ହୋଇଯାଇଥିଲେ ଯେ ଆଶ୍ରମକୁ ଫେରିବା ପରେ ସର୍ବଦା ତାଙ୍କର ମନ ଭିତରେ ଝଲସି ଉଠୁଥିଲା ଅମରାବତୀର ସେହି ଅପରୂପ ବୈଭବ। ଦିବାନିଶି ଏହି ଭାବନା କାରଣରୁ ଧ୍ୟାନ-ଧାରଣା, ଜପ-ତପାଦି ନିତ୍ୟନୈମିତ୍ତିକ କ୍ରିୟାରେ ମନ ଲାଗିଲା ନାହିଁ। ବିହିତ କର୍ମ (ଜପ-ତପାଦି) ସୁଚାରୁରୂପେ ପୂର୍ବ ଭଳି ସମ୍ପାଦନ କରିବା ଲାଗି ପତ୍ନୀ ବହୁତ ବୁଝାଇଥିଲେ। ହେଲେ ଏହା ନିଷ୍ଫଳ ଥିଲା। ପତ୍ନୀ ଶେଷରେ ତ୍ୱଷ୍ଟା ନାମକ ଜଣେ ସିଦ୍ଧତପା ଋଷିଙ୍କ ନିକଟକୁ ଯାଇ ତାଙ୍କର ପରାମର୍ଶ ଗ୍ରହଣ ପାଇଁ ପ୍ରବର୍ତ୍ତାଇବାରେ ସଫଳ ହୋଇଥିଲେ। ଆତ୍ରେୟ ତ୍ୱଷ୍ଟାଙ୍କ ନିକଟକୁ ଯାଇ ନିଜ ଇଚ୍ଛା ପ୍ରକଟ କରିଥିଲେ। ତ୍ୱଷ୍ଟା ଦିବ୍ୟଦୃଷ୍ଟି ବଳରେ ଜାଣିପାରିଲେ- ଆତ୍ରେୟଙ୍କ ମନ ବିଚଳିତ ଅଛି। ଥରେ ଅମରାବତୀର ସୁଖ ଭୋଗ ନକଲେ ସେ ସ୍ୱାଭାବିକ ଅବସ୍ଥାକୁ ଆସିବେ ନାହିଁ। ଆତ୍ରେୟଙ୍କୁ ଆଶ୍ୱାସନା ଦେଇ କହିଥିଲେ- 'ବତ୍ସ ! ମୁଁ ତୁମର ବାସନା ପୂର୍ତ୍ତିରେ ସହାୟତା କରିବି। ଏବେ ନିଜ ଆଶ୍ରମକୁ ଫେରିଯାଅ।' ଆତ୍ରେୟ ଆଶ୍ରମରେ ପହଞ୍ଚିବା ବେଳକୁ ତାଙ୍କୁ ଲାଗିଲା ସେ ଇନ୍ଦ୍ରଭୁବନରେ ପହଞ୍ଚି ଯାଇଛନ୍ତି। ନିଜକୁ ଇନ୍ଦ୍ର ଏବଂ ପତ୍ନୀଙ୍କୁ ଇନ୍ଦ୍ରାଣୀ ମନେ କଲେ। ଇନ୍ଦ୍ରପୁରୀର ସୁଖ ସମ୍ଭୋଗ ଭିତରେ ରହିବାର ଦିନ କେଇଟା ଭିତରେ ଦେବ ଅରି ଅସୁରମାନଙ୍କୁ ସୂଚନା ମିଳିଗଲା ଯେ ମର୍ତ୍ତ୍ୟଲୋକରେ ମଧ ଗୋଟିଏ ଇନ୍ଦ୍ରଭୁବନ ଅଛି। ସେଠାରେ ଜଣେ ଇନ୍ଦ୍ର ଅଛନ୍ତି। ନିଷ୍ପତ୍ତି ନେଲେ ଅବିଳମ୍ବେ ଯାତ୍ରା କରି ସେହି ଇନ୍ଦ୍ରକୁ ହଟାଇ ସିଂହାସନ ଦଖଲ କରିବାକୁ। ରେରେକାର ଧ୍ୱନିରେ ଚତୁର୍ଦ୍ଦିଗ ପ୍ରକମ୍ପିତକରି ଅସୁରମାନେ ଆତ୍ରେୟଙ୍କ ତଥାକଥିତ ଅମରାବତୀ ଅବରୋଧ କଲେ। ଦେବଲୋକର ଇନ୍ଦ୍ର ସର୍ବଶକ୍ତିସମ୍ପନ୍ନ ଥିଲେ। ତାଙ୍କ ନିକଟରେ ଯଥେଷ୍ଟ ଦେବସୈନ୍ୟ ଥିଲେ ଯେଉଁମାନେ ଖୁବ୍ ବଳଶାଳୀ। ହେଲେ ଆତ୍ରେୟ ! ସେ ତ ସଂସାର ବୈରାଗୀ ଜଣେ ସନ୍ନ୍ୟାସୀ। ତାଙ୍କ ନିକଟରେ ନା ଥିଲା ସୈନ୍ୟବଳ ନା ଅସ୍ତ୍ର ବଳ। ପ୍ରାଣରକ୍ଷା ନିମିତ୍ତ ସବୁ ଛାଡ଼ି ଏକମୁହାଁ ହୋଇ ଧାଇଁଥିଲେ ତ୍ୱଷ୍ଟାଙ୍କ ନିକଟକୁ। ପଛେପଛେ ତାଙ୍କ ସ୍ତ୍ରୀ ତ୍ୱଷ୍ଟାଙ୍କ ନିକଟରେ ପହଞ୍ଚି ଜୀବନଭିକ୍ଷା କରି କହିଥିଲେ- 'ଅମରାବତୀର ଐଶ୍ୱର୍ଯ୍ୟ, ସୁଖ ମୋର ଲୋଡ଼ା ନାହିଁ। ମୋର ପ୍ରାଣ ସଂକଟରେ, ଏ ସଂକଟକୁ ମୁଁ ଆମନ୍ତ୍ରଣ କରି ଆଣିଛି। ମୋତେ ଏଥିରୁ ଉଦ୍ଧାର କରନ୍ତୁ। ଆଶ୍ରମର ସୁଖ, ଐଶ୍ୱର୍ଯ୍ୟ ଏହାଠାରୁ ଶତଗୁଣ ଭଲ। ତପସ୍ୱୀର ତ୍ୟାଗପୂତ ଜୀବନ ଅମରାବତୀର ଐଶ୍ୱର୍ଯ୍ୟଠାରୁ ଶ୍ରେୟସ୍କର।' ତ୍ୱଷ୍ଟା ହସିହସି କହିଥିଲେ- 'ଅମରାବତୀର ସୁଖ-ଐଶ୍ୱର୍ଯ୍ୟ କ'ଣ ଏତେ ଶୀଘ୍ର ତୁଚ୍ଛ ହୋଇଗଲା ? ବାହ୍ୟ ଚାକଚକ୍ୟ ବୈଭବ କେତେ ଦୁଃଖଦାୟକ ତାହା ଅନୁଭବ କଲ ତ ? ଯେଉଁମାନେ ବର୍ତ୍ତମାନକୁ ନେଇ ଖୁସି ନ ହୋଇ ଅବିମୃଶ୍ୟକାରୀ ଭାବରେ ସୁଖ ସମ୍ଭୋଗ ଭିତରେ ରହିବାକୁ କାମନା କରିଥାନ୍ତି, ସେମାନେ ତୁମ ଭଳି ଏହାର ଜ୍ୱାଳା ଭୋଗ କରିଥାନ୍ତି। ଯାଅ, ଏବେ ତପୋବନରେ ପୂର୍ବ ଭଳି ତପସ୍ୱୀର ଜୀବନ ଅତିବାହିତ କର।'



## କୁନ୍ତୀ, ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ମୃତ୍ୟୁ ରହସ୍ୟ



**ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ।**

ମହାଭାରତ ଯୁଦ୍ଧ ସମାପ୍ତି ପରେ ହସ୍ତିନାପୁରର ରାଜା ହେଲେ ଯୁଧିଷ୍ଠିର। ଏହାପରେ କୌରବଙ୍କ ପିତା ଧୃତରାଷ୍ଟ୍ର ଓ ତାଙ୍କ ପତ୍ନୀ ଗାନ୍ଧାରୀ ଏବଂ ପାଣ୍ଡବଙ୍କ ମାଆ କୁନ୍ତୀଙ୍କ ସହ ଜଙ୍ଗଲକୁ ଚାଲିଯିବାକୁ ବାହାରିଥିଲେ। ଯୁଧିଷ୍ଠିରଙ୍କ ଅନୁମତି ପାଇଁ ତିନିଜଣ ତାଙ୍କ ପାଖକୁ ଯାଇଥିଲେ । ହେଲେ ଯୁଧିଷ୍ଠିର ଓ ତାଙ୍କ ଭାଇମାନେ ଜଙ୍ଗଲ ନଯିବା ପାଇଁ ତାଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌରବ ଏବଂ ଧୃତରାଷ୍ଟ୍ରଙ୍କ ପ୍ରତି ଭୀମ ନିଜର ରାଗକୁ ଅଧିକ ସମୟ ପର୍ଯ୍ୟନ୍ତ ନିୟନ୍ତ୍ରଣ କରିପାରିନଥିଲେ। ଭୀମଙ୍କ ମୁହଁରୁ ଏମିତି ଏକ କଥା ବାହାରିଗଲା, ଯାହା ଧୃତରାଷ୍ଟ୍ରଙ୍କୁ ବହୁତ କଷ୍ଟ ଦେଲା । ତେଣୁ ସେ ରାଜମହଲରେ ରହିବେ ନାହିଁ ବୋଲି ନିଷ୍ପତ୍ତି ନେଇଥିଲେ। ଧୃତରାଷ୍ଟ୍ର ତାଙ୍କ ପତ୍ନୀଙ୍କୁ ସାଙ୍ଗରେ ନେଇ ଜଙ୍ଗଲ ଯାତ୍ରା ବାହାରିଲେ। ଏହି ସମୟରେ ଧୃତରାଷ୍ଟ୍ର ଓ ଗାନ୍ଧାରୀଙ୍କ ସହ ଯିବା ପାଇଁ ପାଣ୍ଡବଙ୍କ ମାଆ କୁନ୍ତି ମଧ ଜିଦ୍ କରିଥିଲେ। ଜଙ୍ଗଲକୁ ନଯିବା ପାଇଁ ଯୁଧିଷ୍ଠିର ସେମାନଙ୍କୁ ଯେତେ ବୁଝାଇଲେ ବି ସେମାନେ ମାନି ନଥିଲେ। ସେହି ସମୟରେ ବେଦବ୍ୟାସ ରାଜମହଲରେ ପଦାର୍ପଣ କରିଥିଲେ। ସେମାନଙ୍କ ଜଙ୍ଗଲ ଯାତ୍ରା ପାଇଁ ଯୁଧିଷ୍ଠିରଙ୍କୁ ବୁଝାଇ ଦେଇଥିଲେ ବ୍ୟାସଦେବ । ଧୃତରାଷ୍ଟ୍ର, ଗାନ୍ଧାରୀ ଓ କୁନ୍ତିଙ୍କୁ ସାଙ୍ଗରେ ନେଇ ବେଦବ୍ୟାସ ଜଙ୍ଗଲକୁ ଚାଲି ଯାଇଥିଲେ। ବହୁ ବର୍ଷଧରି ବାନପ୍ରସ୍ଥ ଆଶ୍ରମରେ ସେମାନେ ସାଧୁ ଓ ସନ୍ୟାସୀଙ୍କ ଭଳି ଜୀବନ ଅତିବାହିତ କରୁଥିଲେ। ରାଜମହଲରେ ବିଳାସପୂର୍ଣ୍ଣ ଭାବେ ରହୁଥିବା ଏହି ତିନିଜଣଙ୍କ ଶରୀର ଧୀରେ ଧୀରେ ଦୁର୍ବଳ ହେବାକୁ ଲାଗିଲା। ଦିନେ ଜଙ୍ଗଲରେ ଅଚାନକ ନିଆଁ ଲାଗି ଗଲା। ନିଜ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଦୌଡ଼ା ଦୌଡ଼ି କଲେ। ନିଜ ଜୀବନ ବଞ୍ଚାଇବା ପାଇଁ କୁନ୍ତି, ଗାନ୍ଧାରୀ ଓ ଧୃତରାଷ୍ଟ୍ର ମଧ ଦୌଡ଼ିବା ଆରମ୍ଭ କରିଥିଲେ। ହେଲେ ଦୁର୍ବଳ ଶରୀର ପାଇଁ ଅଧିକ ବାଟ ଯାଇପାରିଲେ ନାହିଁ। ଦ୍ରୁତଗତିରେ ନିଆଁ ଜଙ୍ଗଲର ଚାରିଆଡ଼େ ଖେଳିଗଲା । ଆଉ କିଛି ଉପାୟ ନପାଇ ଧୃତରାଷ୍ଟ୍ର , ଗାନ୍ଧାରୀ ଓ କୁନ୍ତି ଧ୍ୟାନରେ ବସିଗଲେ। ଏହି ନିଆଁରେ ତିନିଜଣ ଜଳିପୋଡି ପାଉଁଶ ହୋଇଗଲେ।







## ଘଟୋତ୍କଚଙ୍କ ମୃତ୍ୟୁ ଓ କୃଷ୍ଣ

ଘଟୋତ୍କଚଙ୍କ ମୃତ୍ୟୁରେ ସମସ୍ତ ପାଣ୍ଡବ ଦୁଃଖିତ ଥିଲେ କିନ୍ତୁ ଶ୍ରୀକୃଷ୍ଣ ଖୁସି ହୋଇଥିଲେ କାରଣ ସେ ଦେଖିଲେ ଯେ ଯଦି ଘଟୋତ୍କଚ ବଞ୍ଚିଥାନ୍ତେ, ତେବେ ଅର୍ଜୁନଙ୍କ ଜୀବନ ବିପଦରେ ପଡ଼ିଥାନ୍ତା। ଘଟୋତ୍କଚଙ୍କ ମୃତ୍ୟୁ ପରେ ଯୁଦ୍ଧର ଗତି ପରିବର୍ତ୍ତନ ହେଲା। କର୍ଣ୍ଣ ଏବେ ଇନ୍ଦ୍ରଙ୍କ ଶକ୍ତି ହରାଇ ସାରିଥିଲେ, ଯାହା ଫଳରେ ଅର୍ଜୁନଙ୍କ ପାଇଁ କର୍ଣ୍ଣଙ୍କ ସହିତ ଯୁଦ୍ଧ କରିବା ସହଜ ହୋଇଗଲା। ତେଣୁ, ଘଟୋତ୍କଚଙ୍କ ମୃତ୍ୟୁ ଯୁଦ୍ଧର ଫଳାଫଳକୁ ପ୍ରଭାବିତ କଲା। ପାଣ୍ଡବମାନଙ୍କ ପାଇଁ ଏକ ନୂତନ ସୁଯୋଗ ପ୍ରଦାନ କଲା।



## ଯେଉଁଠି ମନ୍ଦାର ଫୁଲ ପଡ଼ିଲା ସେହି ସ୍ଥାନରେ ତୋଳା ହେଲା ପ୍ରଭୁ ନୃସିଂହଙ୍କ ମନ୍ଦିର





ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକର ନୃସିଂହ ଠାକୁରଙ୍କ ମନ୍ଦିର । ପ୍ରଭୁ ନୃସିଂହ ହେଉଛନ୍ତି ବିଶ୍ୱାସ ଓ ଭକ୍ତିର ଠାକୁର । ତେଣୁ ଏହି ଗାଁରେ ବହୁତ ବର୍ଷ ହେଲା ହୋଇଆସୁଛି ପ୍ରହ୍ଲାଦ ନାଟକ । ପ୍ରାୟ ପଚାଶ ବର୍ଷ ତଳର କଥା ନାଟକ ପରିବେଷଣ କରି ଆସିବା ପରେ ନୃସିଂହ ଠାକୁରଙ୍କ ମୁଖା ରଖିବା ପାଇଁ ଜାଗାର ଅଭାବ ରହିଥିଲା । ଲୋକମାନେ ଠାକୁରଙ୍କୁ ସୁମରଣା କଲେ । ଏହାପରେ ଠାକୁରଙ୍କ ସ୍ୱପ୍ନାଦେଶ ହେଲା । ପ୍ରଭୁ କହିଲେ ଯେଉଁଠି ଲାଲ ମନ୍ଦାରଟିଏ ପଡ଼ିବାର ଦେଖିବ ସେଠାରେ ମନ୍ଦିର ତୋଳିବ । ଏହାପରେ ସକାଳୁ ସକାଳୁ ଗ୍ରାମବାସୀ ଦେଖିବାକୁ ପାଇଲେ ମନ୍ଦାର ଫୁଲ । ଏହାପରେ ଗ୍ରାମବାସୀ ହାତକୁ ହାତ ମିଳାଇ ଏକ ସୁନ୍ଦର ମନ୍ଦିର ତୋଳି ପାରିଛନ୍ତି । କୁହାଯାଏ ଏହି ଗାଁକୁ ରାସ୍ତା ଠିକ୍ ରେ ନଥିଲା । ଅନେକ ପରିବାରର ଚାଳ ଛପର ଘର ଥିଲା । କିନ୍ତୁ ଯେବେଠାରୁ ମନ୍ଦିର ତୋଳାଗଲା ସେବେଠାରୁ ଅନେକ ଲୋକଙ୍କ ଜୀବନ ଶୈଳୀରେ ମଧ ପରିବର୍ତ୍ତନ ଘଟିଛି । ଲକ୍ଷ୍ମୀ ନୃସିଂହ ଠାକୁରଙ୍କର ଉଗ୍ର ରୂପ କିନ୍ତୁ ସେ ଶାନ୍ତିର ପ୍ରତୀକ ।

## ଅଷ୍ଟମୁଖୀ ରୁଦ୍ରାକ୍ଷ

ଅଷ୍ଟମୁଖୀ ରୁଦ୍ରାକ୍ଷ ପିନ୍ଧିବା ପୂର୍ବରୁ ଏହାକୁ ଶୁଦ୍ଧ କରିବା ଜରୁରୀ। ଏଥିପାଇଁ ସୋମବାର କିମ୍ବା ବୁଧବାର ଏହାକୁ ଗଙ୍ଗା ଜଳ କିମ୍ବା ଶୁଦ୍ଧ ପାଣିରେ ଧୋଇ ଭଲ ଭାବରେ ସଫା କରନ୍ତୁ। ପୂଜାଘରେ ଗଣେଶଙ୍କ ମୂର୍ତ୍ତି କିମ୍ବା ଫଟୋ ସାମ୍ନାରେ ରୁଦ୍ରାକ୍ଷଟିକୁ ରଖି ଧୂପ-ଦୀପ ଜାଳି ଗଣେଶ ମନ୍ତ୍ର 'ଓମ୍ ଗଣପତୟେ ନମଃ' ୧୦୮ଥର ଜପ କରନ୍ତୁ। ଏହାପରେ ରୁଦ୍ରାକ୍ଷକୁ ଲାଲ ସୂତା କିମ୍ବା ସୁନା-ରୁପା ଚେନରେ ବେକ କିମ୍ବା ହାତରେ ପିନ୍ଧନ୍ତୁ।

### ସକାଳେ ଖାଲି ପେଟରେ ପିଅନ୍ତୁ

## ନଡ଼ିଆପାଣି



ଔଷଧୀୟ ଗୁଣରେ ଭରପୂର ନଡିଆ ପାଣି, ଆପଣଙ୍କର ସାମଗ୍ରିକ ସ୍ୱାସ୍ଥ୍ୟକୁ ବହୁ ପରିମାଣରେ ଉନ୍ନତ କରିପାରିବ । ଯଦି ସକାଳେ ଆପଣଙ୍କ ଡାଏଟରେ ନଡ଼ିଆ ପାଣି ସାମିଲ କରୁଛନ୍ତି, ତେବେ ଅନେକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ଶିକାର ହେବାରୁ ନିଜକୁ ରକ୍ଷା କରିପାରିବେ । ନଡିଆ ପାଣି ପିଇବା ଦ୍ୱାରା ଆପଣ ଦିନସାରା ଶକ୍ତିଶାଳୀ ଅନୁଭବ କରିବେ । ଯଦି ଭାବୁଛନ୍ତି ଯେ ଏହି ପାଣି ପିଇବା କେବଳ ଶରୀରକୁ ହାଇଡ୍ରେସନ୍ ଯୋଗାଇଥାଏ, ତେବେ ଏହି ଭୁଲ ଧାରଣାକୁ ଦୂର କରିବା ଉଚିତ୍ । ନଡ଼ିଆ ପାଣି ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

**ଓଜନ ହ୍ରାସ କରିବାରେ ସାହାଯ୍ୟକାରୀ:** କମ୍ କ୍ୟାଲୋରୀ ନଡ଼ିଆ ପାଣି ଆପଣଙ୍କ ଓଜନ ହ୍ରାସ ବା ୱେଟ୍ ଲସ୍ ଜର୍ଣ୍ଣିକୁ ସହଜ କରିବାରେ ସହାୟକ ହୋଇପାରେ । ନଡ଼ିଆ ପାଣି ପିଇବା ଦ୍ୱାରା ଆପଣଙ୍କ ପେଟ ଅଧିକ ସମୟ ପର୍ଯ୍ୟନ୍ତ ପୂର୍ଣ୍ଣ ଅନୁଭବ ହେବ, ଯାହା ଆପଣଙ୍କୁ ଅତ୍ୟଧିକ ଖାଦ୍ୟ ଖାଇବାରୁ ରକ୍ଷା କରିବ । ଏହା ବ୍ୟତୀତ ଇମ୍ୟୁନ ସିଷ୍ଟମକୁ ମଜଭୁତ କରିବା ପାଇଁ ମଧ ଆପଣ ନଡ଼ିଆ ପାଣି ପିଇପାରିବେ ।

**ନଡ଼ିଆ ପାଣି ପିଇବା ଦ୍ୱାରା ଆପଣ ଦିନସାରା ଶକ୍ତିଶାଳୀ ଅନୁଭବ କରିବେ । ଯଦି ଆପଣ ମଧ ଭାବୁଛନ୍ତି ଯେ ନଡିଆ ପାଣି ପିଇବା କେବଳ ଶରୀରକୁ ହାଇଡ୍ରେସନ୍ ଯୋଗାଇଥାଏ, ତେବେ ଆପଣ ଏହି ଭୁଲ ଧାରଣାକୁ ଦୂର କରିବା ଉଚିତ୍ । ନଡ଼ିଆ ପାଣି ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ**





**ଅନ୍ତନଳୀ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ:** ନଡ଼ିଆ ପାଣି ପିଇଲେ ଆପଣ ନିଜର ଅନ୍ତନଳୀ ସ୍ୱାସ୍ଥ୍ୟକୁ ବହୁ ପରିମାଣରେ ଉନ୍ନତ କରିପାରିବେ । ଏସିଡ଼ିଟି ପରି ପେଟ ସମ୍ବନ୍ଧୀୟ ସମସ୍ୟାରୁ ମୁକ୍ତି ପାଇବା ପାଇଁ ନଡ଼ିଆ ପାଣି ପିଇବାକୁ ପରାମର୍ଶ ଦିଆଯାଇଛି । ଏହା ବ୍ୟତୀତ ଆପଣ ନଡ଼ିଆ ପାଣି ପିଇ ରକ୍ତଚାପ ବା ବ୍ଲଡ ପ୍ରେସରକୁ ନିୟନ୍ତ୍ରଣ କରିପାରିବେ । କିଡନୀକୁ ମଜଭୁତ ରଖିବାରେ ସହାୟକ ହୋଇଥାଏ ।

**ନଡ଼ିଆ ପାଣିରେ ମିଳୁଥିବା ଉପାଦାନ:** ନଡିଆ ପାଣିରେ ଆଣ୍ଟିଭାଇରାଲ୍, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିଫଙ୍ଗାଲ୍ ଗୁଣ ମିଳିଥାଏ । ଉତ୍ତମ ଫଳାଫଳ ପାଇବା ପାଇଁ, ଖାଲି ପେଟରେ ସକାଳେ ନଡ଼ିଆ ପାଣି ପିଇ ଦିନର ଆରମ୍ଭ କରିବା ଉଚିତ। ସକାଳେ ନଡ଼ିଆ ପାଣି ପିଇ ଆପଣଙ୍କ ଅଳସୁଆମିରୁ ମଧ ମୁକ୍ତି ପାଇପାରିବେ।

ନଡ଼ିଆ ପାଣି ପିଇବା ଦ୍ୱାରା ଆପଣ ଦିନସାରା ଶକ୍ତିଶାଳୀ ଅନୁଭବ କରିବେ । ଯଦି ଆପଣ ଭାବୁଛନ୍ତି ଯେ ନଡିଆ ପାଣି ପିଇବା କେବଳ ଶରୀରକୁ ହାଇଡ୍ରେସନ୍ ଯୋଗାଇଥାଏ, ତେବେ ଆପଣ ଏହି ଭୁଲ ଧାରଣାକୁ ଦୂର କରିବା ଉଚିତ୍ । ନଡ଼ିଆ ପାଣି ଆମ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ ।

# ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା : ମନ୍ତ୍ରୀ

ଭୁବନେଶ୍ୱର,(ହି.ସ.) - ଲୋକ ସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଗୁରୁବାର ପାନୀୟ ଜଳ ସମ୍ବନ୍ଧିତ ବିଭିନ୍ନ ସମସାମୟିକ ବିଷୟ ଉପରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଗଣମାଧ୍ୟମକୁ ସମ୍ବୋଧନ କରିଥିଲେ। ଏହା ପୂର୍ବରୁ ରାଜ୍ୟର ପାନୀୟ ଜଳ ପ୍ରକଳ୍ପଗୁଡ଼ିକର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ପାନୀୟ ଜଳ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜଙ୍କ ସହ ଏକ ବିସ୍ତୃତ ସମୀକ୍ଷା ଆଲୋଚନା ଅନୁଷ୍ଠିତ ହୋଇଥିଲା।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି ସରକାର ୨୦୨୭ ମାର୍ଚ୍ଚ ଶେଷ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ୍ ଜଳ ସୁବିଧା ପହଂଚାଇବାକୁ ପ୍ରତିବଦ୍ଧ ଏବଂ ଏହି ଲକ୍ଷ୍ୟ ପୂରଣ ପାଇଁ ବିଭାଗ ପକ୍ଷରୁ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

ମୋଟ ୨୦୭ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୩୩ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଯାହା ମାଧ୍ୟମରେ ମୋଟ ୨୪୦୨ଟି ଗ୍ରାମକୁ ପାଇପ୍ ଜଳ ସୁବିଧା ଯୋଗାଇ ଦିଆଯାଇଛି। ଅନ୍ୟ ୧୪ଟି ପ୍ରକଳ୍ପ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବାକୁ ଯାଉଛି, ଯାହା ମାଧ୍ୟମରେ ଆହୁରି ୧୩୩୧ଟି ଗ୍ରାମ ଉପକୃତ ହେବ। ୩୫ଟି ମେଗା ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ଆଂଶିକ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ, ସେଥିରୁ ୩୨୧୦ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ କରାଯାଉଛି। ଏପର୍ଯ୍ୟନ୍ତ ୧୮୫୫୨ଟି ସିଙ୍ଗଲ୍ ଭିଲେଜ୍ ସ୍କିମ୍ ସମ୍ପୂର୍ଣ୍ଣ ହୋଇ ସୁରକ୍ଷିତ ପାନୀୟ ଜଳ ଯୋଗାଣ କରୁଛି। ମୋଟ ୬୩୬୯ଟି ସୋଲାର ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ୨୦୨୪ ମସିହାରୁ ବିଭିନ୍ନ ଅଞ୍ଚଳରେ ଜଳ ସଂକଟ ଦୂର କରିବା ପାଇଁ ୩୭୮୭୬ଟି ଟ୍ୟୁବୱେଲକୁ ଅନୁମୋଦନ କରାଯାଇଛି। ଚଳିତ ବର୍ଷ ମଧ୍ୟ ଜଳ ସଂକଟପ୍ରବଣ ଅଂଚଳଗୁଡ଼ିକୁ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ପାଇଁ ୬୨୯ଟି ଟ୍ୟାଙ୍କର୍ ନିଯୁକ୍ତ କରାଯାଇଛି। ବିଭିନ୍ନ ଗ୍ରାମାଂଚଳରେ ମୋଟ ୮୨୮୧ଟି ଜଳଛତ୍ର ଖୋଲାଯାଇଛି।

ସମୁଦାୟ ଭାବେ ଏପର୍ଯ୍ୟନ୍ତ ୨୦୮୭୫ଟି ଗ୍ରାମକୁ ପାଇପ୍ ଜଳ ଯୋଗାଣ ଅଧୀନରେ ଆଣାଯାଇଛି। ଏହା ସହିତ, ୭୦୪୨ଟି ଗ୍ରାମରେ ଷ୍ଟାଣ୍ଡ ପୋଷ୍ଟ ମାଧ୍ୟମରେ ଜଳ ଯୋଗାଣ କରାଯାଉଛି।

## ବିଭିନ୍ନ ଅଞ୍ଚଳରୁ ଚୋରି ହୋଇଥିବା ୪୪ ବାଇକ ଜବତ, ୬ ଗିରଫ



ଧର୍ମଗଡ଼,(ନିପ୍ର): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ପୋଲିସକୁ ବଡ଼ ସଫଳତା ମିଳିଛି । ବୁଧବାର ଏକ ବାଇକ ଚୋରି ଗ୍ୟାଙ୍ଗର ପର୍ଦ୍ଦାଫାଶ କରି ୪୪ଟି ଚୋରି ବାଇକ ଜବତ କରିବା ସହ ଘଟଣାରେ ସମ୍ପୃକ୍ତ ଥିବା ୬ ଜଣକୁ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଜୁନାଗଡ଼ (ଗନ୍ତାୟତପଡା) ସୁରଜ କୈବର୍ତ୍ତ (୧୮),ପବନ କୈବର୍ତ୍ତ(୨୩),ଆକାଶ କୈବର୍ତ୍ତ(୧୯), ହିଞ୍ଜଲି ବାହାଲି ପଡାର ଆଲୋକ ବାରିକ (୧୯),ମୁଣ୍ଡରାଗୁଡାର ଚାନ୍ଦ ନାଏକ(୨୧) ଓ ଭବାନୀପାଟଣା ନକଟିଗୁଡାର ସମୀର ଦୁର୍ଗା (୨୨)।ଏନେଇ ଜୁନାଗଡ଼ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଳାହାଣ୍ଡି ଏସପି ନାଗରାଜ ଦେବରକୋଣ୍ଡା ସୂଚନା ଦେଇଛନ୍ତି।

ଗତ ୧୩ ତାରିଖରେ ଜୁନାଗଡ଼ ଥାନାରେ ଏକ ବାଇକ ଚୋରି ନେଇ ମାମଲା ରୁଜୁ ହେବା ପରେ ପୋଲିସ ତଦନ୍ତକୁ ତ୍ୱରାନିତ କରିଥିଲା। ଏହାପରେ ଉପରୋକ୍ତ ବାଇକ ସବୁ ଜବତ କରିବା ସହ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ଚୋରି ବାଇକ ଗୁଡିକ ଜୁନାଗଡ଼ ଥାନା ସମେତ ଜିଲ୍ଲାର ଧର୍ମଗଡ଼, କୋକସରା, ଆମପାଣି ଓ ଗୋଲାମୁଣ୍ଡା ଥାନା ଅଞ୍ଚଳର ବୋଲି ଜଣାପଡିଛି। ଏସବୁ ଥାନା ଗୁଡିକରେ ପୂର୍ବରୁ ବାଇକ ଚୋରି ନେଇ ଏକାଧିକ ମାମଲା ରୁଜୁ ହୋଇଥିଲା। ସାମ୍ବାଦିକ ସମ୍ମିଳନୀରେ ଏସପିଙ୍କ ସହ ଧର୍ମଗଡ଼ ଏସଡିପିଓ ଉର୍ଷିତା ଅଡେପୁ ଏବଂ ଜୁନାଗଡ଼ ଥାନା ଅଧିକାରୀ ଶେଷଦେବ ବେହେରା ଉପସ୍ଥିତ ଥିଲେ। କଳାହାଣ୍ଡି ଏସପି ଦେବରକୋଣ୍ଡା ନିଜ ପ୍ରତିକ୍ରିୟାରେ ଜୁନାଗଡ଼ ପୋଲିସର ତ୍ୱରିତ କାର୍ଯ୍ୟକୁ ପ୍ରଶଂସା କରିବା ସହ ଏହି ଗ୍ୟାଙ୍ଗ ବହୁଦିନରୁ ଜିଲାର ବିଭିନ୍ନ ଅଞ୍ଚଳରେ ବାଇକ ଚୋରି କରି ଅବାଧରେ ବିକ୍ରି କରୁଥିଲେ। ଉଦ୍ଧାର ବାଇକ ଗୁଡ଼ିକକୁ ଯଥାଶୀଘ୍ର ପ୍ରକୃତ ମାଲିକଙ୍କୁ ହସ୍ତାନ୍ତର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ବାଇକ୍ ଧକ୍କାରେ ୫ବର୍ଷର ଶିଶୁ ମୃତ

ଦାମନଯୋଡି,(ନିପ୍ର): କୋରାପୁଟ ବ୍ଲକ ଲିଟିଗୁଡ଼ା ପଞ୍ଚାୟତ ଅନ୍ତର୍ଗତ ଆମ୍ବଗାଁ ଗ୍ରାମର ଗଙ୍ଗାଧର ମୁଦୁଲିଙ୍କ ପାଞ୍ଚ ବର୍ଷର ଝିଅ ଇତିଶ୍ରୀଙ୍କ ବାଇକ୍ ଧକ୍କାରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ବୁଧବାର ସକାଳ ପ୍ରାୟ ସାଢେ ଦଶଟା ସମୟରେ ଗଙ୍ଗାଧରଙ୍କ ପରିବାର ଏକ ବୋଲେରୋ ଭଡ଼ା କରି ତାଙ୍କ ବନ୍ଧୁଙ୍କ ବାହାଘର ଭୋଜିରେ ଯୋଗ ଦେବା ପାଇଁ କାକିରିଗୁମ୍ମା ଯାଉଥିଲେ। ଘରୁ ପ୍ରାୟ ୨ କି.ମି ଆସିବା ପରେ ଶ୍ମଶାନ ଛକରେ ହଠାତ୍ ଗାଡ଼ି ଖରାପ ହୋଇଯାଇଥିଲା । ଡ୍ରାଇଭର ଗାଡ଼ି ସଜାଡିବାରେ ବ୍ୟସ୍ତ ଥିବାବେଳେ ପ୍ରବଳ ଖରାରୁ ରକ୍ଷା ପାଇବା ପାଇଁ ପରିବାର ଲୋକମାନେ ନିକଟସ୍ଥ ଏକ ଗଛମୂଳେ ଆଶ୍ରୟ ନେଇଥିଲେ । କାକିରିଗୁମା ପଟୁ ସେମିଲିଗୁଡା ଯାଉଥିବା ଓଡି ୧୮ ଆର୍ ୧୨୮୦ ଏକ ହିରୋ ଗ୍ଲାମର ବାଇକ୍ ଦ୍ରୁତ ବେଗରେ ଆସି ଇତିଶ୍ରୀଙ୍କୁ ଧକ୍କା ଦେବା ଫଳରେ ସେ କିଛି ଦୂର ଛିଟିକି କଚାଡ଼ି ହୋଇ ପଡ଼ିଥିଲେ। ବାଇକ୍ ଚାଳକ ଦୁର୍ଘଟଣା ଘଟାଇ ଘଟଣା ସ୍ଥଳରୁ ଫେରାର ହୋଇଯିବାକୁ ଚେଷ୍ଟା କରିଥିଲା ବେଳେ ଗ୍ରାମବାସୀମାନେ ବାଇକ୍ ଚାଳକୁ ଧରି ଦାମନଯୋଡି ପୋଲିସର ଜିମାଦେଇ ଘଟଣା ବିଷୟରେ ଅବଗତ କରାଇଥିଲେ । ଗୁରୁତର ଅବସ୍ଥାରେ ପରିବାର ଲୋକେ ଇତିଶ୍ରୀଙ୍କୁ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ଜିଲ୍ଲା କ୍ଷତ୍ରିୟ ଧାକଡ ସମାଜ ପଦାଧିକାରୀ ବୈଠକ

ଡାବୁଗାଁ(ନିପ୍ର): ନବରଙ୍ଗପୁର ତୃପ୍ତି ଲର୍ଜୋ ସଭା ଗୃହରେ ନବରଙ୍ଗପୁର ଜିଲ୍ଲା କ୍ଷତ୍ରିୟ ଧାକଡ ସମାଜର ପଦାଧିକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା ସଭାପତି ଚକ୍ର ସିଂ, ସାଧାରଣ ସମ୍ପାଦକ ସୂର୍ଯ୍ୟବଂଶୀ ଜୟନ୍ତ, କାର୍ଯ୍ୟକାରୀ ସଭାପତି ଧନେଶ୍ୱର ସିଂ,ଉପ ସଭାପତି କାର୍ତ୍ତିକ ଦାସ, ସୁରେନ୍ଦ୍ର ନାୟକ, ହରି ଧାକଡ , ମନମୋହନ ସିଂ , କୋଷାଧ୍ୟକ୍ଷ ଭିକାରୀ ଚରଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପଦ୍ମନ ନାୟକଙ୍କୁ ସର୍ଭେ ସମିତିର ପ୍ରମୁଖ ଏବଂ ଲକ୍ଷ୍ମୀ ନାରାୟଣ ପାଣ୍ଡେଙ୍କୁ ସାମାଜିକ ସୁରକ୍ଷା ସମିତିର ପ୍ରମୁଖ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ରାୟ ପାତ୍ର, ଲକ୍ଷ୍ମଣ ସିଂ, ବଳରାମ ସିଂ, ବିଭୁତି ନାୟକ, ଦେବ ଧାକଡ, ମହେଶ୍ୱର ନାୟକ, ତ୍ରୀନାଥ ନାୟକ, ଦିବାକର ନାୟକ, ପଦମ ସିଂ ଏବଂ ଅନ୍ୟାନ୍ୟ ପଦାଧିକାରୀ ବୈଠକରେ ଉପସ୍ଥିତ ଥିଲେ।

## କୁହୁଡିରେ ୯୬ ତମ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ

କାକଟପୁର(ନିପ୍ର): ସ୍ୱାଧୀନତା ସଂଗ୍ରାମରେ ଲବଣ ସତ୍ୟାଗ୍ରହ ଏକ ପ୍ରମୁଖ ଘଟଣାବଳୀ।ଏହା ସ୍ୱାଧୀନତା ସଂଗ୍ରାମକୁ ଅଧିକ ଋଦ୍ଧିମନ୍ତ କରିବା ସହ ଏକ ଜନ ଆନ୍ଦୋଳନରେ ପରିଣତ କରିବାକୁ ପ୍ରେରଣା ଦେଇଥିଲା ବୋଲିକହିଥିଲେ କାକଟପୁର ବିଧାୟକ ତୃଷାର କାନ୍ତି ବେହେରା। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ସହୀଦ ସ୍ମୃତି ପୀଠ କୁହୁଡି ଠାରେ ଆଜି ୯୬ତମ ରାଜ୍ୟ ସ୍ତରୀୟ ଲବଣ ସତ୍ୟାଗ୍ରହ ସ୍ମୃତି ସ୍ମାରକୀ ଦିବସ ପାଳିତ ହୋଇଥିଲା।ଜିଲ୍ଲା ପ୍ରଶାସନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଉତ୍କଳ ସଂଗ୍ରାମୀ ସ୍ମୃତି ସମିତି କାକଟପୁର ଅସ୍ତରଙ୍ଗ ପକ୍ଷରୁ ଏହା ପାଳିତ ହୋଇଥିଲା।

## ଦାମନଯୋଡ଼ି : ଯୁକ୍ତ ଦୁଇ ବିଜ୍ଞାନରେ ଆଶୁତୋଷ ଓ କଳାରେ ଯଶବନ୍ତ ଟପ୍ପର

ଦାମନଯୋଡ଼ି,(ନିପ୍ର): ବୁଧବାର ଓଡିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପ୍ରକାଶ ପାଇଥିବା +୨ ପରୀକ୍ଷା ଫଳ ଦାମନଯୋଡ଼ି ପାଇଁ ଉତ୍ସାହ ଜନକ ହୋଇଛି। ମାଥାଲପୁଟ ସ୍ଥିତ ପିଏମଶ୍ରୀ ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୫୨୧ନମ୍ବର(୮୬.୩%) ରଖି ଯଶବନ୍ତ ବିଶୋଇ +୨ କଳାରେ ଦାମନଯୋଡ଼ି ଟପ୍ପର ହୋଇଛନ୍ତି। ପିତା ଡମ୍ବରୁଧର ବିଶୋଇ ଓ ମାତା ଉଷାରାଣୀଙ୍କ ସୁପୁତ୍ର ହେଉଛନ୍ତି ଯଶବନ୍ତ।ଏହି ବିଦ୍ୟାଳୟରେ +୨ କଳାରେ ୧୧୯ଜଣ ଛାତ୍ରଛାତ୍ରୀ ଫର୍ମ ପୂରଣ କରିଥିବା ବେଳେ ୧୧୭ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୦୧ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି।୧୬ଜଣ ପ୍ରଥମ ଶ୍ରେଣୀ ପାଇଥିବାବେଳେ ୬୧ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୨୪ଜଣ ୩ୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ନାଲକୋ ଟାଉନସିପ ସରସ୍ୱତୀ ବିଦ୍ୟାମନ୍ଦିରର +୨କଳା ରେଗୁଲାରରେ ପରୀକ୍ଷା ଦେଇଥିବା ସମସ୍ତ ୧୦୭ପିଲା ଉତ୍ତୀର୍ଣ୍ଣ ହୋଇଛନ୍ତି। ଶତ ପ୍ରତିଶତ ଉତ୍ତୀର୍ଣ୍ଣଙ୍କ ମଧ୍ୟରେ ରଞ୍ଜନ ଚଲାଣ ୫୦୫ନମ୍ବର(୮୪.୨%) ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି।ପିତା ରେନ୍ଦୁ ଚଲାଣ ଓ ମାତା ଗୌରୀ ଚଲାଣଙ୍କ ପୁତ୍ର ହେଉଛନ୍ତି ରଞ୍ଜନ।ଏହି ବିଦ୍ୟାମନ୍ଦିରରେ ୨୫ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ, ୨୭ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୫୫ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ସେହିପରି +୨ ବିଜ୍ଞାନ ରେଗୁଲାରରେ ପରୀକ୍ଷା ଦେଇଥିବା ୪୯ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୪୩ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି।ଛାତ୍ର ଆଶୁତୋଷ ବେହେରା ସର୍ବାଧିକ ୭୨.୫ପ୍ରତିଶତ ନମ୍ବର ରଖି ବିଦ୍ୟାମନ୍ଦିରର ଟପ୍ପର ହୋଇଛନ୍ତି।ପିତା ସନ୍ତୋଷ ବେହେରା ଓ ମାତା ସୁଜାତା ବେହେରାଙ୍କ ପୁତ୍ର ହେଉଛନ୍ତି ଆଶୁତୋଷ ।୧୪ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ, ୨୩ଜଣ ଦ୍ୱିତୀୟ ଶ୍ରେଣୀରେ ଓ ୬ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପିଏମଶ୍ରୀ ମାଲୁ ସାଉନ୍ତା ସରକାରୀ ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ରଶ୍ମିରଞ୍ଜନ ସେଠୀ ଓ ସରସ୍ୱତୀ ବିଦ୍ୟାମନ୍ଦିରର ଅଧ୍ୟକ୍ଷ ଡ.ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ସହିତ ଦୁଇ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଓ ପରିଚାଳନା କମିଟି କର୍ମକର୍ତ୍ତା କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଜଟଣୀ ମହାବିଦ୍ୟାଳୟ: ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ କୃତୀତ୍ୱ

ଜଟଣୀ,(ନିପ୍ର): ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ବହୁ ପ୍ରତୀକ୍ଷତ ଯୁକ୍ତ ଦୁଇ ପରୀକ୍ଷାର କଳା, ବିଜ୍ଞାନ, ବାଣିଜ୍ୟ କୋର୍ସ ଫଳ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀ ମହାବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ କଳାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ମୋଟ ୩୬୮ ଥିବାବେଳେ




ପାସ୍ ହାର ୮୧.୭୯ ପ୍ରତିଶତ,ବିଜ୍ଞାନରେ ୧୧୭ ପରୀକ୍ଷାର୍ଥୀ ଥିବାବେଳେ ପାସ୍ ହାର ୮୮.୮୮ ପ୍ରତିଶତ ସେହିଭଳି ବାଣିଜ୍ୟରେ ୩୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବାବେଳେ ପାସ୍ ହାର ୧୦୦ ପ୍ରତିଶତ ହୋଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଚଳିତ ବର୍ଷ ଫେବ୍ରୁଆରି ୧୯ ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ରେ ଶେଷ ହୋଇଥିଲା।

## ପ୍ୟାକ୍ସ ସମ୍ପାଦକମାନଙ୍କ ସମୀକ୍ଷା ବୈଠକ

ଆସିକା(ନିପ୍ର): ଆସିକା ପ୍ୟାକ୍ସ ସମ୍ପାଦକ ମାନଙ୍କ ସମୀକ୍ଷା ବୈଠକ ଆସିକା ସମବାୟ ଚିନିଶିଳ୍ପ,ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ କୃଷକ ଭବନ ସଭା ଗୃହରେ ଆସିକା ସର୍କଲର ପ୍ୟାକ୍ସ ସମ୍ପାଦକ ମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସୁଶ୍ରୀ ଯୋଗମାୟା ସାବତ, ଡିଆରସିଏସ, ଗଞ୍ଜାମ, ଏଆରସିଏସ ବିଜୟ କୁମାର ସାହୁ, ଚିନିଶିଳ୍ପ ର ସଭାପତି ରବୀନ୍ଦ୍ର ପଣ୍ଡା,ସମ୍ପାଦକ ସନ୍ତୋଷ କୁମାର ମଲ୍ଲିକ, ଉପସ୍ଥିତ ଥିଲେ। ସମବାୟ ବିଭାଗର ଅଧିକାରୀ, ଆସ୍କା ସମବାୟ କେନ୍ଦ୍ର ବ୍ୟାଙ୍କର ଶାଖା ପରିଚାଳକ ଏବଂ ବିଭିନ୍ନ ଯୋଜନାର ଜିଲ୍ଲା ସଂଯୋଜକ ମାନେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବୈଠକରେ ସମବାୟ ବିଭାଗର ବିଭିନ୍ନ ଯୋଜନାର ରୂପାୟନ ଓ ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ୟାକ୍ସ ମାନଙ୍କରେ ସଭ୍ୟ ସଂଗ୍ରହ ଅଭିଯାନକୁ ତ୍ୱରାନ୍ୱିତ କରିବା ସହିତ ୧୮ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କୁ ସମବାୟ ସମିତିର ସଭ୍ୟ ଭୁକ୍ତ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିପାଇଁ ସମିତି ସ୍ତରରେ ବିଧିବଦ୍ଧ ଯୋଜନା ପ୍ରସ୍ତୁତ କରି ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଏଆରସିଏସ, ଆସ୍କାଙ୍କୁ ପରାମର୍ଶ ଦିଆଯାଇଥିଲା। ଏନଏଲପିଏସ କାର୍ଯ୍ୟକ୍ରମ ସମ୍ପର୍କିତ ସମସ୍ତ ପ୍ୟାକ୍ସର ଡାଟା ପ୍ରସ୍ତୁତି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ଆଲୋଚନା କରାଯାଇଥିଲା ଏବଂ ଜନସେବା କେନ୍ଦ୍ରଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ସହିତ ସିଏସସି ମାଧ୍ୟମରେ ବ୍ୟବସାୟ କାର୍ଯ୍ୟ ଚାଲୁ କରିବା ପାଇଁ ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## କ୍ୟାନ୍ସର ପୀଡିତା ଶିଶୁଙ୍କୁ ୩୦,୦୦୦ ପ୍ରଦାନ

ରମ୍ଭା,(ନିପ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଳିଆ ଗ୍ରାମ ପଞ୍ଚାୟତର ଅନୁପମ ପରିଡାଙ୍କ ଦ୍ୱିତୀୟ ପୁତ୍ର ଶ୍ରେୟାନ୍ସ ପରିଡା ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ବ୍ଲଡ଼ କ୍ୟାନ୍ସର ରୋଗରେ ଚିକିତ୍ସିତ ହେଉଛନ୍ତି। ଚିକିତ୍ସା ନିମନ୍ତେ ଶିଶୁର ବାପା ମାଆ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠି ଓ ଖଲ୍ଲିକୋଟ ତହସିଲଦାର ମାଳେସି ପାତ୍ରଙ୍କୁ ଶିଶୁର ଚିକିତ୍ସା ନିମନ୍ତେ ନିବେଦନ ଜଣାଇଥିଲେ। ଅନୁରୋଧ ରକ୍ଷା କରି ଉଭୟ ବିଧାୟକ ଓ ଖଲ୍ଲିକୋଟ ତହସିଲଦାର, ସମାଜସେବୀ କଲ୍ୟାଣୀ ପଲାଇ ସହିତ ଦଳୀୟ କର୍ମୀମାନଙ୍କୁ ନେଇ ସାବୁଳିଆ ଗ୍ରାମରେ ତାଙ୍କ ବାସଭବନରେ ପହଂଚି ୩୦,୦୦୦ ଟଙ୍କାର ଏକ ଚେକ ଚିକିତ୍ସା ନିମନ୍ତେ ତାଙ୍କ ଜେଜେମାଙ୍କୁ ପ୍ରଦାନ କରିଥିଲେ। ଚିକିତ୍ସିତ ପରିବାର ଗ୍ରାମର ସଚେତନ ନାଗରିକ, ବୁଦ୍ଧିଜୀବୀ, ଶିକ୍ଷାବିତଙ୍କ ପକ୍ଷରୁ ଭୂୟଂଶୀ ପ୍ରଶଂସା କରାଯାଇଛି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଭଦ୍ରକ (ନିପ୍ର): ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ବର୍ଷା ଋତୁ ଓ ସମ୍ଭାବ୍ୟ ବନ୍ୟା, ଘୂର୍ଣ୍ଣିଝଡ଼ ଓ ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିବା ପାଇଁ ପ୍ରସ୍ତୁତି ନେଇ ବୈଠକରେ ବିସ୍ତୃତ ସମୀକ୍ଷା କରାଯାଇଥିଲା।ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଫୁଲ୍ଲ ଯେନା ସମ୍ପୃକ୍ତ ବିଭାଗଗୁଡ଼ିକୁ ସତର୍କ ଓ ପ୍ରସ୍ତୁତ ରହିବା ସହ ତଳିଆ ଅଞ୍ଚଳର ଲୋକଙ୍କ ସୁରକ୍ଷା, ଆଶ୍ରୟସ୍ଥଳୀ ପ୍ରସ୍ତୁତି, ପାନୀୟ ଜଳ, ବିଦ୍ୟୁତ ଓ ଆବଶ୍ୟକ ସେବା ଯୋଗାଣ ନିର୍ବିଘ୍ନ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବନ୍ୟାଜଳ ନିଷ୍କାସନ, ନଦୀବନ୍ଧ ସୁରକ୍ଷା, ଜରୁରୀକାଳୀନ ଉଦ୍ଧାର ସାମଗ୍ରୀ ମହଜୁଦ ଓ କଣ୍ଟ୍ରୋଲ ରୁମକୁ ସକ୍ରିୟ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।ଚାନ୍ଦବାଲି ବ୍ଲକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟକୁ ସଫଳତାର ସହ ସାମନା କରିବା ସହ ବର୍ଷା ଋତୁ ପୂର୍ବରୁ ବକେୟା ରହିଥିବା ସମସ୍ତ କାର୍ଯ୍ୟକୁ ଶୀଘ୍ର ସମାପ୍ତ କରିବା ପାଇଁ ଚାନ୍ଦବାଲି ବିଧାୟକଙ୍କ ପ୍ରତିନିଧି ଶ୍ରୀ ଟୁଟୁ ବଳ ଚାନ୍ଦବାଲି ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶଦେଇଥିଲେ।

## ବିଜେଡିର ନାରୀ ସୁରକ୍ଷା ଅଧିକାର ଅଭିଯାନ

ବଡସାହି,(ନିପ୍ର): ବଡସାହି ନିର୍ବାଚନମଣ୍ଡଳୀ ସ୍ତରୀୟ ବିଜେଡିର ଏକ ନାରୀ ସୁରକ୍ଷା ଅଧିକାର ଅଭିଯାନ ଶୋଭାଯାତ୍ରା ବଡସାହି ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଡସାହି ଓ ବେତନଟୀ ବ୍ଲକର ଶତାଧିକ କର୍ମୀ ଯୋଗ ଦେଇଥିବା ବେଳେ ବ୍ଲକ ସଭାପତି ତପନ କୁମାର ପତି ନେତୃତ୍ୱ ନେଇଥିଲେ। ଏଥିରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ସୁଦାମ ମାରାଣ୍ଡି, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ତଥା ବାଲେଶ୍ୱର ସାଂସଦୀୟ କ୍ଷେତ୍ରର ପ୍ରାର୍ଥୀ ଲେଖାଶ୍ରୀ ସାମନ୍ତସିଂହାର, ମହିଳା ପର୍ଯ୍ୟବେକ୍ଷକ ଭାରତୀ ସିଂ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲ୍ଲା ମହିଳା ସଭାପତି ଦିପ୍ତିଲତା ମିଶ୍ର, ବାରିପଦା ମ୍ୟୁନିସିପାଲଟି ଉପାଧ୍ୟକ୍ଷା ସୀମା ଦାସ, ବଡସାହି ନିର୍ବାଚନମଣ୍ଡଳୀ ପ୍ରାର୍ଥୀ ଅନୁସୟା ପାତ୍ର, ସଂଯୋଜକ ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାୟକ, ବିଶ୍ୱନାଥ ହେମ୍ବ୍ରମ, ସବିତା ଦାସ ଓ ଧାନା କିସ୍କୁ, ବଡସାହି ବ୍ଲକ ଉପାଧ୍ୟକ୍ଷା କାଞ୍ଚନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ବିରାଟ ଶୋଭାଯାତ୍ରା ବଡସାହି ଜଗନ୍ନାଥ ମନ୍ଦିରରୁ ବାହାରି ବଡସାହି ବଜାର ପରିକ୍ରମା କରିବା ସହିତ ଉପସ୍ଥିତ ନେତାମାନେ ଶ୍ରଦ୍ଧା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଶୋଭାଯାତ୍ରାଟି ବ୍ଲକ ସମ୍ମୁଖରେ ପହଞ୍ଚିବା ପରେ ବିଜେଡିର ମହିଳା ସୁରକ୍ଷା ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

## ପରିଚୟ ପକ୍ଷରୁ ମାନସିକ ରୋଗୀ ଉଦ୍ଧାର

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କୁଲୁଣ୍ଡି ପଞ୍ଚାୟତ ମା ବନଦୁର୍ଗା ମନ୍ଦିର ପାଖରେ ଜଣେ ମାନସିକ ବିକୃତ ବ୍ୟକ୍ତି ଦୀର୍ଘ ତିନି ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏଣେ ତେଣେ ବୁଲୁଥିଲେ। ଅଞ୍ଚଳବାସୀ ବ୍ୟକ୍ତିର ପରିଚୟ ଖୋଜା ଖୋଜି କରିଥିଲେ ମଧ୍ୟ ବ୍ୟକ୍ତିର କୌଣସି ପରିଚୟ ମିଳି ପାରିନଥିଲା। ବ୍ୟକ୍ତି ଜଣକ ସେହି ଅଞ୍ଚଳରେ ବୁଲେଇଲି କରୁଥିବା ବେଳେ ଅତି ଦୟନୀୟ ଅବସ୍ଥାରେ ରହୁଥିଲେ। ସେ ବ୍ୟକ୍ତି ଜଣକ ବନଦୁର୍ଗା ମନ୍ଦିର ନିକଟରେ ପାଟିତୁଣ୍ଡ କରୁଥିଲା। ଏଣୁ ମନ୍ଦିରକୁ ଆସୁଥିବା ଭକ୍ତମାନେ ଅନେକ ସମୟରେ ଅସହଜ ଅନୁଭବ କରୁଥିଲେ। ଫଳରେ ଅଞ୍ଚଳବାସୀ ଏହି ବ୍ୟକ୍ତିର ଥଇଥାନ ପାଇଁ ସମ୍ବଲପୁରର ପରିଚୟ ଅନୁଷ୍ଠାନ ସହିତ ଯୋଗାଯୋଗ କରିଥିଲେ। ପରିଚୟ ଅନୁଷ୍ଠାନ ପକ୍ଷରୁ ବିପିନ ବିହାରୀ ପଣ୍ଡା, ନୀଳକଣ୍ଠ ସ୍ୱାଇଁ, ହେମାନନ୍ଦ ଦେହୁରୀ ବଡ଼ରମା ବନଦୁର୍ଗା ମନ୍ଦିର ପାଖରୁ ଉକ୍ତ ମାନସିକ ବିକୃତ ବ୍ୟକ୍ତିଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିଥିଲେ। ବୈଜାମୁଣ୍ଡାସ୍ଥିତ ଆଇ ଆଇ ସି କଂପ୍ଲେକ୍ସରେ ତାକୁ ଥଇଥାନ କରିଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ପରିଚୟ ସଂସ୍ଥାର ଏହି ମହାନ କାର୍ଯ୍ୟକୁ ଅଞ୍ଚଳରେ ଖୁବ ପ୍ରଶଂସା କରାଯାଉଛି।

## ରଥ ନିର୍ମାଣ ଅଗ୍ରଗତି ଚାଲିଛି

ପୁରୀ,(ନିପ୍ର): ତିନିରଥର ୪୨ ଗୋଟି ଚକ ନିର୍ମାଣ ଶେଷ ହୋଇଯାଇଛି । ତିନିରଥର ଅଖ ନିର୍ମାଣ କାର୍ଯ୍ୟ, ତତ୍ ସହିତ ରଥର ବିଭିନ୍ନ ଅଂଶର ନିର୍ମାଣ କାର୍ଯ୍ୟ, ସମସ୍ତ ଅଖ ନିର୍ମାଣ ପରେ ପାଞ୍ଚ ଦଣ୍ଡା ଚଉପଟ ହୋଇ ସେଥିରେ ଉଭୟ ପଟରେ ମୁଂହାଟି ସଂଯୋଗ ହୋଇ ପ୍ରସ୍ତୁତ ହେବ ରଥ ଫ୍ରେମ୍, ଏହି



ଫ୍ରେମ୍‌ର ଉଭୟ ପାର୍ଶ୍ୱରେ କୁତୁକା ଦ୍ୱାର ସଂଯୁକ୍ତ ହେବ ପାର୍ଶ୍ୱଦଣ୍ଡା , ପାଞ୍ଚ ଦଣ୍ଡାର ଆଗ ଏବଂ ପଛରେ ଗରଗରା ପଡ଼ି ଉଠିବ ଚାରି ନାହାକା, ଚାରି ନାହାକାର ଚତୁର୍ପାର୍ଶ୍ୱରେ ଉଠିବ ଚଉଦ ନାହାକା, ଏହାପରେ ତିନି ରଥର ଭୂଇଁ ସ୍ଥାପନ, ଏହି କ୍ରମରେ ତିନି ରଥ ମୁଖ୍ୟ ମହାରଣାଙ୍କ ମାର୍ଗ ଦର୍ଶନ ତଥା ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗତିଶୀଳ ହୋଇଛି ରଥ ନିର୍ମାଣ କାର୍ଯ୍ୟ।

ତିନିରଥର ମୋଟ ୨୧ ଗୋଟି ଅଖ ମଧ୍ୟରୁ ଚକ ଡେରା ନୀତି ପାଇଁ ତିନି ଗୋଟି ଅନୁକୂଳ ଅଖ ନିର୍ମାଣ ଶେଷ ହୋଇଥିଲା ବାକି ତିନି ରଥର ୧୮ ଅଖ ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପୂର୍ବାହ୍ନରେ ତିନିରଥର ମୁଖ୍ୟ ମହାରଣା ସମେତ ସାଥୀ ମହାରଣାମାନେ ବାକି ଅଖଗୁଡ଼ିକର ଉଭୟ ପାର୍ଶ୍ୱ ବାରିଶୀରେ ହାଣି ଚଉପଟ ପରେ ଉଭୟ ପାର୍ଶ୍ୱ ଗୋଲେଇ କାର୍ଯ୍ୟ ଜାରୀ ରଖିଛନ୍ତି। ରଥ ନିର୍ମାଣ ତଦାରଖ କମିଟି ପ୍ରତିନିଧି ଦଳ ରଥ ଖଳା ବୁଲି ନିର୍ମାଣ କାର୍ଯ୍ୟ ତଦାରଖ ତଥା ଅନୁଧ୍ୟାନ କରିଛନ୍ତି । ତିନିରଥର ଅଖଗୁଡିକୁ ଅନୁଧ୍ୟାନ କରି ଅଖ ନିର୍ମାଣ ପାଇଁ ରହିଥିବା କାଠର ଉଭୟ ପାର୍ଶ୍ୱର ଗଣ୍ଠି ତଥା ଗର୍ତ୍ତ ଥିବା ଅଖ କାଠକୁ ପରିବର୍ତ୍ତନ କରିବାକୁ ପରାମର୍ଶ ଦେଇଛନ୍ତି।

ଗରଗରା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ। ତିନିରଥର ଦୁଇଟି ଲେଖାଏଁ ୨୦ ଫୁଟିଆ ଗରଗରା ଚଉପଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଉକ୍ତ ଗରଗରା କାଠର ତିନି ପାର୍ଶ୍ୱ ଚଉପଟ ଶେଷ ହୋଇ ଆଉ ଗୋଟିଏ ପାର୍ଶ୍ୱରେ ଚଉପଟ କାର୍ଯ୍ୟ ଜାରୀ ରହିଛି। ରଥ ଖଳା ପାର୍ଶ୍ୱରେ ନିର୍ମିତ ସ୍ୱତନ୍ତ୍ର ଚାଳୀରେ କରତି ସେବକମାନେ ତାଳଧ୍ୱଜ ରଥର । ପୋଲ ଗୟଳ। ଚିରଟ ପୂର୍ବରୁ ଉକ୍ତ ୪୦ ଫୁଟିଆ ପୋଲ ଗୟଳ ଧାଉରା କାଠର ଉଭୟ ପାର୍ଶ୍ୱକୁ ବାରିସୀରେ ହାଣି ସମତଳ କାର୍ଯ୍ୟ ବା ଚିତା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା କାଲି ଠାରୁ ପୋଲ ଗୟଳର ଚିରଟ କାର୍ଯ୍ୟ ଆରମ୍ଭ ହେବ।

## ବିଧାୟକଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

କାଶୀନଗର,(ନିପ୍ର): କାଶୀନଗର ବିଜ୍ଞାପିତ ଅଞ୍ଚଳ ପରିଷଦର ସାଧାରଣ ବୈଠକ ଅଧ୍ୟକ୍ଷା ଏମ.ସୁଧାରାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ , ଭାରପ୍ରାପ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ କେ.ଦିବ୍ୟ ରଞ୍ଜନ, ଅତିରିକ୍ତ ସହକାରୀ ଯନ୍ତ୍ରୀ ରଜତ କୁମାର ପାଢ଼ୀ ମଂଚାସୀନ ଥିବା ବେଳେ ଅଧିକାଂଶ କାଉନସିଲର ଉପସ୍ଥିତ ଥିଲେ। ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ ଗୋଷ୍ଠୀ ସଂଗଠିକା ଉଜ୍ଜଳତା ସୁଆଲସିଂ ଓ ଏକାଉଣ୍ଟଟ ଶିବ ପ୍ରସାଦ ମହାଙ୍କୁଡ ଆୟବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ପରିଷଦ ମଧ୍ୟରେ ଥିବା ବିଭିନ୍ନ ୱାର୍ଡର ସମସ୍ୟା ସବୁ ବିଷୟରେ ସମୀକ୍ଷା କରିବା ସହ ସମାଧାନ କରିବା ପାଇଁ ଆଲୋଚନା ହୋଇଥିଲା। କାଶୀନଗର ବସଷ୍ଟାଣ୍ଡ ନିକଟରେ ଏକ ଆହାର କେନ୍ଦ୍ର ମଞ୍ଜୁରୀ କରିବା ପାଇଁ ବିଧାୟକଙ୍କ ନିକଟରେ ଉପସ୍ଥାପନା କରିଥିଲେ । ପରିଷଦ ମଧ୍ୟରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାମର ବିବରଣୀ ବିଷୟରେ ବିଧାୟକ ଅବଗତ ହୋଇ କାମ ଚାଲୁ ରହି ଥିବା ପରିଷଦ ସମ୍ମୁଖ ପୋଖରୀର ସୌନ୍ଦର୍ଯ୍ୟକରଣ କାମ ସମୀକ୍ଷା କରିବା ସହ ପୋଖରୀର ସୌନ୍ଦର୍ଯ୍ୟ କରଣ ପାଇଁ ବହୁ ଅନୁଦାନ ଖର୍ଚ୍ଚ ହୋଇଥିବା ସତ୍ତ୍ୱେ କୌଣସି ଆଖିଦୃଶିଆ ଉନ୍ନତି ପୋଖରୀର ହୋଇ ନ ଥିବା ରୁ ବିଧାୟକ କ୍ଷୁବ୍ଧ ହୋଇଥିଲେ। ପୋଖରୀ ମଧ୍ୟରେ ଜଳର ଉତ୍ସ ନ ଥିବା ଦେଖି ବିଧାୟକ ସ୍ତବ୍ଧ ହୋଇ ପ୍ରଥମେ ପୋଖରୀ ମଧ୍ୟରେ ପାଣି କିପରି ଆସି ଜଳାର୍ଣ୍ଣବ ହେବ। ସେଥିପାଇଁ ଦୃଷ୍ଟି ଦେବା ସହ ବର୍ତ୍ତମାନ କାମ ଠିକ୍ ଭାବେ କରି ଅନୁଦାନର ସଠିକ ବିନିଯୋଗ କରିବାକୁ ଉପସ୍ଥିତ ଥିବା ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏହା ସହ ଅନ୍ୟ ସବୁ କାମ ସବୁ ମଧ୍ୟ ଠିକ ଭାବେ ହୋଇଛି କି ନାହିଁ ତାହା ତଦାରଖ କରିଥିଲେ। ଅଧ୍ୟକ୍ଷା ସୁଦ୍ଧା ରାଣୀ ଉପସ୍ଥିତ ଥିବା ସଭ୍ୟ ଓ ସଭ୍ୟାମାନଙ୍କ ୱାର୍ଡର ସମସ୍ତ ଉନ୍ନୟନମୂଳକ କାମ ସବୁ ତ୍ୱରାନ୍ୱିତ କରି ଖୁବଶୀଘ୍ର ସାରିବାକୁ ଯନ୍ତ୍ରୀଙ୍କୁ କହିଥିଲେ। ପରିଷଦର ଉନ୍ନତି ସକାଶେ ବିଧାୟକ ଶ୍ରୀ ପାଣିଗ୍ରାହୀଙ୍କୁ ୧୦ ଲକ୍ଷ ଟଙ୍କାର ବିଧାୟକ ପାଣ୍ଠି ମଞ୍ଜୁରୀ କରିବା ପାଇଁ ଅଧ୍ୟକ୍ଷା ଓ ୱାର୍ଡ ସଭ୍ୟ ସଭ୍ୟାମାନେ ଅନୁରୋଧ କରିଥିଲେ।

## ମେ ୨୩ ରୁ ଜୁନ ୨୧ ଓଡ଼ିଶା ହାଇକୋର୍ଟର ଗ୍ରୀଷ୍ମ ଅବକାଶ

କଟକ(ନିପ୍ର): ଓଡ଼ିଶା ହାଇକୋର୍ଟରେ ମେ ୨୩ରୁ ଜୁନ୍ ୨୧ ତାରିଖ ପର୍ଯ୍ୟନ୍ତ ଗ୍ରୀଷ୍ମ ଅବକାଶ ରହିବ । ଜୁନ୍ ୨୨ ତାରିଖରେ କୋର୍ଟ ଖୋଲିବ। ଅବକାଶ ସମୟରେ ମେ ୨୬, ୨୯, ଜୁନ ୨, ୦୫, ୦୯ ,୧୨,୧୭ ଓ ୧୯ ତାରିଖରେ ଅବକାଶକାଳୀନ ଖଣ୍ଡପୀଠ ବସିବ ବୋଲି ହାଇକୋର୍ଟ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି। ମେ ୨୬ରୁ ୨୯ ତାରିଖରେ ଦୁଇଜଣିଆ ଖଣ୍ଡପୀଠରେ ଜଷ୍ଟିସ କେ ଆର ମହାପାତ୍ର, ଜଷ୍ଟିସ ଏମ.ଏସ.ସାହୁ ଏବଂ ଜଣିକିଆ ଖଣ୍ଡପୀଠରେ ଜଷ୍ଟିସ ଏମ ଏସ ରମଣ, ଜଷ୍ଟିସ ଏମ.ଏସ.ସାହୁ ଓ ଜଷ୍ଟିସ କେ.ଆର ମହାପାତ୍ର ମାମଲା ଶୁଣାଣି କରିବେ। ସେହିପରି ଜୁନ ୨ ଓ ୫ ତାରିଖରେ ଜଷ୍ଟିସ ଏମ.ଏସ ସାହୁ ଓ ଜଷ୍ଟିସ ଏମ.ଏସ ରମଣ ଦୁଇଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି କରିବେ । ଅନ୍ୟପଟେ ଜଣିକିଆ ଖଣ୍ଡପୀଠରେ ଜଷ୍ଟିସ ଏମ.ଏସ ସାହୁ ଓ ଜଷ୍ଟିସ ଏମ.ଏସ ରମଣ ମାମଲାର ଶୁଣାଣି କରିବେ। ଜୁନ ୯ ତାରିଖରେ ଜଷ୍ଟିସ ଭି.ନରସିଂହ ଓ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଦୁଇ ଜଣିଆ ଖଣ୍ଡପୀଠରେ ମାମଲାର ଶୁଣାଣି କରିବେ । ସେହି ତାରିଖରେ ଜଷ୍ଟିସ ଭି.ନରସିଂହ, ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର, ଜଷ୍ଟିସ ଗୌରୀଶଙ୍କର ଶତପଥି ଓ ଜଷ୍ଟିସ ବିପି ଶତପଥି ଜଣିକିଆ ଖଣ୍ଡପୀଠ ରେ ମାମଲା ଶୁଣାଣି କରିବେ। ଜୁନ ୧୨ ତାରିଖରେ ଜଷ୍ଟିସ୍ ସାବିତ୍ରୀ ରଥ, ଜଷ୍ଟିସ୍ ଭି.ନରସିଂହ ଦୁଇ ଜଣିଆ ଖଣ୍ଡପୀଠରେ ମାମଲା ଶୁଣାଣି କରିବେ।

# ଏସ୍‌ସିବିରେ ରୋଗୀ ପରିବହନ ପାଇଁ ୧୦ଟି ବିଦ୍ୟୁତ୍ ଚାଳିତ ଗାଡି ଲୋକାର୍ପିତ




କଟକ(ନିପ୍ର): ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ହସ୍ପିଟାଲ ପରିସରରେ ରୋଗୀସେବାକୁ ଅଧିକ ସୁବ୍ୟବସ୍ଥିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଆଜି ୧୦ଟି ବିଦ୍ୟୁତ୍ ଚାଳିତ ଗାଡି ଲୋକାର୍ପିତ ହୋଇଛି। ଏହି ପଦକ୍ଷେପ ଫଳରେ ହସ୍ପିଟାଲ ଭିତରେ ଗୁରୁତର ଓ ଅସୁସ୍ଥ ରୋଗୀଙ୍କୁ ଏକ ବିଭାଗରୁ ଅନ୍ୟ ବିଭାଗକୁ ସହଜ ଓ ଶୀଘ୍ର ପହଞ୍ଚାଇବାରେ ସୁବିଧା ହେବ ବୋଲି ଆଶା କରାଯାଉଛି। ହୁଡକୋର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଏସସିବିକୁ ଏହି ୧୦ଟି ବ୍ୟାଟେରୀଚାଳିତ ଗାଡି ପ୍ରଦାନ କରାଯାଇଛି । ଏହି ଗାଡିଗୁଡିକର ମୂଲ୍ୟ ପ୍ରାୟ ୯୨ ଲକ୍ଷ ଟଙ୍କା ବୋଲି ହୁଡକୋ ପକ୍ଷରୁ କୁହାଯାଇଛି । ପରିବେଶ ଅନୁକୂଳ ଏବଂ ଧ୍ୱନି ପ୍ରଦୂଷଣ ମୁକ୍ତ ଏହି ଗାଡିଗୁଡିକ ହସ୍ପିଟାଲରେ ସବୁଜ ପରିବେଶ ସୃଷ୍ଟି ସହ ରୋଗୀ ସେବା ବଢାଇବାରେ ମଧ୍ୟ ସହାୟକ ହେବ । ରୋଗୀ ପରିବହନକୁ ଧ୍ୟାନରେ ରଖି ଏହି ଗାଡିଗୁଡିକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ଆମ୍ବୁଲାନ୍ସ ଭଳି ଏଥିରେ ରୋଗୀ ଶୋଇବା ପାଇଁ ଷ୍ଟ୍ରେଚର ଭଳି ବ୍ୟବସ୍ଥା, ରୋଗୀଙ୍କ ସମ୍ପର୍କୀୟ ବସିପାରିବା ଏବଂ ସାଲାଇନ୍ ଓ ଅକ୍ସିଜେନ୍ ଆଦି ରଖିପାରିବା ସୁବିଧା ଉପଲବ୍ଧ ରହିଛି । ହସ୍ପିଟାଲର ବିଶାଳ ପରିସର ମଧ୍ୟରେ ଗୁରୁତର ରୋଗୀଙ୍କୁ ଏକ ବିଭାଗରୁ ଅନ୍ୟ ବିଭାଗକୁ ନେବା ସମୟରେ ଯେଉଁ ସମସ୍ୟା ହେଉଥିଲା, ଏହି ଗାଡି ଚାଲୁ ହେବା ପରେ ଅନେକାଂଶରେ ଏହାର ସମାଧାନ ହେବ ବୋଲି ଆଶା କରାଯାଏ । ଉଦଘାଟନ ସମୟରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଅଧ୍ୟକ୍ଷକ ପ୍ରଫେସର ଜ୍ୟୋତିଷ ଚନ୍ଦ୍ର ଚୌଧୁରୀ, ରେଜିଷ୍ଟ୍ରାର ସୁବାସ ଚନ୍ଦ୍ର ରାୟ, ଅର୍ଥ ଅଧିକାରୀ ମାନସ ପାତ୍ର, ହୃଦରୋଗ ବିଶେଷଜ୍ଞ ପ୍ରଫେସର ନିର୍ମଳ କୁମାର ମହାନ୍ତି, କାଜୁଆଲଟି ମେଡିକାଲ ଅଫିସର ଡଃ ଜ୍ୟୋତି ପ୍ରକାଶ ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ବିଭାଗୀୟ ମୁଖ୍ୟ ଏବଂ ହୁଡକୋ ପକ୍ଷରୁ ହୁଡକୋର ଆଂଚଳିକ ମୁଖ୍ୟ ରାମ ପ୍ରସାଦ ନାୟକ, ଏଜିଏମ, ଦୟାନିଧି ପଟ୍ଟନାୟକ, ବରିଷ୍ଠ ପରିଚାଳକ (ଅର୍ଥ) ଏସ୍. ଆନନ୍ଦରାଜ, ପରିଚାଳକ (ଅର୍ଥ) ଆର୍.କେ. ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ତିଥି :(ଷଷ୍ଠୀ/ସପ୍ତମୀ): (ଅଶ୍ଳେଷା କର୍କଟ)
ଅମୃତ ବେଳା: ଦିବା ଘ ୧୧ ।୩୭ ଗତେ ଘ ୨ ।୧ ମଧ୍ୟେ

## ଆଜିର ଅନୁଚିନ୍ତନ

ତୁମେ ସବୁ ସମୟରେ ମୋତେ ସ୍ମରଣ କର ଓ ଯୁଦ୍ଧ ବି କର ।।
- ଶ୍ରୀମଦ୍ ଭଗବଦ୍ ଗୀତା

# ବାଲି ପ୍ରସଙ୍ଗ

'ଅପରେସନ ବୈତରଣୀ' ଜରିଆରେ ନିକଟରେ କେନ୍ଦୁଝର ବାଲି ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଫଳରେ ଗିରଫ ହୋଇଛନ୍ତି ଏଯାବତ୍ ୧୦ ଜଣ । ସେମାନଙ୍କର ୮୦ ଆକାଉଣ୍ଟ ଫ୍ରିଜ କରାଯିବା ସହ ନଗଦ ଜବତ କରାଯାଇଛି ୩୫ ଲକ୍ଷ ଟଙ୍କା । ପ୍ରଶାସନିକ ଅଧିକାରୀ,ପୋଲିସ ଓ ଖଣିବିଭାଗକୁ ଚକ୍‌ମା ଦେଖାଇ ବାଲି ଚାଲାଣ କରୁଥିବା ଲୁକ୍‌କାୟିତ ମାଫିଆମାନେ ଏଣିକି ନିଶ୍ଚୟ ଛତ୍ରଭଙ୍ଗ ଦେବେ, ସଦ୍ୟ କାର୍ଯ୍ୟାନୁଷ୍ଠାନ ସେମାନଙ୍କ ନିକଟକୁ ଏପରି ମର୍ମରେ ବାର୍ତ୍ତା ପଠାଇସାରିଛି । ସେମିତି ବଲାଙ୍ଗୀର ଜିଲ୍ଲାରେ ଜିଲା ଓ ପୋଲିସ ପ୍ରଶାସନର ମିଳିତ ଉଦ୍ୟମରେ ହୋଇଥିବା 'ମିଡ଼ନାଇଟ ଅପରେସନ' ହେତୁ ୧୬ ହାଇୱା, ୨ ଜେସିବି ଓ ୨ ଟ୍ରାକ୍ଟର ଜବତ ହୋଇଛି । ବାଲି ମାଫିଆ ପ୍ରାଦୁର୍ଭାବ ସଂପ୍ରତି ରାଜ୍ୟର ଅନ୍ୟତମ ସମସ୍ୟା ଭାବରେ ଉଭା ହୋଇଛି ।

ସ୍ମରଣ କରାଯାଇପାରେ ଯେ ରାଜ୍ୟରେ ଚୋରା ବାଲି କାରବାର ନେଇ ବିଧାନସଭା ଇସ୍ପାତ ଓ ଖଣି ବିଭାଗ ଷ୍ଟାଣ୍ଡିଂ କମିଟି କହିଥିଲେ,ବାଲି ଘାଟରେ ବ୍ୟାପକ ଦୁର୍ନୀତି ଚାଲିଛି । ତ୍ରୁଟିପୂର୍ଣ୍ଣ ପରିଚାଳନା ଯୋଗୁଁ ରାଜ୍ୟରେ ବାଲିର ଘୋର ଅଭାବ ଦେଖାଯାଇଛି । ବାଲି ବୋଝେଇ ଗାଡ଼ି ଜବତ କରାଯାଉଛି, କିନ୍ତୁ ବେଆଇନ ବାଲିଘାଟ ଉପରେ ଚଢ଼ାଉ କରାଯାଉନାହିଁ । କମିଟିର ଏହି କଥା ସତ କି ମିଛ ?ଏବାବଦ ଦୁର୍ନୀତି ଅଭିଯୋଗର ତଦନ୍ତ ହେଲେ ବହୁ କଥା ନିଶ୍ଚୟ ସାମ୍ନାକୁ ଆସିପାରନ୍ତା । କମିଟି ପୁଣି କହିଥିଲେ,ଯେଉଁ ଲିଜଧାରୀମାନେ ଲିଜ ନିୟମ ଖିଲାପ କରୁଛନ୍ତି,ସେମାନେ ଇ-ନିଲାମ ପ୍ରକ୍ରିୟାରେ ସାମିଲ ହୋଇ ପୁଣି ଲିଜ ଅଧିକାର ପାଉଛନ୍ତି । ପୁଣି ରାତିବେଳା କାହିଁକି ବାଲି ଉଠାଣ ହେଉଛି ? ଏପରି ବେଆଇନ କାର୍ଯ୍ୟ ପଛରେ ଥିବା ଅଧିକାରୀଙ୍କ ସଂପର୍କରେ ଅନୁସନ୍ଧାନ ପୂର୍ବକ ବିସ୍ତୃତ ରିପୋର୍ଟ ଦିଆଯାଉ । ଏପରି ମର୍ମରେ କମିଟି ବିଭାଗକୁ ତଲବ କରିଥିଲା । ଏସଂପର୍କିତ ଅଗ୍ରଗତି କେତେ ହୋଇଛି ତାହା ସାମ୍ନାକୁ ଆସିବା ଲୋଡ଼ା ।

ଉଲ୍ଲେଖ କରାଯାଇପାରେ ଯେ ୨୦୨୪-୨୫ରେ ସରକାର ନିଲାମ କରିଥିବା ବାଲିଘାଟରୁ ୧୧୨ କୋଟିରୁ ଅଧିକ ଟଙ୍କା ପାଇଥିଲେ । ତେବେ ଚୋରା ବାଲି ଚାଲାଣ ଯୋଗୁଁ ରାଜ୍ୟ ସରକାର କେତେ ଶହ କୋଟି ଟଙ୍କା ହରାଇଛନ୍ତି ତାହାର ଆକଳନ ଏଯାବତ୍ ହୋଇନାହିଁ । ଚଢ଼ଉ ତ ହେଉଛି, ଗାଡ଼ି ତ ଜବତ ହେଉଛି । ଏପରିକି ରାଜ୍ୟର ବାଲି ଆନ୍ଧ୍ର,ଛତିଶଗଡ଼ , ପଶ୍ଚିମବଙ୍ଗକୁ ଯାଉଛି, ତାହା ବାବଦରେ ରାଜ୍ୟ ସରକାର ରାଜସ୍ୱ ପାଉଛନ୍ତି । ମାତ୍ର ରାଜ୍ୟ ଅଭାବ ଦୂର ହୋଇପାରୁଛି କି ? ବାଲି ସଂଗ୍ରହରେ ସ୍ୱଚ୍ଛତା ରକ୍ଷା ହୋଇପାରୁଛି କି ନାହିଁ ? ସାଧାରଣ ଲୋକେ ଗୃହ ନିର୍ମାଣ ବେଳେ ଉଚିତ ଦରରେ ଏହା ପାଉଛନ୍ତି କି ନାହିଁ ?ଏସବୁ ଦିଗ ନେଇ ଚିନ୍ତନ କରାଯିବା ଦରକାର ଓ ତଦନୁଯାୟୀ ପଦକ୍ଷେପ ନିଆଯିବା ଆବଶ୍ୟକ ।ସାଧାରଣ ଜନତାଙ୍କ ସ୍ୱାର୍ଥରକ୍ଷା ପ୍ରତି ସର୍ବାଦୌ ଧ୍ୟାନ ଦିଆଯିବା ଜରୁରୀ ।

# ଯେତେ ଅଧିକ ପିଲା, ସେତେ ଅଧିକ ଟଙ୍କା

### ସୁବାସ ଷଡଙ୍ଗୀ

ଜନ୍ମହାର ଭାରତରେ ବୃଦ୍ଧି ପାଉଥିବା କାରଣରୁ ସ୍ୱାଧୀନତା ପରେ ୧୯୫୨ ମସିହାରେ ପ୍ରଥମେ ଜନ୍ମ ନିୟନ୍ତ୍ରଣ କଥା ଉଠିଲା । ପରିବାର ସଂଖ୍ୟା କମାଇବାକୁ ନବ ଦମ୍ପତିମାନଙ୍କୁ ବିଭିନ୍ନ ଜନ୍ମ ନିୟନ୍ତ୍ରଣ ଉପକରଣ ଦେବାକୁ ସରକାର ନିଷ୍ପତ୍ତି କଲେ । କିନ୍ତୁ ଏହା ସାରା ଭାରତ ବର୍ଷରେ ପ୍ରଚଳିତ ହେଲା ୧୯୬୬ ମସିହାରେ । ସେତେବେଳେ ଶିଶୁମୃତ୍ୟୁହାର ଦେଶରେ ଅଧିକ ଥିବାରୁ ଜନ୍ମ ନିୟନ୍ତ୍ରଣ ପଦ୍ଧତିକୁ ଅନେକ ନବ ବିବାହିତ ଦମ୍ପତି ଗ୍ରହଣ କରିବାକୁ ରାଜି ହେଲେ ନାହିଁ । ସେଥିପାଇଁ ଜରୁରୀ ପରିସ୍ଥିତି ସମୟରେ ଉତ୍ତର ପ୍ରଦେଶ ସମେତ ବହୁ ରାଜ୍ୟରେ ଜନ୍ମ ନିୟନ୍ତ୍ରଣ ଅସ୍ତ୍ରୋପଚାର ନେଇ ଝଡ ଉଠିଲା । ଜୋର ଜବରଦସ୍ତି ଭାବରେ ଅସ୍ତ୍ରୋପଚାର କରାଗଲା ବୋଲି ଅଭିଯୋଗ ହେଲା ।

ତେବେ ପରବର୍ତ୍ତୀ ସମୟରେ ସୁଖୀ ପରିବାର ଗଠନ ପାଇଁ ଶିଶୁ ମୃତ୍ୟୁହାରକୁ କମ କରିବାକୁ ସରକାର ଯୋଜନା କଲେ । ଏଥିରେ ଶିଶୁ ମୃତ୍ୟୁକୁ ରୋକିବା ପାଇଁ ଯୋଜନା ସହିତ ପରିବାର କିପରି ସମୃଦ୍ଧ ହୋଇପାରିବ ସେ ନେଇ ବିଭିନ୍ନ ଯୋଜନା କରାଗଲା । ଯାହାକୁ କୁହାଗଲା 'ପରିବାର କଲ୍ୟାଣ' । ଗୋଟିଏ ବା ଦୁଇଟି ପିଲା ଯଥେଷ୍ଟ ବୋଲି କହାଗଲା । ଶିକ୍ଷିତ ଲୋକମାନେ ଏକଥାକୁ ବୁଝିଲେ, କମ ସନ୍ତାନ ନେଇ ଯୋଜନା କଲେ । ଏବେ ଅନେକ ପରିବାର ଗୋଟିଏ ପିଲାରେ ସନ୍ତୁଷ୍ଟ । ଦକ୍ଷିଣ ଭାରତରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ । ଏଣୁ ଏହାର ପ୍ରଭାବ ଫଳରେ ସେଇ ସବୁ ରାଜ୍ୟରେ ଉପରେ ଅଧିକ ପଡିଲା । ଜନ୍ମ ହାର କମିଲା ।

ଏବେ କିନ୍ତୁ ଜନ୍ମହାର କମିଯିବା ଫଳରେ, ଅନେକ ରାଜ୍ୟ ଚିନ୍ତାରେ ପଡିଛନ୍ତି । ଏହାର ଏକ ଉଦାହରଣ ହେଲା ଆନ୍ଧ୍ର ପ୍ରଦେଶ । ଏଇ ରାଜ୍ୟରେ କିପରି ଜନ୍ମହାର ବଢିବ, ସେଥିପାଇଁ ମୁଖ୍ୟମନ୍ତ୍ରୀ ନିଜେ ଉଦ୍ୟମ ଆରମ୍ଭ କରିଛନ୍ତି । ଆଜିକାଲିର ଶିକ୍ଷିତ ପରିବାର ଗୋଟିଏ ପିଲାରେ ନିଜ ପରିବାରକୁ ସୀମିତ ରଖିବାକୁ ଚାହାନ୍ତି । ଏଣୁ ଦ୍ୱିତୀୟ ସନ୍ତାନ ପାଇଁ ଆନ୍ଧ୍ର ପଦେଶ ସରକାର ପୁରସ୍କାର ଘୋଷଣା କରିଥିଲେ । ଯାହାର ଦ୍ୱିତୀୟ ସନ୍ତାନ ହେବ, ତାଙ୍କୁ ପଚିଶ ହଜାର ଟଙ୍କା ପୁରସ୍କାର ଦିଆଯିବ । ଏବେ କିନ୍ତୁ ତୃତୀୟ ବା ଚତୁର୍ଥ ସନ୍ତାନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି, ଆନ୍ଧ୍ର ସରକାର । ତୃତୀୟ ଓ ଚତୁର୍ଥ ସନ୍ତାନ ପାଇଁ ଅତିରିକ୍ତ ପୁରସ୍କାର କଥା କୁହାଯାଇଛି । ତୃତୀୟ ସନ୍ତାନ ହେଲେ ତିରିଶ ହଜାର ଓ ଚତୁର୍ଥ ସନ୍ତାନ ହେଲେ ଚାଳିଶ ହଜାର ଟଙ୍କା ଦିଆଯିବ ବୋଲି ଘୋଷଣା କରିଛନ୍ତି, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ।।

ଜନ୍ମ ହାର କମିଯିବା ଏବେ ଅନେକ ରାଜ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି । ଏଣୁ ଏଭଳି ପଦକ୍ଷେପ ସରକାରଙ୍କ ପକ୍ଷରୁ ନିଆଯାଇଛି । ଏବେ ଆନ୍ଧ୍ରପ୍ରଦେଶରେ ଜନ୍ମହାର ହେଉଛି ୧.୫ ଶତାଂଶ । ଏଇ ହାରକୁ ଭବିଷ୍ୟତରେ ୨.୧ ଶତାଂଶକୁ ବଢାଇବାକୁ ଚାହାନ୍ତି ରାଜ୍ୟ ସରକାର ।

କେବଳ ଆନ୍ଧ୍ର ପ୍ରଦେଶ ସରକାର କାହିଁକି, ତାମିଲନାଡୁ ଓ ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀମାନେ ମଧ୍ୟ ଅଧିକ ସନ୍ତାନ ଉପରେ ଗୁରୁତ୍ୱ ଦେଇଛନ୍ତି । ଏବେ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟରେ ଗୋଟିଏ ପରିବାରରେ ସୀମିତ ରଖୁଥିବା ପରିବାର ସଂଖ୍ୟା ହେଉଛି, ଶତକଡା ୫୭ । ଏଣୁ ସରକାରଙ୍କ ପକ୍ଷରୁ ଅଧିକ ସନ୍ତାନ ଉପରେ ଗୁରୁତ୍ୱ ଦିଆଯାଉଛି । କୁହାଯାଉଛି, ଯଦି ସନ୍ତାନ ଜନ୍ମ ସଂଖ୍ୟା କମିଯାଏ, ତେବେ ୨୦୪୭ ମସିହା ବେଳକୁ ବରିଷ୍ଠ ନାଗରିକଙ୍କ ସଂଖ୍ୟା ବଢିଯିବ । ପରିବାରରେ ରୋଜଗାରକ୍ଷମ ଲୋକଙ୍କ ଅଭାବ ଦେଖାଦେବ । ଏହାର ସିଧାସଳଖ ପ୍ରଭାବ ଅର୍ଥନୀତି ଉପରେ ପଡିବ । ଏହାର ରାଜନୈତିକ ପ୍ରଭାବ ମଧ୍ୟ ରହିଛି । ଆସନ୍ତା ବର୍ଷ ବିଭିନ୍ନ ନିର୍ବାଚନ ମଣ୍ଡଳୀର ସୀମା ପୁନର୍ନିର୍ଦ୍ଧାରଣ କରାଯିବ । ସେତେବେଳେ ଜନସଂଖ୍ୟା ଆଧାରରେ ଅନେକ ନିର୍ବାଚନ ମଣ୍ଡଳୀ କମିଯିବାର ଦେଖାଦେଇଛି । ଯଦି ଜନସଂଖ୍ୟା କମିଯାଏ, ତେବେ ଲୋକସଭା ନିର୍ବାଚନମଣ୍ଡଳୀ ମଧ୍ୟ କମ ହେବ । ଫଳରେ ରାଜ୍ୟତାର ଅଧିକାର ପାଇବା କ୍ଷେତ୍ରରେ ପଛରେ ପଡିଯିବ । ତେଣୁ ଦକ୍ଷିଣ ଭାରତର ରାଜ୍ୟଗୁଡିକ ସନ୍ତାନ ଅଧିକ ହେବା ଉପରେ ଗୁରୁତ୍ୱ ଦେଉଛନ୍ତି ।

ଆଜିକାଲି ଶିକ୍ଷିତ ପରିବାରମାନେ ଗୋଟିଏ ପିଲାନେଇ ଖୁସ । ଚାକିରିର ଚାପ,ପିଲାଙ୍କ ଯତ୍ନ ନେବାରେ ସମୟର ଅଭାବ ଏବଂ ସେମାନଙ୍କୁ ମଣିଷ କରିବା ପାଇଁ ବହୁଳ ଅର୍ଥର ଆବଶ୍ୟକତା ଥିବାରୁ ଗୋଟିଏ ପିଲାରେ ସେମାନେ ନିଜ ପରିବାରକୁ ସୀମିତ ରଖିବାକୁ ଚାହନ୍ତି ।

ବିଶିଷ୍ଟ ସମାଜଶାସ୍ତ୍ରବିତ ଉଦନ ଆଧ୍ୟା କହିଛନ୍ତି, ବଡବଡ ମେଟ୍ରୋ ସହରଗୁଡିକରେ ପିଲାଙ୍କୁ ମଣିଷ କରିବାକୁ ବାପାମା'ଙ୍କୁ ସାତକୋଟି ଟଙ୍କାରୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି । ବାଙ୍ଗାଲୋର, ହାଇଦ୍ରାବାଦ, ଦିଲ୍ଲୀ, ମୁମ୍ବାଇ, କୋଚି, ଚେନ୍ନାଇ ଭଳି ସହରରେ ହେଉଥିବା ଖର୍ଚ୍ଚକୁ ମିଶାଇ ସେ ଏହା କହିଛନ୍ତି । ଏଇସବୁ ସହରରେ ପ୍ରାଥମିକ ଶିକ୍ଷା ପାଇଁ ଚାରି ବର୍ଷରେ କୋଡିଏ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି । ଯୁକ୍ତ ଦୁଇ ପରୀକ୍ଷା ଶେଷ ବେଳକୁ ଏଇ ଖର୍ଚ୍ଚ ୬.୭୫ ଲକ୍ଷ ଟଙ୍କରେ ପହଂଚିଯାଉଛି । ଏହାପରେ ଉଚ୍ଚଶିକ୍ଷା ଋଣ ମିଳୁଥିବାରୁ ସେସବୁର ହିସାବ ଦେଇ ନାହାନ୍ତି । ପ୍ରାଥମିକ ଶିକ୍ଷାପରେ ଉଚ୍ଚପ୍ରାଥମିକ ଶିକ୍ଷା ଓ କୋଚିଂରେ ପ୍ରଭୃତ ପରିମାଣର ଅର୍ଥ ଖର୍ଚ୍ଚ ହେଉଥିବାରୁ ପରିବାରରେ ଆର୍ଥିକ ସଂକଟ ଦେଖାଦେବା ସ୍ୱାଭାବିକ ।

ଏଇସବୁ କାରଣରୁ ଶିକ୍ଷିତ ପରିବାରରେ ପିଲାଙ୍କ ସଂଖ୍ୟା ବଢିପାରୁ ନାହିଁ । ଫଳରେ ଏଇ ସବୁ ରାଜ୍ୟଗୁଡିକ ଆର୍ଥିକ, ସାମାଜିକ ଓ ରାଜନୈତିକ ଭାବରେ ପଛୁଆ ରହିଯାଉଛନ୍ତି । ତେଣୁ ଏବେ ଏଇ ସବୁ ରାଜ୍ୟ ବିଶେଷ କରି ଦକ୍ଷିଣ ରାଜ୍ୟଗୁଡିକ ସନ୍ତାନ ବଢାଇବା ପାଇଁ ବିଭିନ୍ନ ପୁରସ୍କାର କଥା ଘୋଷଣା କରିଛନ୍ତି । ଗୋଟାଏ କଥା ଏଠାରେ ଉଲ୍ଲେଖ କରାଯାଇପାରେ ଯେ ସତୁରି ଦଶକରେ ଭାରତରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଉଦ୍ୟମ ହୋଇଥିଲା । ଏହାର ପ୍ରଭାବ ଦକ୍ଷିଣ ଭାରତୀୟ ରାଜ୍ୟଗୁଡିକ ଉପରେ ଅଧିକ ପଡିଥିଲା, କାରଣ ସେସବୁ ରାଜ୍ୟରେ ଶିକ୍ଷିତ ଲୋକଙ୍କ ସଂଖ୍ୟା ଅଧିକ । ଏଭଳି ଅବସ୍ଥା କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ଦେଶରେ ମଧ୍ୟ ଦେଖିବାକୁ ମିଳୁଛି । ଦକ୍ଷିଣ କୋରିଆରେ ବିବାହ କଲେ ଦମ୍ପତିଙ୍କୁ ଦୁଇକୋଟି ଟଙ୍କା ଦିଆଯାଉଛି । କାରଣ, ସେଠାରେ ମଧ୍ୟ ଶିକ୍ଷିତ ଲୋକମାନେ ବିବାହ ନକରି ରିଲେସନସିପରେ ରହିବାକୁ ଅଧିକ ପସନ୍ଦ କରୁଛନ୍ତି । ତାର କାରଣ, ପିଲା ହେବାକୁ କେହି ଚାହୁଁ ନାହାନ୍ତି ।

ଭୁବନେଶ୍ୱର, ମୋ-୯୪୩୯୬୫୨୩୨୨

# ଯୁଦ୍ଧ ଭୋକର କାରଣ ହେବ

### ଡକ୍ଟର ଲକ୍ଷ୍ମଣ ସାହୁ

"
ବର୍ତ୍ତମାନ ବିଶ୍ୱ ଖାଦ୍ୟ ବଜାର ତୁଳନାତ୍ମକ ଭାବରେ ସ୍ଥିର ଅଛି । ଏହାର ଏକ ପ୍ରମୁଖ କାରଣ ହେଉଛି ବିଶ୍ୱରେ ପର୍ଯ୍ୟାପ୍ତ ଖାଦ୍ୟ ସଂରକ୍ଷଣ ଅଛି । ଗହମ, ଚାଉଳ ଓ ମକା ପରି ପ୍ରମୁଖ ଫସଲର ଷ୍ଟକ୍ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଭଲ ଅବସ୍ଥାରେ ଅଛି । ଏହି ସଂରକ୍ଷଣ ଏକ ସଙ୍କଟ ସମୟରେ ଏକ କୁଶନ ଭାବରେ କାର୍ଯ୍ୟ କରେ, ହଠାତ୍ ଯୋଗାଣ ଅଭାବ ଯୋଗୁଁ ବଜାରକୁ ଭୁଶୁଡ଼ିବାରୁ ରୋକିଥାଏ ।
ଯଦି ଆମେ ସାମ୍ପ୍ରତିକ ଇତିହାସ ଉପରେ ନଜର ପକାଇବା, ତେବେ ରୁଷ-ୟୁକ୍ରେନୀୟ ଯୁଦ୍ଧ ଏକ ଜ୍ୱଳନ୍ତ ଉଦାହରଣ ପ୍ରଦାନ କରେ । ସେହି ସମୟରେ, ବିଶ୍ୱ ଏକ ପ୍ରକୃତ ଖାଦ୍ୟ ସଙ୍କଟର ଆଶଙ୍କାର ସମ୍ମୁଖୀନ ହୋଇଥିଲା, କାରଣ ରୁଷ ଓ ୟୁକ୍ରେନ ମିଳିତ ଭାବରେ ବିଶ୍ୱକୁ ଗହମ ଓ ଅନ୍ୟାନ୍ୟ ଶସ୍ୟର ଏକ ବଡ଼ ଅଂଶ ରପ୍ତାନି କରିଥିଲେ । ଯୁଦ୍ଧ କେବଳ ଉତ୍ପାଦନକୁ ପ୍ରଭାବିତ କରିନଥିଲା ବରଂ ବନ୍ଦର ଓ ଯୋଗାଣ ଶୃଙ୍ଖଳାକୁ ମଧ୍ୟ ବାଧା ଦେଇଥିଲା । ଫଳସ୍ୱରୂପ ମୂଲ୍ୟ ଆକାଶଛୁଆଁ ହୋଇଥିଲା ଓ ବହୁ ଦେଶ ଖାଦ୍ୟ ଅସୁରକ୍ଷାର ସମ୍ମୁଖୀନ ହୋଇଥିଲେ ।

ଇତିହାସରେ ଯୁଦ୍ଧଗୁଡ଼ିକ କେବଳ ସୀମା ପରିବର୍ତ୍ତନ କରନ୍ତି ନାହିଁ; ଏହା ମାନବତାର ସବୁଠାରୁ ମୌଳିକ ପ୍ରଶ୍ନ ଭିତରେ ଖାଦ୍ୟକୁ ମଧ୍ୟ ଦୋହଲାଇ ଦିଏ । ଯେତେବେଳେ ମଧ୍ୟପ୍ରାଚ୍ୟରେ ବାରୁଦର ଗନ୍ଧ ଉଠେ, ବିଶ୍ୱର ଲକ୍ଷ ଲକ୍ଷ ଲୋକ ଅନିଚ୍ଛାକୃତ ଭାବରେ ଭାବନ୍ତି ଯେ ଏହି ସଂଘର୍ଷ ସେମାନଙ୍କ ଥାଳିରେ ପହଞ୍ଚିବ କି ନାହିଁ ? ଉପସାଗରୀୟ ଅଞ୍ଚଳରେ ସାମ୍ପ୍ରତିକ ଉତ୍ତେଜନା ବୃଦ୍ଧି ଓ ଏକ ସମ୍ଭାବ୍ୟ ବଡ଼ ଯୁଦ୍ଧର ଭୟ ମଧ୍ୟ ଏକ ବିଶ୍ୱ ଖାଦ୍ୟ ସଙ୍କଟର ଆଲୋଚନାକୁ ତ୍ୱରାନ୍ୱିତ କରିଛି । କିନ୍ତୁ ପ୍ରଶ୍ନ ହେଉଛି ଯେ ଏହି ଭୟ କ'ଣ ପ୍ରକୃତରେ ଏକ ନିକଟକାଳୀନ ବାସ୍ତବତା, ନା ଏହା ବହୁଳ ଭାବରେ ମାନସିକ ?

ପ୍ରକୃତରେ ଉପସାଗରୀୟ ଅଞ୍ଚଳ ବିଶ୍ୱ ଅର୍ଥନୀତିରେ ଏକ ଅନନ୍ୟ ସ୍ଥାନ ଅଧିକାର କରେ । ଏହାର ମାଟି ତେଲ ଓ ପ୍ରାକୃତିକ ଗ୍ୟାସରେ ସମୃଦ୍ଧ । ଏହି ଶକ୍ତି ଉତ୍ସଗୁଡ଼ିକ ବିଶ୍ୱର ଶିଳ୍ପ ଭିତ୍ତିଭୂମିକୁ ଚାଳିତ କରନ୍ତି । ଏକ ପୁରୁଣା କଥା ଅଛି: 'ମଧ୍ୟପ୍ରାଚ୍ୟ ହାଇଡ୍ରୋକାର୍ବନ ବିକ୍ରି କରେ ଓ କାର୍ବୋହାଇଡ୍ରେଟ୍ କିଣେ ।' ଏହାର ଅର୍ଥ ହେଉଛି ଏହି ଦେଶଗୁଡ଼ିକ ଶକ୍ତି ରପ୍ତାନି କରି ଖାଦ୍ୟ ଆମଦାନୀ କରନ୍ତି । କିନ୍ତୁ ଏହି



ସମୀକରଣର ଆଉ ଏକ ଦିଗ ଅଛି: ସାର ଉତ୍ପାଦନ । ନାଇଟ୍ରୋଜେନ୍-ଆଧାରିତ ସାର, ଯାହା ବିନା ଆଧୁନିକ କୃଷି କଳ୍ପନା କରାଯାଇପାରିବ ନାହିଁ । ମୁଖ୍ୟତଃ ପ୍ରାକୃତିକ ଗ୍ୟାସରୁ ଉତ୍ପାଦିତ ହୁଏ, ଓ ଉପସାଗରୀୟ ଅଞ୍ଚଳ ଏଥିପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ।

ଏହିଠାରେ ହିଁ ଚିନ୍ତାର ପ୍ରଥମ ଲହରୀ ଉଭା ହୁଏ । ଯଦି ଏହି ଅଞ୍ଚଳରେ ଯୁଦ୍ଧ ବଡ଼ ଧରଣର ହୁଏ, ବିଶେଷକରି ଇରାନ ହରମୁଜ୍ ପ୍ରଣାଳୀ ପରି ଆଖପାଖ ସମୁଦ୍ର ପଥରେ, ତେବେ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହୋଇପାରେ । ବୃଦ୍ଧି ପାଉଥିବା ଶକ୍ତି ମୂଲ୍ୟ ସିଧାସଳଖ ସାର ଉତ୍ପାଦନକୁ ପ୍ରଭାବିତ କରେ । କାରଣ ଗ୍ୟାସ୍ ହେଉଛି ସେମାନଙ୍କ ଉତ୍ପାଦନ ପାଇଁ ମୁଖ୍ୟ କଞ୍ଚାମାଲ । ଯଦି ସାର ମହଙ୍ଗା କିମ୍ବା ଦୁର୍ଲଭ ହୋଇଯାଏ, ଚାଷୀଙ୍କ ପାଇଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବ, ଯାହା ଭବିଷ୍ୟତର ଫସଲକୁ ପ୍ରଭାବିତ କରିପାରେ । ତଥାପି ଏହି ପରିସ୍ଥିତି ଏତେ ଭୟଙ୍କର ନୁହେଁ ।

ବର୍ତ୍ତମାନ ବିଶ୍ୱ ଖାଦ୍ୟ ବଜାର ତୁଳନାତ୍ମକ ଭାବରେ ସ୍ଥିର ଅଛି । ଏହାର ଏକ ପ୍ରମୁଖ କାରଣ ହେଉଛି ବିଶ୍ୱରେ ପର୍ଯ୍ୟାପ୍ତ ଖାଦ୍ୟ ସଂରକ୍ଷଣ ଅଛି । ଗହମ, ଚାଉଳ ଓ ମକା ପରି ପ୍ରମୁଖ ଫସଲର ଷ୍ଟକ୍ ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଭଲ ଅବସ୍ଥାରେ ଅଛି । ଏହି ସଂରକ୍ଷଣ ଏକ ସଙ୍କଟ ସମୟରେ ଏକ କୁଶନ ଭାବରେ କାର୍ଯ୍ୟ କରେ, ହଠାତ୍ ଯୋଗାଣ ଅଭାବ ଯୋଗୁଁ ବଜାରକୁ ଭୁଶୁଡ଼ିବାରୁ ରୋକିଥାଏ ।

ଯଦି ଆମେ ସାମ୍ପ୍ରତିକ ଇତିହାସ ଉପରେ ନଜର ପକାଇବା, ତେବେ ରୁଷ-ୟୁକ୍ରେନୀୟ ଯୁଦ୍ଧ ଏକ ଜ୍ୱଳନ୍ତ ଉଦାହରଣ ପ୍ରଦାନ କରେ । ସେହି ସମୟରେ, ବିଶ୍ୱ ଏକ ପ୍ରକୃତ ଖାଦ୍ୟ ସଙ୍କଟର ଆଶଙ୍କାର ସମ୍ମୁଖୀନ ହୋଇଥିଲା, କାରଣ ରୁଷ ଓ ୟୁକ୍ରେନ ମିଳିତ ଭାବରେ ବିଶ୍ୱକୁ ଗହମ ଓ ଅନ୍ୟାନ୍ୟ ଶସ୍ୟର ଏକ ବଡ଼ ଅଂଶ ରପ୍ତାନି କରିଥିଲେ । ଯୁଦ୍ଧ କେବଳ ଉତ୍ପାଦନକୁ ପ୍ରଭାବିତ କରିନଥିଲା ବରଂ ବନ୍ଦର ଓ ଯୋଗାଣ ଶୃଙ୍ଖଳାକୁ ମଧ୍ୟ ବାଧା ଦେଇଥିଲା । ଫଳସ୍ୱରୂପ ମୂଲ୍ୟ ଆକାଶଛୁଆଁ ହୋଇଥିଲା ଓ ବହୁ ଦେଶ ଖାଦ୍ୟ ଅସୁରକ୍ଷାର ସମ୍ମୁଖୀନ ହୋଇଥିଲେ ।

କିନ୍ତୁ ବର୍ତ୍ତମାନର ଉପସାଗରୀୟ ସଙ୍କଟ ଭିନ୍ନ । ଯଦି ଯୁଦ୍ଧ ହୁଏ, ତେବେ ଏହାର ପ୍ରଭାବ ସିଧାସଳଖ ନୁହେଁ, ବରଂ ଏହା ବଜାର ପର୍ଯ୍ୟନ୍ତ ସୀମିତ ହେବାର ଶକ୍ତି ସମ୍ଭାବନା ଅଧିକ । ଅପରପକ୍ଷରେ କୃଷି ଉତ୍ପାଦନ କେନ୍ଦ୍ର । କ୍ଷେତରେ ଠିଆ ହୋଇଥିବା ଫସଲ ବୋମା ମାଡ଼ର ଶିକାର ହେଉନାହିଁ, କିମ୍ବା ବିପୁଳ ଶସ୍ୟ ଭଣ୍ଡାର ଯୁଦ୍ଧକ୍ଷେତ୍ରରେ ପରିଣତ ହେଉନାହିଁ । ତେଣୁ ଖାଦ୍ୟ ସଙ୍କଟର ଆଶଙ୍କା ବର୍ତ୍ତମାନ ପାଇଁ ଦୂରବର୍ତ୍ତୀ ମନେ ହେଉଛି ।

ତଥାପି, ସାରର ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ । ନାଇଟ୍ରୋଜେନ୍, ଫସଫେଟ୍ ଓ ପଟାସ ହେଉଛି କୃଷିର ତିନୋଟି ସ୍ତମ୍ଭ । ଏଥିମଧ୍ୟରୁ ନାଇଟ୍ରୋଜେନ୍ ଉତ୍ପାଦନ ସବୁଠାରୁ ଶକ୍ତି ଉପରେ ନିର୍ଭରଶୀଳ । ଯଦି ଗ୍ୟାସ୍ ମୂଲ୍ୟ ବୃଦ୍ଧି ପାଏ, ତେବେ ସାର ମୂଲ୍ୟ ମଧ୍ୟ ଆକାଶଛୁଆଁ ହୁଏ । ଏହା ପୂର୍ବରୁ ମଧ୍ୟ ଘଟିଛି । ଯେତେବେଳେ ସାର ମୂଲ୍ୟ ହଠାତ୍ ବହୁ ଗୁଣ ବୃଦ୍ଧି ପାଇଥିଲା, ସେତେବେଳେ ଚାଷୀମାନଙ୍କୁ ସେମାନଙ୍କର ଖର୍ଚ୍ଚ ହ୍ରାସ କରିବାକୁ ବାଧ୍ୟ କରିଥିଲା । କିନ୍ତୁ କୃଷି ଏକ ଧୀର ପ୍ରକ୍ରିୟା ; ଯଦିଓ ଏହାର ପ୍ରଭାବ ତୁରନ୍ତ ଦୃଶ୍ୟମାନ ହୁଏ ନାହିଁ । ଯଦି ଆଜି ସାର ଅଭାବ ଦେଖାଯାଏ, ତେବେ ଏହାର ପ୍ରଭାବ ଧୀରେ ଧୀରେ ପରବର୍ତ୍ତୀ ଫସଲରେ ଅନୁଭୂତ ହେବ । ଏହା ବ୍ୟତୀତ, ଚାଷୀମାନେ ସାର ବ୍ୟବହାର ସମ୍ପୂର୍ଣ୍ଣ ଭାବରେ ବନ୍ଦ କରନ୍ତି ନାହିଁ, ବରଂ ସେମାନଙ୍କର ପରିମାଣ ହ୍ରାସ କରନ୍ତି । ଯାହା ଫଳରେ ଉତ୍ପାଦନରେ ହ୍ରାସ ଘଟେ । କିନ୍ତୁ ହ୍ରାସ ହଠାତ୍ ଓ ବିନାଶକାରୀ ନୁହେଁ ।

ଏହା ମଧ୍ୟ ଉଲ୍ଲେଖନୀୟ ଯେ ଆଧୁନିକ କୃଷି କେବଳ ନାଇଟ୍ରୋଜେନ ଉପରେ ନିର୍ଭର କରେ ନାହିଁ । ଫସଫେଟ୍ ଓ ପଟାସ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ, । ସେମାନଙ୍କର ଯୋଗାଣ ବିଭିନ୍ନ ଦେଶରେ ବିସ୍ତାରିତ । ତଥାପି, ବେଲାରୁଷ ଭଳି ଦେଶଗୁଡ଼ିକ ପଟାସର ପ୍ରମୁଖ ରପ୍ତାନିକାରୀ । ଯେକୌଣସି ବିଶ୍ୱ ଉତ୍ତେଜନା ସେମାନଙ୍କର ରପ୍ତାନିକୁ ପ୍ରଭାବିତ କରିପାରେ । ଯାହା ଫଳରେ ମୂଲ୍ୟ ବୃଦ୍ଧି ହୋଇପାରେ ।

ତଥାପି ଏକ ଆକର୍ଷଣୀୟ ତଥ୍ୟ ହେଉଛି ଯେ ଏସିଆରେ ବିଶେଷକରି ଭାରତ ଓ ଚୀନ୍ ଭଳି ଦେଶରେ ସାରକୁ ପ୍ରଚୁର ପରିମାଣରେ ସବ୍‌ସିଡି ଦିଆଯାଏ । ଏହାର ଅର୍ଥ ହେଉଛି ବୃଦ୍ଧି ପାଉଥିବା ଆନ୍ତର୍ଜାତୀୟ ମୂଲ୍ୟର ସିଧାସଳଖ ବୋଝ ଚାଷୀମାନେ ବହନ କରନ୍ତି ନାହିଁ, ବରଂ ସରକାରମାନେ ବହନ କରନ୍ତି । ଏହି ବ୍ୟବସ୍ଥା ଖାଦ୍ୟ ଉତ୍ପାଦନକୁ ଅପେକ୍ଷାକୃତ ସ୍ଥିର ରଖେ । ସାଧାରଣ ଜନତା ମୁଦ୍ରାସ୍ଫୀତି ଦ୍ୱାରା କମ୍ ପ୍ରଭାବିତ ହୁଅନ୍ତି ।

ଖାଦ୍ୟ ସଙ୍କଟ ପରିପ୍ରେକ୍ଷୀରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ସଂରକ୍ଷଣ ଓ ବଣ୍ଟନ ବ୍ୟବସ୍ଥା । ଆଜି ବିଶ୍ୱ ୨୦୦୭-୦୮ ର ଖାଦ୍ୟ ସଙ୍କଟ ଅପେକ୍ଷା ବହୁତ ଅଧିକ ପ୍ରସ୍ତୁତ ହେବାକୁ ପଡ଼ିବ । ସେତେବେଳେ, ବିଶ୍ୱ ଭଣ୍ଡାର ସର୍ବନିମ୍ନ ସ୍ତରରେ ଥିଲା, ଯାହା ଫଳରେ ହଠାତ୍ ମୂଲ୍ୟ ବୃଦ୍ଧି ଅନେକ ଦେଶରେ ଦଙ୍ଗା ସୃଷ୍ଟି କରିଥିଲା । ଆଜି କିନ୍ତୁ ପରିସ୍ଥିତି ଭିନ୍ନ ପ୍ରକାରର । ଦେଶଗୁଡ଼ିକ ସେମାନଙ୍କର ସଂରକ୍ଷଣକୁ ସୁଦୃଢ଼ କରିଛନ୍ତି ଓ ଯୋଗାଣ ଶୃଙ୍ଖଳାକୁ ଅଧିକ ସ୍ଥିର କରିଛନ୍ତି । ତଥାପି ବିପଦ ସମ୍ପୂର୍ଣ୍ଣ ଭାବରେ ଶେଷ ହୋଇନାହିଁ । ଯଦି ଉପସାଗରୀୟ ଅଞ୍ଚଳରେ ସଂଘର୍ଷ ଲମ୍ବିତ ହୁଏ ଓ ଶକ୍ତି ମୂଲ୍ୟ ବୃଦ୍ଧି ପାଇବା ଜାରି ରହେ, ତେବେ ଏହା ଧୀରେ ଧୀରେ କୃଷି ଉପରେ ପ୍ରଭାବ ପକାଇବ । ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇବ, ପରିବହନ ମହଙ୍ଗା ହେବ ଓ ଶେଷରେ ଗ୍ରାହକ ମୂଲ୍ୟ ବୃଦ୍ଧି ପାଇବ ।

ଏହି ପ୍ରକ୍ରିୟା ଧୀର ହେବ, କିନ୍ତୁ ଏହା ସ୍ଥାୟୀ ହୋଇପାରେ । ଏହି ସମ୍ପୂର୍ଣ୍ଣ ପରିସ୍ଥିତି ଏକ ଗଭୀର ମାନବ ସତ୍ୟକୁ ମଧ୍ୟ ଲୁଚାଇ ରଖେ । ଖାଦ୍ୟ କେବଳ ଏକ ସାମଗ୍ରୀ ନୁହେଁ, ବରଂ ଜୀବନର ମୂଳଦୁଆ । ଯେତେବେଳେ ଯୁଦ୍ଧ ହୁଏ, ସେତେବେଳେ ଗରିବ ଖଟିଖିଆ ଦୁର୍ବଳ ଲୋକମାନେ ପ୍ରଥମେ ଓ ସର୍ବାଧିକ ପ୍ରଭାବିତ ହୁଅନ୍ତି । ବିକଶିତ ଦେଶମାନଙ୍କ ପାଖରେ ସଂରକ୍ଷଣ ଓ ସମ୍ବଳ ଅଛି, କିନ୍ତୁ ବିକାଶଶୀଳ ଦେଶଗୁଡ଼ିକରେ, ଏକ ଛୋଟ ମୂଲ୍ୟ ବୃଦ୍ଧି ମଧ୍ୟ ଲକ୍ଷ ଲକ୍ଷ ଲୋକଙ୍କ ପ୍ଲେଟରୁ ରୁଟି ଛଡ଼ାଇ ନେଇପାରେ ।

ତେଣୁ ଏହା ଅତ୍ୟନ୍ତ ଜରୁରୀ ଯେ ଆମେ ବର୍ତ୍ତମାନର ପରିସ୍ଥିତି ବିଷୟରେ ଆତ୍ମସନ୍ତୋଷ ନ ପାଇବା ବରଂ ଭବିଷ୍ୟତର ସମ୍ଭାବନା ପ୍ରତି ମଧ୍ୟ ସଚେତନ ରହିବା । ସରକାରମାନଙ୍କୁ ସେମାନଙ୍କର ଖାଦ୍ୟ ସଂରକ୍ଷଣକୁ ମଜଭୁତ୍ କରିବାକୁ ହେବ । ଏପରିକି ସାର ଯୋଗାଣ ସୁନିଶ୍ଚିତ କରିବା ଓ ଚାଷୀମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇବା ଉଚିତ । ଏହି ଦିଗରେ ଅନ୍ତର୍ଜାତୀୟ ସହଯୋଗ ମଧ୍ୟ ଗୁରୁତ୍ୱପୂର୍ଣ୍ଣ, କାରଣ ଖାଦ୍ୟ ସୁରକ୍ଷା ଏକ ବିଶ୍ୱସ୍ତରୀୟ ସମସ୍ୟା, ଜାତୀୟ ସମସ୍ୟା ନୁହେଁ ।

ଉପସାଗରୀୟ ଯୁଦ୍ଧ ଓ ବିଶ୍ୱ ଖାଦ୍ୟ ସଙ୍କଟ ମଧ୍ୟରେ ସମ୍ପର୍କ ଏକ ଜଟିଳ ଓ ବହୁମୁଖୀ ପ୍ରସଙ୍ଗ । ଏହି ସମ୍ପର୍କ ପ୍ରତ୍ୟକ୍ଷ ଓ ତୁରନ୍ତ ନୁହେଁ, ବରଂ ପରୋକ୍ଷ ଓ ଦୀର୍ଘକାଳୀନ । ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଏହା କହିବା ଉଚିତ୍ ହେବ ଯେ ବିଶ୍ୱ ଏପର୍ଯ୍ୟନ୍ତ ଏକ ବଡ଼ ଖାଦ୍ୟ ସଙ୍କଟର ଦ୍ୱାରଦେଶରେ ନାହିଁ । ତଥାପି ଏହା ସମାନ ସତ୍ୟ ଯେ ଯଦି ଆମେ ସତର୍କ ନ ରହିବା, ତେବେ ଏହି ପରିସ୍ଥିତି ଖୁବ୍ ଶୀଘ୍ର ପରିବର୍ତ୍ତନ ହେବ... !

କଟକ: ୪ , ମୋ: ୯୦୪୦ ୧୫୧୪୭୫

# ରାଜସ୍ଥାନର ସିକର ଏବେ ଦେଶର କୋଚିଂ କେନ୍ଦ୍ରମାନଙ୍କର ରାଜଧାନୀ

### ମହାମେଘବାହନ ଐର ଖାରବେଳ ସ୍ୱାଇଁ

"
ବିଭିନ୍ନ ପରୀକ୍ଷାରେ ଯେଉଁମାନେ ବିଭିନ୍ନ ର୍ୟାଙ୍କ ପାଇଥାନ୍ତି ସେମାନେ ଆର୍ଥିକ ଦୃଷ୍ଟିରୁ ପରବର୍ତ୍ତୀ କାଳରେ ସ୍ୱଚ୍ଛଳ ହୁଅନ୍ତି । ଭାରତ ବର୍ଷରେ ଉପରକୁ ଉଠିବାର ଏହି ସଂସ୍ଥାମାନ ସିଡି ଭଳି କାମ କରନ୍ତି, ଯାହା ଫଳରେ ସେମାନେ ଉପରକୁ ଉପରକୁ ଉଠନ୍ତି । କିନ୍ତୁ ଏହି ଧରଣର ପଦ୍ଧତିକୁ ମଧ୍ୟ ଅନେକ କ୍ଷେତ୍ରରେ ଜାଲିଆତି କରି ଭ୍ରମରେ ପକାଯାଇପାରେ ଏବଂ ଏହାର ଶୋଷଣ ମଧ୍ୟ କରାଯାଇପାରେ ଏବଂ ଏହାର ପଦ୍ଧତିକୁ ଅନ୍ୟ ସ୍ଥାନକୁ ନିଆଯାଇପାରେ, ଯାହା ଯିବା କଥା ନୁହେଁ । ଏହି ପ୍ରଶ୍ନପତ୍ର ପ୍ରଘଟନ ବିବାଦ ବହୁ ପରିମାଣରେ ସତ୍ୟକୁ ପ୍ରଘଟ କରୁଛି । ଏହା ମଧ୍ୟ ହତାଶାକୁ ଲୁଚାଇ ରଖିଥିବା ଭାରତୀୟ ଆଶାୟୀମାନଙ୍କର ଅର୍ଥନୀତିକୁ ଗୋଟିଏ ସମାନ୍ତରାଳ ପ୍ରଶ୍ନପତ୍ର ପ୍ରଘଟନର ବଜାରକୁ ଖୋଲିଦିଏ, ଯେଉଁଥିରେ ଦଲାଲମାନେ ରୁହନ୍ତି ଏବଂ ଅଳ୍ପ ପରିଶ୍ରମରେ ବେଶୀ ଫଳ ପାଆନ୍ତି ।

ଯେତେବେଳେ ସେମାନେ ମନୋନୀତ ହୁଅନ୍ତି ସେତେବେଳେ ସାରା ସହରକୁ ବଡ଼ ବଡ଼ ହୋର୍ଡିଂ ଲଗାଯାଇ ଏବଂ ସେଥିରେ ଯେଉଁମାନେ ସର୍ବୋଚ୍ଚ ସ୍ଥାନରେ ରହିଛନ୍ତି ସେମାନଙ୍କର ଫଟୋ ମଧ୍ୟ ଛପାଯାଏ । ଏହା ଇଲେକ୍ଟ୍ରି ଖୁଣ୍ଟରେ ଲଗାଯାଇଥାଏ ଓ ସ୍ଥାନୀୟ ସମ୍ବାଦପତ୍ରମାନଙ୍କରେ ପ୍ରକାଶିତ ହୁଏ । ବିଭିନ୍ନ ଲୋକଙ୍କ କାନ୍ଥରେ ଏଆଇଆର୍ ମାନ୍ୟତାରେ କିଏ କେଉଁଠି ଅଛନ୍ତି ତାହା ମଧ୍ୟ ଛପାଯାଇଥାଏ । ବିଭିନ୍ନ ପ୍ରତିଷ୍ଠାନମାନେ ସେମାନଙ୍କର ଡିଜେମାନଙ୍କୁ ଆଣି ସେଥିରେ ସଫଳ ହୋଇଥିବା ଛାତ୍ରମାନଙ୍କୁ ଫୁଲହାର ଦେଇ ଏବଂ ବାଜା ବଜାଇ ଶୋଭାଯାତ୍ରା କରି ନିଅନ୍ତି, ଯେମିତି ସେମାନେ ହେଉଛନ୍ତି ସ୍ଥାନୀୟ ଦେବାଦେବୀ । ସେମାନଙ୍କୁ ଗୋଟିଏ ପ୍ରକାର ରଥରେ ବସାଇ ଶୋଭାଯାତ୍ରାରେ ନିଆଯାଏ । ୨୦୧୬ରେ ଗୋଟିଏ କୋଚିଂ ସେଣ୍ଟର ଏଆଇଆର୍‌ରେ ସର୍ବ ଭାରତୀୟ ସ୍ତରରେ ୧୧ ସ୍ଥାନ ଆଇଆଇଟି ଜେଇଇ ପରୀକ୍ଷାରେ ପାଇଥିବା ହେତୁ ତାଙ୍କୁ ଗୋଟିଏ ବିଏମ୍‌ଡବ୍ଲ୍ୟୁ ଗାଡ଼ି ଦିଆଯାଇଥିଲା । ପ୍ରତ୍ୟେକ ମନୋନୟନ ଦୁଇଟି ପ୍ରକାର ଭାବନା ଏକ ସମୟରେ ସୃଷ୍ଟି କରିଥାଏ । ଯେଉଁ ପରିବାରରୁ ସେମାନେ ଆସିଥାନ୍ତି ସେମାନଙ୍କୁ ଆଶ୍ୱସ୍ତି ମିଳିଥାଏ । ଯେଉଁ ପରିବାରର ପିଲା ସେଥିରେ ସଫଳ ହୋଇନଥାନ୍ତି ସେମାନେ ଅତ୍ୟନ୍ତ ନୈରାଶ୍ୟ ଭୋଗ କରନ୍ତି । ମା'ମାନେ ଯେଉଁ ଛାତ୍ରମାନଙ୍କ ପୋଷ୍ଟର କାନ୍ଥରେ ଲଗାଯାଇଥାଏ, ସେମାନେ ଭାବନ୍ତି ସେମାନଙ୍କର ପିଲାମାନଙ୍କର ଭାଗ୍ୟ କ'ଣ ହେବ, ଯେଉଁମାନେ ସଫଳ ହୋଇନଥାନ୍ତି । ଆନନ୍ଦ, ଲଜ୍ୟା, ସମ୍ମାନ ଓ ଉଦ୍‌ବେଗ ସୃଷ୍ଟି ହୋଇଥାଏ, ବିବାହ ପ୍ରସ୍ତାବ ସମ୍ଭାବନା କମିଯାଏ । ବାହାରକୁ ଯାଇ କାମ କରିବାର ସ୍ୱପ୍ନ ମଧ୍ୟ ଭାଙ୍ଗିଯାଏ ଏବଂ ପରିବାରର ମର୍ଯ୍ୟାଦା ଧୀରେ ଧୀରେ କମିଯାଏ ଏବଂ ସେମାନେ ସାଧାରଣ ବୋଲି ପରିଗଣିତ ହୁଅନ୍ତି । ପ୍ରତ୍ୟେକ ବ୍ୟକ୍ତି ଚାହେଁ ସେ ଏପରି ଗୋଟିଏ ପରିବାରରୁ ଆସିଛି ଯାହାର ପିଲା ଏନ୍‌ଇଟି ବା ଆଇଆଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଯାଇପାରେ । ବୋଧହୁଏ ଏହା ହେଉଛି ଏକମାତ୍ର ସ୍ଥାନ ଯେଉଁଠିକି ରବିଶ କୁମାରଙ୍କର ପୁରୁଣା ଅପିଲ୍‌ଟି ପ୍ରଯୁଜ୍ୟ ଅଟେ । ସେ କହିଛନ୍ତି 'ଆପ୍ ଟିଭି ମତ୍ ଦେଖିଏ' । ଏ କଥାକୁ ଗୁରୁତର ସହ ଅନେକ ଲୋକ ଆପଣେଇଥିଲେ ଏବଂ ଅନେକ ଲୋକ ଏହି ମନ୍ତବ୍ୟ ଯୋଗୁଁ ସେମାନଙ୍କ ପିଲାମାନଙ୍କ ଭିତରେ ଟିଭି ଦେଖାଇବା ବନ୍ଦ କରିଦେଇଥିଲେ । ତା' ଫଳରେ ଅନେକ ବ୍ୟକ୍ତିଙ୍କର ମନକୁ ବିଶ୍ରାମ ଦେବା ଉପାୟ



ବନ୍ଦ ହୋଇଯାଇଥିଲା । ଏହି କୋଚିଂ କେନ୍ଦ୍ରର ଅର୍ଥନୀତିରେ ବିଶ୍ରାମ ହେଉଛି ଏକ ପାପ । ଏଥିରେ ସବୁବେଳେ ଗଧ ଭଳି ଖଟିବା ବା ଘୋଡ଼ା ଭଳି ଦୌଡ଼ିବା ହେଉଛି ମୁଖ୍ୟ କଥା । କୋଚିଂ କେନ୍ଦ୍ରମାନେ ବହୁ ଅଧିକ କ୍ଷମତାଶୀଳ ସଂସ୍ଥା, ଯେଉଁମାନେ କି ରାଜନୀତି, ଅର୍ଥନୀତିରେ ସେହି ଅଞ୍ଚଳରେ ପ୍ରସିଦ୍ଧ । ସେଥିପାଇଁ ଗୋଟିଏ ସଫଳ ପ୍ରତିଷ୍ଠାନ ଧୀରେ ଧୀରେ ବଡ଼ି ହଷ୍ଟେଲ୍‌ରେ ପରିଣତ ହୁଏ । ଏହା ମଧ୍ୟ ଅନେକ ଛୋଟ କମ୍ପାନୀକୁ ଓ ଜମିବାଡ଼ିକୁ କିଣେ ଏବଂ କିଛି ସମୟରେ ଘରୋଇ ମେଡିକାଲ କଲେଜ ତିଆରି କରେ । କେତେକ ଶିକ୍ଷାନୁଷ୍ଠାନଗୁଡ଼ିକ ବିଜ୍ଞାପନ ଦିଅନ୍ତି ଯେ, ଯେଉଁ ପିଲାମାନେ ଏନ୍‌ଇଟି ପରୀକ୍ଷା ସେହି କୋଚିଂ ସେଣ୍ଟରମାନଙ୍କରେ ପଢ଼ି ପାଇଛନ୍ତି, ସେମାନେ ପରବର୍ତ୍ତୀ କାଳରେ ମେଡିକାଲ କଲେଜରେ ଡାକ୍ତର ହିସାବରେ ଯୋଗ ଦେଇଛନ୍ତି, ଯେଉଁଠି ସେମାନେ କୋଚିଂ ପାଇ ଆସିଥିଲେ । ଏହି ଧରଣର ଜାଲ ବିଭିନ୍ନ ଛାତ୍ରଛାତ୍ରୀମାନଙ୍କୁ ଘେରିଥାଏ । କିନ୍ତୁ ବାସ୍ତବତା ହେଉଛି ଏହି ଧରଣର ଜାଲ ମଧ୍ୟ କାମ କରିଥାଏ । ଅନେକ ପରିବାରମାନେ ସେମାନଙ୍କ ପିଲା ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ସେମାନେ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି । ବିଭିନ୍ନ ପରୀକ୍ଷାରେ ଯେଉଁମାନେ ବିଭିନ୍ନ ର୍ୟାଙ୍କ ପାଇଥାନ୍ତି ସେମାନେ ଆର୍ଥିକ ଦୃଷ୍ଟିରୁ ପରବର୍ତ୍ତୀ କାଳରେ ସ୍ୱଚ୍ଛଳ ହୁଅନ୍ତି । ଭାରତ ବର୍ଷରେ ଉପରକୁ ଉଠିବାର ଏହି ସଂସ୍ଥାମାନ ସିଡି ଭଳି କାମ କରନ୍ତି, ଯାହା ଫଳରେ ସେମାନେ ଉପରକୁ ଉପରକୁ ଉଠନ୍ତି । କିନ୍ତୁ ଏହି ଧରଣର ପଦ୍ଧତିକୁ ମଧ୍ୟ ଅନେକ କ୍ଷେତ୍ରରେ ଜାଲିଆତି କରି ଭ୍ରମରେ ପକାଯାଇପାରେ ଏବଂ ଏହାର ଶୋଷଣ ମଧ୍ୟ କରାଯାଇପାରେ ଏବଂ ଏହାର ପଦ୍ଧତିକୁ ଅନ୍ୟ ସ୍ଥାନକୁ ନିଆଯାଇପାରେ, ଯାହା ଯିବା କଥା ନୁହେଁ । ଏହି ପ୍ରଶ୍ନପତ୍ର ପ୍ରଘଟନ ବିବାଦ ବହୁ ପରିମାଣରେ ସତ୍ୟକୁ ପ୍ରଘଟ କରୁଛି । ଏହା ମଧ୍ୟ ହତାଶାକୁ ଲୁଚାଇ ରଖିଥିବା ଭାରତୀୟ ଆଶାୟୀମାନଙ୍କର ଅର୍ଥନୀତିକୁ ଗୋଟିଏ ସମାନ୍ତରାଳ ପ୍ରଶ୍ନପତ୍ର ପ୍ରଘଟନର ବଜାରକୁ ଖୋଲିଦିଏ, ଯେଉଁଥିରେ ଦଲାଲମାନେ ରୁହନ୍ତି ଏବଂ ଅଳ୍ପ ପରିଶ୍ରମରେ ବେଶୀ ଫଳ ପାଆନ୍ତି । ଏହାଛଡ଼ା ମଧ୍ୟ ଏଥିରେ ଆଉ ଗୋଟିଏ ଭାବାତ୍ମକ ବୋଝ ରହିଛି, ଯେଉଁଠି ବିଭିନ୍ନ ପ୍ରକାର ବ୍ୟବସ୍ଥାରେ ଲକ୍ଷ ଲକ୍ଷ ଛାତ୍ରମାନଙ୍କର ଭବିଷ୍ୟତ ନିର୍ଭର କରୁଛି । ତଥାପି ମଧ୍ୟ ପ୍ରତିବର୍ଷ ହଜାର ହଜାର ଛାତ୍ରଛାତ୍ରୀ ଏହି ଅନୁଷ୍ଠାନ ମଧ୍ୟକୁ ପ୍ରବେଶ କରନ୍ତି, ଯଦିଓ ସେମାନେ ଭଲ କରି ଜାଣିଛନ୍ତି ଯେ, ଏହି ସଂସ୍ଥା ହେଉଛି ଗୋଟିଏ କ୍ଷମାହୀନ ସଂସ୍ଥା ଏବଂ ଏହାକୁ ମଧ୍ୟ ଭୁଲ୍ ବାଟରେ ନିଆଯାଇପାରେ । ଭାରତ ବର୍ଷରେ ପରୀକ୍ଷା ପଦ୍ଧତିରେ ବଞ୍ଚି ରହିବା ବଡ଼ କଥା ନୁହେଁ, ଯଦିଓ ଲୋକମାନେ ପରୀକ୍ଷା ପଦ୍ଧତିରେ ବିଶ୍ୱାସ କରନ୍ତି ଏବଂ ସେମାନେ ଅନ୍ୟ ପଦ୍ଧତିକୁ ଆହୁରି ମଧ୍ୟ ଅବିଶ୍ୱାସ କରନ୍ତି । (ଶେଷଭାଗ)

ମୋ-୯୪୩୭୦୨୦୨୯୦

## ପ୍ରଶିକ୍ଷଣ ଶିବିରରେ ଯୋଗଦେଲେ ବିଜେପି ରାଜ୍ୟ ସଭାପତି

କେନ୍ଦୁଝର,୨୧।୫ (ନିପ୍ର):କେନ୍ଦୁଝର ଜିଲ୍ଲା ବିଜେପି ତରଫରୁ ଡିମ୍ବୋ ପଞ୍ଚାୟତର କେଏସଇ ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ "ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ୨୦୨୬" ର ଉଦଘାଟନି କାର୍ଯ୍ୟକ୍ରମ ରେ ଯୋଗ ଦେଇ



କାର୍ଯ୍ୟକର୍ତ୍ତା ଙ୍କୁ ସମ୍ବୋଧନ କଲେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ, ବିଜେପି ହେଉଛି କାର୍ଯ୍ୟକର୍ତ୍ତା ଆଧାରିତ ଜାତୀୟତାବାଦୀ ଦଳ। "ଜ୍ଞାନ ହେଉଛି ଶକ୍ତି ଏବଂ ଅଭିଜ୍ଞତା ହେଉଛି ମୂଲ୍ୟବାନ"। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସମସ୍ତ କାର୍ଯ୍ୟକର୍ତାଙ୍କୁ ସକ୍ଷମ କରିବା ସହ ସଂଗଠନକୁ ମଧ୍ୟ ସଶକ୍ତ କରିବ। ଏହି ପ୍ରଶିକ୍ଷଣ ଶିବିରରୁ ଅଧିକରୁ ଅଧିକ ଜ୍ଞାନ ଲାଭ ନେବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି। କେନ୍ଦୁଝର ସାଂଗଠନିକ ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅଧ୍ୟକ୍ଷତାରେ ଦୁଇ ଦିନ ଧରି ଚାଲିବାକୁ ଥିବା ପ୍ରଶିକ୍ଷଣ ଶିବିରକୁ ରାଜ୍ୟ ସଭାପତି ମନମୋହନ ସାମଲ ଉଦ୍‌ଘାଟନ କରିଥିଲେ। କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ,ତେଲକୋଇ ବିଧାୟକ ଡ଼ା. ଫୋକିର ମୋହନ ନାଏକ, ରାଜ୍ୟ ସାଧାରଣ ସମ୍ପାଦକ ତଥା ଜିଲ୍ଲା ପ୍ରଭାରୀ ବିରଞ୍ଚି ନାରାୟଣ ତ୍ରିପାଠୀ,ବର୍ଗ ପ୍ରଭାରୀ କୃପାସିନ୍ଧୁ ମହାନ୍ତ, ସହପ୍ରଭାରୀ ସଞ୍ଜୟ କୁମାର ରଥ,ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା, ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚା ର ସାମାଜିକ ଗଣମାଧ୍ୟମ ସଂଯୋଜିକା ସୁଜାତା ପାଢ଼ୀ, ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ରାଜ୍ୟ ବିଜେପି ଉପସଭାପତି ରମେଶଚନ୍ଦ୍ର ସାହୁ, ରାଜ୍ୟ ପ୍ରବକ୍ତା ଡ଼. ପ୍ରଶାନ୍ତ କୁମାର ସାହୁ, ରାଜ୍ୟ ସମ୍ପାଦିକା ମମତା ସିଂହ ପ୍ରମୁଖ ମଞ୍ଚାସିନ ହୋଇ ସାତଟି ସତ୍ର ମାଧ୍ୟମରେ ପ୍ରଶିକ୍ଷଣ ଦେଇଥିଲେ।

## କୃଷ୍ଣସାର ମୃଗ ପାଇଁ ପାଣିକୁଣ୍ଡ ସ୍ଥାପନ କଲେ ବନ ବିଭାଗ

ଆସିକା,୨୧।୫ (ନିପ୍ର):ଗଞ୍ଜାମ ଜିଲ୍ଲା ଦକ୍ଷିଣ ଘୁମୁସର ବନଖଣ୍ଡ ଅନ୍ତର୍ଗତ ଅଧୀନରେ ଥିବା ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡା ବିଭିନ୍ନ ବନ କ୍ଷେତ ଅଞ୍ଚଳରେ ବିରଳ ପ୍ରଜାତିର କୃଷ୍ଣସାର ମୃଗ ପାଇଁ ଖରାଦିନେ ସକାଶେ ଜଳ କୁଣ୍ଡ ସ୍ଥାପନ କରିଛନ୍ତି ।




ଆସିକା ରେଞ୍ଜର ଚାରୀମାଇଲି, ଜଗତି ପଡିଆ, ଭେଟନାଇ, ନାରାୟଣପୁର, ସାଇବଗଡ଼, ସିଦ୍ଧନଈ ଏବଂ ଗୁଣ୍ଡପଡା ସମେତ ଅନେକ ଅଂଚଳ ରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କୃଷ୍ଣ ସାର ମୃଗ ମାନଙ୍କ ତୃଷା ନିବାରଣ ପାଇଁ ୩୫ରୁ ଊର୍ଦ୍ଧ୍ୱ ପାଣି କୁଣ୍ଡ ପ୍ରସ୍ତୁତ କରି ନିୟମିତ ପାଣି ଭର୍ତି କରି ରଖୁଛନ୍ତି । ଆସିକା ରେଞ୍ଜର ପ୍ରମୋଦ କୁମାର ପଣ୍ଡାଙ୍କ ସମେତ ବନପାଳ ଶରତ ଚନ୍ଦ୍ର ବେହେରା, ବନ ସୁରକ୍ଷା ସମିତି, ଫରେଷ୍ଟ ଗାର୍ଡ ପ୍ରମୁଖ ସହଯୋଗ କରୁଛନ୍ତି।

## ଫତେଗଡ଼ ବଜାର ଉଚ୍ଛେଦ ପାଇଁ ନୋଟିସ

ଭାପୁର,୨୧।୫ (ନିପ୍ର); ନୟାଗଡ଼ ଜିଲ୍ଲା ଭାପୁର ବଜାର ଉପର ସରକାରୀ ଜାଗା ଉଚ୍ଛେଦ ପରେ ଫତେଗଡ଼ ବଜାର ସରକାରୀ ଜାଗା ଉଛେଦ ପାଇଁ ତହସିଲ କାର୍ଯ୍ୟାଳୟ ପକ୍ଷରୁ ନୋଟିସ ଜାରୀ ହୋଇଛି । ଫଳରେ,ସ୍ଥାୟୀ ଓ ଅସ୍ଥାୟୀ ଭାବରେ ଫତେଗଡ଼ ଗ୍ରାମର ବ୍ୟବସାୟୀ ମାନେ ଦୋକାନ କରି ନିଜ ପରିବାର ଚଳେଇ ଆସୁଥିବା ବ୍ୟବସାୟୀଙ୍କ ମଧ୍ୟରେ ଭାଳେଣି ପଡିଛି। ସରକାର ଜବରଦଖଲ ଉଚ୍ଛେଦ ନାଁରେ ସେମାନଙ୍କର ଦୀର୍ଘ ବର୍ଷ ଧରି କରିଥିବା ବ୍ୟବସାୟିକ ଘରକୁ ଭାଙ୍ଗି ଚୁରମାର କରି ଖାଇବା ଦାନାରେ ଧୂଳି ଦେଇଥିବାରୁ ସେମାନେ ଆଜି ବେସାହାରା ହୋଇପଡିଛନ୍ତି। ଉଦୁଉଦିଆ ଖରାରେ ଦୋକାନରୁ ନିଜର ସାମଗ୍ରୀ ଗୁଡିକୁ ଘରକୁ ବୋହି ଘର ଭାଙ୍ଗିବା ଦୃଶ୍ୟ ଦେଖେଣାହାରୀମାନଙ୍କୁ କଷ୍ଟ ଦେବା ସହିତ ସ୍ଥାୟୀ ଛାତଘରକୁ ମେସିନ ଦ୍ୱାରା କାଟିବା,ଭାଙ୍ଗିବା ଯନ୍ତ୍ରଣାଦାୟକ ହୋଇଛି। ଉଲ୍ଲେଖଯୋଗ୍ୟ,ଫତେଗଡ଼ ହାଇସ୍କୁଲ ପଟ ସମସ୍ତ ଦୋକାନ ଉଚ୍ଛେଦ ହେବା ସହିତ ପୋଖରୀ ପଟରେ ରହିଥିବା ଦୋକାନ ଆଂଶିକ ଭାବରେ ଉଚ୍ଛେଦ ହେବା ପାଇଁ ନୋଟିସ ହୋଇଛି।ପ୍ରଶାସନର ସୀମା ଚିହ୍ନଟକୁ ପାଥେୟ କରି ମାଲିକ ମାନେ ଦୋକାନ ଭାଙ୍ଗିବା କାର୍ଯ୍ୟ ଆରମ୍ଭ କରିଥିବାରୁ ବଜାରରେ ଜିନିଷ ବିକ୍ରୟ ଶୂନ ହୋଇଯାଇଛି । ଫଳରେ, ଗରିବ ପରିବାର ଯେଉଁମାନେ ଦୋକାନକୁ ଭରସା କରି ପରିବାର ଚଳାଉଥିଲେ ସେମାନେ ବେସାହାରା ହୋଇଯାଇଛନ୍ତି। ଦୋକାନଘର ଭଙ୍ଗା କାର୍ଯ୍ୟକୁ ନେଇ ସାଧାରଣରେ ଚାପା ଉତ୍ତେଜନା ଦେଖାଦେଇଥିଲେ ମଧ୍ୟ ଏହି ଘରଭଙ୍ଗା ସରକାରଙ୍କୁ ପଞ୍ଚାୟତ ନିର୍ବାଚନରେ ଉଚିତ ଜବାବ ଦିଆଯିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି।

## ସରକାରୀ ଧାର୍ଯ୍ୟ ମୂଲ୍ୟରେ ସାମଗ୍ରୀ ବିକ୍ରି ପାଇଁ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ଦାବି

ଭବାନୀପାଟଣା, ୨୧/୫ (ନି.ପ୍ର)- ଦିନକୁ ଦିନ ସାମଗ୍ରୀ ଗୁଡିକର ଅହେତୁକ ଦର ଦାମ ବୃଦ୍ଧି ପାଇବାରେ ଲାଗିଛି। ଆଉ ନିୟନ୍ତ୍ରଣରେ ରହୁ ନାହିଁ ଦର ଦାମ।ସେ ନିତ୍ୟ ସାମଗ୍ରୀ ବା ନିତ୍ୟ ବ୍ୟବହାରିକ ସାମଗ୍ରୀ ହେଉ ଅବା ଘରକାରଣ ସବୁ ଥିରେ ସାମଗ୍ରି ପ୍ରସ୍ତୁତକାରି କମ୍ପାନୀ ମନଇଛା ତାର ବିକ୍ରିଦର ନିର୍ଦ୍ଧାରଣ କରି ଏମ ଆର ପି ଲଗାଇ ବିକ୍ରି ପାଇଁ ନିର୍ଦ୍ଦେଶ ଦେଉଛି। ପୁଣି ସେତିକି ନୁହେଁ ଦୋକାନୀ ମାନେ ମଧ୍ୟ ଏମରପି ଉପରେ ତାଙ୍କର ଲୋକାଲ ଟାକ୍ସ ମଧ୍ୟ ଲଗାଇ ବିକ୍ରି କରୁଥିବା ନଜରକୁ ଆସୁଛି। ଏଥିପାଇଁ ଗ୍ରାହକଟୀ ସବୁବେଳେ ଠକାମୀର ଶିକାର ହେବା ସହ ତାର ମୁଣ୍ଡଉପରେ ଆର୍ଥିକ ବୋଝ ଲଦି ହେବା ଦ୍ୱାରା ସେ ମାନସିକ ଚାପ ମଧ୍ୟରେ ପରିବାର ପ୍ରତିପୋଷଣ କରୁଛି। ଏସବୁ ସାମଗ୍ରୀ ଉପରେ ସରକାରୀ ଧାର୍ଯ୍ୟ ନିୟମ ମଧ୍ୟ ନିୟନ୍ତ୍ରଣା ଧୀନ ନାହିଁ । ଏହି ମନ ଇଛା ପ୍ରାୟୋଜିତ ଦର ଦାମ ର ଅହେତୁକ ବୃଦ୍ଧି ତଥା ଗ୍ରାହକମାନଙ୍କ ସ୍ୱାର୍ଥ୍ୟ ଦୃଷ୍ଟିରୁ ସାମଗ୍ରୀ ଗୁଡିକର ଏମ



ଆର ପି ରଦ୍ଦ କରି ସରକାରୀ ଧାର୍ଯ୍ୟ ଏବଂ ନିୟମ ମୁତାବକ ପଦାର୍ଥର ମୂଲ୍ୟ ନିରୂପଣ କରି ବିକ୍ରି କରିବା ପାଇଁ ଅକ୍ଷୀଳ ଭାରତୀୟ ଗ୍ରାହକ ପଞ୍ଚାୟତ ଦ୍ୱାରା କେନ୍ଦ୍ରସରକାରଙ୍କ ଉଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା। ଖାଉଟି ର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜନତାଙ୍କ ହିତ ଏବଂ ସ୍ୱାର୍ଥ ସାଧନ ନିମନ୍ତେ ଜରୁରୀ ପଦକ୍ଷେପ ନେବାକୁ ସଂଗଠନ ଦୃଢ଼ ଦାବି କରିଛି। ଉକ୍ତ କାର୍ଯ୍ୟକ୍ରମରେ ପଶ୍ଚିମ ପ୍ରାନ୍ତ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଶୀଲ କୁମାର ପଣ୍ଡାଙ୍କ ନେତୃତ୍ୱରେ କଳାହାଣ୍ଡି ଜିଲ୍ଲା ସଂଯୋଜକ ଦୁଷ୍ମନ୍ତ ପଣ୍ଡା ଅଧିବକ୍ତା ସହ ସଂଯୋଜନା କୁର୍ତ୍ତିବାସ ମୁଣ୍ଡ ଅଧିବକ୍ତା ରଘୁନାଥ ପୂଝରୀ ମଧୁବାବା ଓ ଜୁନାଗଡ଼, ଜୟପାଟଣା,ଗୋଲାମୁଣ୍ଡା ଏବଂ କଳମପୁର ବ୍ଲକ ସଂଯୋଜକ ଗ୍ରାହକ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇ ଏଣିକି ପ୍ରତ୍ୟକ ବ୍ଲକରେ କାର୍ଯ୍ୟକ୍ରମ କରିବାର ନିଷ୍ପତ୍ତି ନେଇଥିଲେ।

# ସ୍ୱାଧୀନତା ପରଠାରୁ ଘର ଖଣ୍ଡିଏ ନପାଇ ନିରାଶ ଲେଲିଙ୍ଗପଦର ଗ୍ରାମବାସୀ

ରାୟଗଡ଼ା:୨୦/୫(ନି:ପ୍ର) ସ୍ୱାଧୀନତା ପରଠାରୁ ଘର ଖଣ୍ଡିଏ ନପାଇ ନିରାଶ ଲେଲିଙ୍ଗପଦର ଗ୍ରାମବାସୀ। କେନ୍ଦ୍ର ସରକାରଙ୍କ ଦୁର୍ଗମ ଜନଜାତିଙ୍କ ପାଇଁ ଗରିବ ନିଶ୍ଚିତ ଘର ଯୋଜନାରେ ଅନ୍ତର୍ଭୁକ୍ତ କରି ଘର ଖଣ୍ଡିଏ ପ୍ରଦାନ କରିବା ପାଇଁ ସରକାରଙ୍କ କଡ଼ା ନିୟମ ଆଉ ନିର୍ଦ୍ଦେଶ ପ୍ରଣୟନ କରାଯାଇଥିଲେ । କିନ୍ତୁ ଆଜି ମଧ୍ୟ ନିଜର ମୌଳିକ ଅଧିକାରରୁ ବଞ୍ଚିତ ରହିଛନ୍ତି।ଘର ଖଣ୍ଡିଏ ପାଇବା ପାଇଁ ସେମାନଙ୍କ ହକ ପାଇଁ ବୋଲି ପିଏମ୍ ଜନମନ ଯୋଜନା ଓ ପି ଏମ ଆବାସ ଯୋଜନା ସରକାର ପ୍ରସ୍ତୁତ କରି ଆଣିଛନ୍ତି।କିନ୍ତୁ ଦେଶ ସ୍ୱାଧୀନ ହୋଇ ଅଶି ବର୍ଷ ପୂର୍ତ୍ତି ହୋଇଯାଇଥିଲେ ମଧ୍ୟ ଘର ଖଣ୍ଡିଏ ପାଇବା ସେମାନଙ୍କ ଭାଗ୍ୟରେ ଜୁଟିନି। ସରକାର ଅଛନ୍ତି, ଯୋଜନା ସାଥିରେ କଡ଼ା ନିର୍ଦ୍ଦେଶ ମଧ୍ୟ ରହିଛି, ଲୋକେ ଅର୍ଥାତ୍ ହିତାଧିକାରୀ ପାଉନାହାନ୍ତି ପ୍ରଣୟନ କରଯାଇଥିବା ଯୋଜନାର ସୁଫଳ। ଏମିତି ଏକ ଗ୍ରାମ ଦେଖିବାକୁ ମିଳିଛି ଯେଉଁଠାରେକି ଗ୍ରାମର ଗୋଟିଏ ପରିବାରକୁ ମଧ୍ୟ ଘର ଖଣ୍ଡିଏ




ପାଇନଥିବା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ, କଥାଟି ସତ। ଏପରି ସ୍ଥଳେ ଯେ କେହିବି କହିପାରେ ଯୋଜନା ପରେ ଯୋଜନା ସରକାର କରୁଛନ୍ତି ହେଲେ ପ୍ରକୃତ ହିତାଧିକାରୀ ଏଥିରୁ ବାଦ୍ ପଡିଛନ୍ତି, ସରକାରୀ କଳରେ କାର୍ଯ୍ୟରତ ଅଧିକାରୀମାନଙ୍କ ଅବହେଳା ଗରିବଙ୍କ ପ୍ରତି ଏକ ଉପହାସ ସଦୃଶ ପ୍ରତୀୟମାନ ହେଉଛି। ସରକାରୀ ବାବୁମାନଙ୍କ ଅବହେଳା, ଆଉ ପ୍ରଦତ୍ତ ସମୟସୀମା କୁ ଅଣଦେଖା କରି ଏହାର ଉଲ୍ଲଙ୍ଘନ କରାଯାଉଥିବାରୁ ସରକାର୍ ବଦନାମ ଆଉ ସମାଲୋଚନାର ସରବ୍ୟ ହେଉଛନ୍ତି। ଦେଶ ସ୍ୱାଧୀନତା ପରଠାରୁ ଗ୍ରାମର ଗୋଟିଏ ବି ପରିବାର ଘର ଖଣ୍ଡିଏ ପାଇପାରିନାହାନ୍ତି। ଏମିତି ଏକ ଗ୍ରାମ ଯାହା ରାୟଗଡ଼ା ଜିଲ୍ଲା କଲ୍ୟାସିଂହପୁର ବ୍ଲକ୍ ଅନ୍ତର୍ଗତ କରପା ପଞ୍ଚାୟତ ସ୍ଥିତ କୁଟୁରୁମାଳି ବକ୍ସାଇଟ୍ ପାହାଡ଼ ଉପରେ ଅବସ୍ଥିତ ରହିଥିବା ଏକ ହାମଲେଟ ଗ୍ରାମ ଲେଲିଂପଦର । ଏହି ଗ୍ରାମରେ ମାତ୍ର ୧୬ ଘର ଆଦିବାସୀ ସମ୍ପ୍ରଦାୟର ପରିବାର ବସବାସ କରି ଜୀବନ କଟାନ୍ତି। ସରକାରୀ ବାବୁମାନଙ୍କ କାର୍ଯ୍ୟରେ ଅବହେଳା ଆଉ ସରକାରଙ୍କ ନିର୍ଦ୍ଦେଶକୁ ନମାନି ଆମମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରୀ ଯୋଜୋନର ସୁଫଳ ଆମକୁ ଦେଉନଥିବାରୁ ଆମକୁ ବଞ୍ଚିତ କରାଯାଉଥିବାରୁ, ଆମେ ଆଜି ଘର ଖଣ୍ଡେ ପାଇପାରିନାହୁଁ ବୋଲି ଲେଲିଂ ପଦର ବାସିନ୍ଦା ଅଭିଯୋଗ କରିଛନ୍ତି। ସମୁଦ୍ର ପତନ ଦୁଇ ହଜାର ଫୁଟ ଉଚ୍ଚରେ ବସବାସ କରି ରହୁଥିବା ଗ୍ରାମର ସବୁ ପରିବାର ଗରିବ। ଗରିବ ପରିବାର ହେଇଥିବାରୁ ଝଟିମାଟିରେ ଘର କରି ଆସବେଷ୍ଟସ ପକାଇ ଖରା ବର୍ଷା ଦାଉରୁ ପିଲାଛୁଆଙ୍କୁ ରକ୍ଷା କରି ଜୀବନ ବିତାଇ ଚାଲିଛୁ। ଝଡ଼ ବର୍ଷାରେ ଆସବେଷ୍ଟୋସ ଭାଙ୍ଗି ଖଣ୍ଡବିଖଣ୍ଡିତ ହୋଇଯାଏ।ପୁଣି ଭଙ୍ଗା ଘରକୁ ଗଢୁ।ଉପାୟ ନାହିଁ, ଖରା, ବର୍ଷା, ଶୀତ କାକରରୁ ତ ପୁଣି ବଞ୍ଚିବାକୁ ହେବ। ସରକାରୀ ଯୋଜନାରୁ ଆମେ ବଞ୍ଚିତ ବୋଲି କହିଛନ୍ତି ଧନସିଂ ମଣ୍ଡିକା, ବାଲି ଶ୍ରାନିକା, ପୂର୍ଣ୍ଣ ହିକକା, ବାର୍ଶି ହିକକାଙ୍କ ସହ ଗ୍ରାମବାସୀ ମାନେ କହିଛନ୍ତି। ଜିଲ୍ଲା ପ୍ରଶାସନ ଏଦିଗରେ କଣ ପଦକ୍ଷେପ ନେଉଛନ୍ତି ଆଗାମୀ ଦିନରେ ସମୟ କହିବ।

## ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ମୃତ

କେସିଙ୍ଗା, ୨୦/୫(ନିପ୍ର) ବ୍ଲକର ପରଲସିଙ୍ଗା ଗ୍ରାମର ମାଧବ ମହଲା (୨୮) କ୍ଷୋହଳ ପ୍ରହରୀ ଦେଖିବାକୁ ଗତକାଲି ସନ୍ଧ୍ୟାରେ କେସିଙ୍ଗା ଗୌନ୍ତିଆ ପଡାକୁ ଯାଇଥିଲା। ପ୍ରହରୀ ଦେଖି ନିଜ ଗ୍ରାମ କୁ ଏକ ମୋଟର ସାଇକେଲ ନଓଆର୦୮ଏଫ ୭୩୭୦ ଯୋଗେ ଗ୍ରାମକୁ ଫେରୁଥିବା ସମୟରେ ପୋଡ଼ଖମ୍ବ ଗ୍ରାମ ନିକଟସ୍ଥ ଗାୟତ୍ରୀ ତେଲ ମିଲ ନିକଟରେ ଏକ ଅଜଣା ଟ୍ରକ ଧକ୍କାରେ ବାଇକ୍ ଆରୋହୀ ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିଲା। ପରିବାରର ବର୍ଗ ଖବର ପାଇ ଶବ ବ୍ୟବଚ୍ଛେଦ ପାଇଁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଥିଲେ। ବୁଧବାର ସକାଳେ ଶବ ବ୍ୟବଚ୍ଛେଦ କରାଯାଇ ଥିଲା ପରିବାରର ମୃତ ଙ୍କ ବାପା ମାନସିଂ ମାହାରଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା ଶବ ବ୍ୟବଛେଦ ରେ କେସିଙ୍ଗା ପୋଲିସ ତଦନ୍ତ କାରୀ ଅଫିସର ଏସ ଆଇ ଅରଖି ମାଝୀ ଘଟଣାର ପହଁଚି ଶବ ବ୍ୟବଚ୍ଛେଦ କରିଥିଲେ।

# ଆଠଗଡ଼ରେ ମେଗା ପାନୀୟ ଜଳ ପ୍ରକଳ୍ପ ଫେଲ୍

## ଶତାଧିକ ମହିଳା ଗରା ବାଲ୍ଟି ଧରି ରାଜରାସ୍ତା ଅବରୋଧ କଲେ

ଆଠଗଡ,୨୧।୫ (ନିପ୍ର); ସରକାରଙ୍କ ଘରେ ଘରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ ଫେଲ ମାରିଛି ଆଠଗଡ଼ରେ । ଆଠଗଡ଼ କନ୍ଦରପୁର ଠାରେ କୋଟି କୋଟି ଟଙ୍କାର ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସାରିବାର ନାଁ ଧରୁନି । ଦିନଥିଲା ମୋଗା ପ୍ରକଳ୍ପର କଥା ଶୁଣି ଖୁସିରେ ଆତ୍ମହରା ହୋଇଥିଲେ ଆଠଗଡ଼ବାସୀ। ଠିକା ସଂସ୍ଥା କନ୍ଧତରୁ ସହିତ ଆଠଗଡ଼ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଅଧିକାରୀଙ୍କ ମଧୁ ଚନ୍ଦ୍ରିକାରେ ଚାଲିଛି ଅତି ମନ୍ଥର ଗତିରେ କାର୍ଯ୍ୟ। ଏହି ମେଗା ପାନୀୟ ଜଳ ପ୍ରକଳ୍ପ ପାଣି ପାଇବା ଆଶାରେ କଖଡି ପଞ୍ଚାୟତବାସୀ ଅନାଇ ବସିଛନ୍ତି ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ପାଣି ଟିକେ ପାଇଁ ଗ୍ରାମବାସୀ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ଆସୁଥିବା ବେଳେ ଫଳ ଶୂନ। ଶେଷରେ ଅତିଷ୍ଠ ହୋଇ ଆଜି କଖଡି ପଞ୍ଚାୟତର ବିଦ୍ୟାଧର ପୁର ଗ୍ରାମର ମହିଳାମାନେ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ରାସ୍ତା ଉପରେ ଗରା ବାଲ୍ଟି ଧରି ଅବରୋଧ କରିଥିଲେ ପୁରୁଣା କଟକ-ସମ୍ବଲପୁର ରାସ୍ତା। ଫଳରେ ରାସ୍ତାରେ କଟକ



ଆଠଗଡ଼ ପଟରୁ ଆସୁଥିବା ଶହଶହ ଯାନବାହାନ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ଖରାରେ ଅଟକି ରହିବା ସହିତ ଅସ୍ତ ବ୍ୟସ୍ତ ହୋଇପଡ଼ିଥିଲେ । ସୂଚନା ପାଇ ଘଟଣା ସ୍ଥଳରେ ଚୌଦ୍ୱାର ପୋଲିସ ପହଁଚି ସ୍ଥାନୀୟ ଲୋକ ମାନଙ୍କୁ ବୁଝାସୁଝା କରୁଥିଲେ ମଧ୍ୟ ମହିଳା ମାନଙ୍କ ଜିଦ ଆଗରେ ପ୍ରଶାସନ ମୁଣ୍ଡ ନୁଆଁଇବାକୁ ବାଧ ହୋଇଥିଲେ କ୍ଷ କୌଣସି ସମାଧାନ ହୋଇନପାରିବା ଦେଖି କଖଡ଼ି ସରପଞ୍ଚ କଳ୍ପନା ଛତାର ଘଟଣା ସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହିତ ବହୁ ସମୟ ଧରି ଆଲୋଚନା କରିବା ପରେ ସେମାନେ ରାସ୍ତାରୁ ହଟିଯାଇଥିଲେ । ମହିଳା ମାନଙ୍କୁ ତୁରନ୍ତ ପାଣି ଯୋଗାଇ ଦେବାକୁ ସରପଞ୍ଚ ପରିଶ୍ରୁତି ଦେବା ପରେ ୨ଟି ଟ୍ୟାଙ୍କର ଯୋଗେ ମହିଳା ମାନଙ୍କ ପାଇଁ ପାଣି ଯୋଗାଇ ଦେଇଥିଲେ । ଏଠାରେ ଗତ ଦୁଇମାସ ତଳେ ପାନୀୟ ଜଳର ସୁବିଧା ପାଇଁ ଗ୍ରାମ୍ୟ ପାନୀୟ ଜଳ ବିଭାଗ ପକ୍ଷରୁ ସ୍ଥାନୀୟ ମୁଦୁଲି ସାହିରେ ୩୫୦ ଫୁଟର ଗଭୀର ବୋରିଂ କରିଥିଲେ, କିନ୍ତୁ ଏହି ବୋରିଙ୍ଗ ସଠିକ ଭାବରେ ସଠିକ ସ୍ଥାନରେ ହୋଇ ନ ଥିବାରୁ ଏହି ବୋରିଙ୍ଗରୁ ସଠିକ ଭାବରେ ପାଣି ବାହାରୁ ନ ଥିଲା, ଫଳରେ ବୋରିଙ୍ଗ ଫେଲ ମାରିବା ସହିତ ଲକ୍ଷ ଲକ୍ଷ ଟଙ୍କା ପାଣିରେ ପଡିଥିଲା। ବିକଳ୍ପ ଭାବେ ମଞ୍ଜେଶ୍ୱର ପଂଚାୟତର ପମ୍ପ ହାଉସରୁ ପାଣି ଯୋଗାଇ ଦିଆଯାଉଥିବାବେଳେ ତାହା ଗତ ୪ ଦିନ ହେବ ବନ୍ଦ ଅଛି । ଫଳରେ ଗ୍ରାମବାସୀ ଉତ୍ୟକ୍ତ ହୋଇ ପାଣି ଟିକେ ପାଇଁ ରାସ୍ତା ଅବରୋଧ କରିଥିଲେ। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଅପାରଗତା ପାଇଁ ପ୍ରଚଣ୍ଡ ଗ୍ରୀଷ୍ମ ତାପରେ ପାଣି ଟିକେ ପାଇଁ ଡହଳ ବିକଳ ହେଉଛନ୍ତି ଗ୍ରାମବାସୀ, ଜିଲ୍ଲା ପ୍ରଶାସନ ଜାଣି ଅଜଣା ସାଜିଛି। ସାଧାରଣ ଜନତା ଆଶା ଆଶଙ୍କାରେ ଚାହିଁ ରହିଛନ୍ତି ଚାତକ ପରି ସ୍ଥାୟୀ ପାନୀୟ ଜଳର ସମାଧାନ ପାଇଁ।

## ବୃଦ୍ଧାଙ୍କ ୯ ମାସର ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ ଅଭିଯୋଗ

ପାରଳାଖେମୁଣ୍ଡି,୨୧।୫ (ନିପ୍ର): ଗଜପତି ଜିଲ୍ଲା ମୋହନା ବ୍ଲକ ବାଘମାରି ଗ୍ରାମ ପଞ୍ଚାୟତର ପିଇଓ ଜଣେ ବୃଦ୍ଧାଙ୍କ ୯ ମାସର ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ କରିଥିବା ଅଭିଯୋଗ ହୋଇଛି । ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅଣ୍ଡିରାଗଡ ଗ୍ରାମର ଯଶୋଦା ପାଇକ ପହଞ୍ଚି ପ୍ରଶାସନ ନିକଟରେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗ ପ୍ରକାରେ ବାଘମାରି ପିଇଓ ଶ୍ୟାମ ସୁନ୍ଦର ରେଡୀ ଯଶୋଦାଙ୍କ ଜାଲ ଟିପ୍ପ ଚିହ୍ନ ବ୍ୟବହାର କରି ୯ ମାସର ବାର୍ଦ୍ଧକ୍ୟ ଭତ୍ତା ଆତ୍ମସାତ୍ କରିଛନ୍ତି । ଯଶୋଦା ଜଣେ ବାର୍ଦ୍ଧକ୍ୟ ଭତ୍ତା ଯୋଜନାର ଜଣେ ବୈଧ ତଥା ଯୋଗ୍ୟ ହିତାକାରୀ ବୋଲି କହିଛନ୍ତି । ଏହି ନଅ ମାସ ମଧ୍ୟରେ ନିଜ ଭତ୍ତା ବାବଦରେ ଟଙ୍କାଟିଏ ନେଇ ନଥିଲେ ମଧ୍ୟ ପିଇଓଙ୍କ ରେଜିଷ୍ଟ୍ରାରରେ ତାଙ୍କ ଟିପଚିହ୍ନ ମରା ହୋଇଥିବାର ଜାଣିବାକୁ ପାଇଛନ୍ତି । ଏନେଇ ପିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ପିଇଓ ଶ୍ୟାମ ସୁନ୍ଦର ରେଡୀ ତୁମେ ଭତ୍ତା ନେଇଯାଇଛ ବୋଲି କହିଥିଲେ। ଯଶୋଦା ଏନେଇ ଖୋଳତାଡ କରିବା ପରେ ପିଇଓ ଜଣକ ଗତ ୯ ମାସ ଧରି ଏହି ଭତ୍ତା ଟଙ୍କାକୁ ନଗଦ ଆକାରରେ ଉଠାଇ ଆତ୍ମସାତ୍ କରୁଥିଲେ । ସେ ରେଜିଷ୍ଟ୍ରାରରେ କୌଣସି ଟିପ ଚିହ୍ନ ମଧ୍ୟ ଦେଇନାହାନ୍ତି ଓ ଯେଉଁ ରେଜିଷ୍ଟ୍ରାର ନକଲ ମଧ୍ୟ ଜିଲ୍ଲା ପ୍ରଶାସନକୁ ହସ୍ତାନ୍ତର କରିଛନ୍ତି । ତେଣୁ ସେ ପ୍ରଶାନକୁ ନିବେଦନ କରିଛନ୍ତି ଯେ ପିଇଓ ଶ୍ରୀ ରେଡୀଙ୍କ ନିକଟରେ ଥିବା ରେଜିଷ୍ଟ୍ରାରଟିକୁ ଯଥା ଶୀଘ୍ର ଜବତ କରାଯାଇ ତଦନ୍ତ କରାଯାଉ । ନଚେତ ସେ ଯେଉଁ ଭଳି ଲୋକ ତାକୁ ମଧ୍ୟ ଚଞ୍ଚକତା କରିବା ସମ୍ଭାବନା ରହିଥିବାର ପ୍ରକାଶ କରିଛନ୍ତି । ତେଣୁ ସେ ଜିଲ୍ଲା ପ୍ରଶାସନକୁ ନିବେଦନ କରିଛନ୍ତି ଯେ, କାର୍ଯ୍ୟରତ ପିଇଓ ଶ୍ରୀ ରେଡୀଙ୍କ ଠାରୁ ସମସ୍ତ ନଥିପତ୍ର ହାସଲ କରାଯିବା ସହ ଯଶୋଦାଙ୍କ ଫରେନ୍ସିକ୍ ତଥା ପ୍ରକୃତ ବାୟୋମେଟ୍ରିକ୍ ତଥ୍ୟ ସହ ଯାଞ୍ଚ କରାଯିବା, ଜାଲିଆତି, ଠକେଇ ଏବଂ ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ଅପରାଧିକ ବିଶ୍ୱାସଘାତକତାକୁ ନେଇ ସମ୍ପୃକ୍ତ ପିଓଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ ମାମଲା ରୁଜୁ କରି ଦୃଢ କାର୍ଯାନୁଷ୍ଠାନ ଗ୍ରହଣ କରିବା ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ

ଭବାନୀପାଟଣା, ୨୧/୫ (ନି.ପ୍ର)- କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଜିଲ୍ଲାପାଳ ପାଣ୍ଡ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଅଛି। ଏହି ବୈଠକରେ ଜିଲ୍ଲା ପରିଷଦ, କଳାହାଣ୍ଡିର ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂହଦେଓ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବଇତୁରା ଦୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କଳାହାଣ୍ଡି ସୌମ୍ୟ ରଞ୍ଜନ ପ୍ରଧାନ, ଉପ-ଜିଲ୍ଲାପାଳ ଧର୍ମଗଡ ପ୍ରେକ୍ଷା ଅଗ୍ରୱାଲଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଏବଂ ନିର୍ବାହୀ ଅଧିକାରୀ ସହରାଞ୍ଚଳ ସଂସ୍ଥା ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ଏବଂ ବନ୍ୟା, ବାତ୍ୟାର ମୁକାବିଲା ନିମନ୍ତେ ଆଗୁଆ ପଦେକ୍ଷେପ ନେବା ସହ ଏହାର ସୁପରିଚାଳନା ନିମନ୍ତେ ବିଭାଗୀୟ ଅଧିକାରୀ ତଥା କ୍ଷେତ୍ର କର୍ମଚାରୀ ମାନେ ସଜାଗ ରହିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଅତିରକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ ବନ୍ୟା ଓ ବାତ୍ୟାର ମୁକାବିଲା ପାଇଁ ଜିଲ୍ଲାରେ ପ୍ରାକ ପ୍ରସ୍ତୁତି ଓ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ସୂଚନା ଦେବା ସହ ବୈଠକରେ ଆଲୋଚ୍ୟବିଷୟ ଉପସ୍ଥାପନା କରିଥିଲେ ।

ଜିଲ୍ଲାର ବନ୍ୟା ପ୍ରବଣ ଅଞ୍ଚଳ ତଥା ତଳିଆ ଅଞ୍ଚଳ ଗୁଡିକରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତି, ଉଦ୍ଧାର ଓ ଥଇଥାନ କରିବା ନିମନ୍ତେ ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡିକ ଚିହ୍ନଟ କରି ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପାଣି ଜମି ରହୁଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଯଥା ଶୀଘ୍ର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା, ବର୍ଷା ପୂର୍ବରୁ ସମସ୍ତ ନାଳ ଗୁଡିକୁ ସଫା କରିବା, ସହରାଞ୍ଚଳ ଅନ୍ତର୍ଗତ ନାଳନର୍ଦ୍ଦମା ଯଥାଶୀଘ୍ର ସମ୍ପୂର୍ଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଜଳ ଯୋଗାଣକୁ ସୁବନ୍ଦୋବସ୍ତ କରିବା ସହ ନିୟମିତ ସମୟ ବ୍ୟବଧାନରେ ସମସ୍ତ ନଳକୂପ , ପାଇପ ଜଳ ଯୋଗାଣ ଇତ୍ୟାଦିକୁ ବିଶୁଦ୍ଧକରଣ କରିବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଜିଲ୍ଲାରେ ଥିବା ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ତଥା ଜିଲ୍ଲା ଓ ଉପଖଣ୍ଡ ଚିକିତ୍ସାଳୟ ଗୁଡିକରେ ଆବଶ୍ୟକ ପରିମାଣର ଔଷଧ, ହାଲୋଜେନ ବଟିକା, ବ୍ଲିଚିଂପାଉଡ଼ର, ସର୍ପ ବିଷ ପ୍ରତିଷେଧକ , ଇତ୍ୟାଦି ମହଜୁଦ କରି ରଖିବା ସହ ପରିମଳ ନିମନ୍ତେ ଆଗୁଆ ପଦେକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥଲେ । ଜିଲ୍ଲାରେ ବିଭିନ୍ନ ଜଳସେଚନ ପ୍ରକଳ୍ପ ଓ ନଦୀବନ୍ଧ ଗୁଡିକର ବନ୍ୟାପ୍ରବଣ ସ୍ଥାନ ଚିହ୍ନଟ କରି ଆବଶ୍ୟକ ପ୍ରତିକାର ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ ।

## ନିରାକାରପୁର କେବିଡିଏଭି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶ

## ବିଜ୍ଞାନରେ ପ୍ରତିକ୍ଷା, କଳାରେ ଲିପ୍ସିତା ଓ ବାଣିଜ୍ୟରେ ଅନସିକା କଲେଜ ଟପ୍ପର

ନିରାକାରପୁର,୨୧।୫ (ନିପ୍ର); ଖୋର୍ଦ୍ଧା ଜିଲ୍ଲାର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ନିରାକାରପୁର ସ୍ଥିତ କ୍ଷେତ୍ରମୋହନ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ର ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ମଧ୍ୟ କଲେଜର ସଫଳତା ଧାରା ବଜାୟ ରହିଥିବା ବେଳେ ତିନୋଟି ଯାକ ବିଭାଗରେ ଛାତ୍ରଛାତ୍ରୀମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ବିଜ୍ଞାନ ବିଭାଗରେ ମୋଟ ୨୮୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୯୪ ଜଣ ପ୍ରଥମ ଶ୍ରେଣୀରେ, ୫୮ ଜଣ ଦ୍ୱିତୀୟ ଶ୍ରେଣୀରେ ଏବଂ ୨ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।ପ୍ରଥମ ସ୍ଥାନରେ ପ୍ରତିକ୍ଷା ପ୍ରିୟଦର୍ଶିନୀ (୫୭୭ ନମ୍ବର),ଦ୍ୱିତୀୟ ସ୍ଥାନରେ ଲୋପ୍ସିନି ଭୁଜବଳ (୫୬୪ ନମ୍ବର), ତୃତୀୟ ସ୍ଥାନରେ ସୁନୟନା ବିଶ୍ୱାଳ (୫୬୨ ନମ୍ବର),କଳା ବିଭାଗରେ ମୋଟ ୩୦୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଏଥିରୁ ୧୨ ଜଣ ପ୍ରଥମ ଶ୍ରେଣୀ, ୮୭ ଜଣ ଦ୍ୱିତୀୟ ଶ୍ରେଣୀ ଏବଂ ୮୨ ଜଣ ତୃତୀୟ ଶ୍ରେଣୀରେ କୃତକାର୍ଯ୍ୟ ହୋଇଛନ୍ତି।ପ୍ରଥମ ସ୍ଥାନ ଲିପଶିତା ପ୍ରଧାନ (୫୬୧ ନମ୍ବର),ଦ୍ୱିତୀୟ ସ୍ଥାନ ରଶ୍ମି ରେଖା ବେହେରା (୫୨୦ ନମ୍ବର),ତୃତୀୟ ସ୍ଥାନ ସୁଚିସ୍ମିତା ମହାରଣା (୫୧୭ ନମ୍ବର) , ବାଣିଜ୍ୟ ବିଭାଗରେ ମୋଟ ୧୩୬ ଜଣ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିବା ବେଳେ ୩୬ ଜଣ ପ୍ରଥମ ଶ୍ରେଣୀ, ୩୭ ଜଣ ଦ୍ୱିତୀୟ ଶ୍ରେଣୀ ଓ ୫୪ ଜଣ ତୃତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଜଣେ ପରୀକ୍ଷାର୍ଥୀ କମ୍ପାର୍ଟମେଣ୍ଟାଲ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।ପ୍ରଥମ ସ୍ଥାନରେ ଅନସିକା ବଲିଆରସିଂହ (୫୮୦ ନମ୍ବର), ଦ୍ୱିତୀୟ ସ୍ଥାନ ନାରାୟଣ ସାହୁ(୫୫୫ ନମ୍ବର), ତୃତୀୟ ସ୍ଥାନ ସଞ୍ଜୟ କୁମାର ପ୍ରଧାନ (୫୪୨ ନମ୍ବର) ରଖିଛନ୍ତି।ଛାତ୍ରଛାତ୍ରୀଙ୍କର ଏହି ଭଲ ସଫଳତା ପାଇଁ ଅନୁଷ୍ଠାନର ଅଧକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ କର୍ମଚାରୀମାନେ ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକ ମହଲରେ ମଧ୍ୟ ଖୁସିର ଲହରୀ ଖେଳିଯାଇଛି।

## ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାସ୍ ହାର ୬୬.୩୭ ପ୍ରତିଶତ

କାଶୀନଗର,୨୧।୫ (ନିପ୍ର): କାଶୀନଗର ଠାରେ ଥିବା ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯର ୨୦୨୫-୨୬ କାଉନସିଲ ବୋର୍ଡ଼ ପରୀକ୍ଷା ଫଳ ଉତ୍ସହ ଜନକ ହୋଇଥିବା ଭାରପ୍ରାପ୍ତ ଅଧକ୍ଷ ସନ୍ତୋଷ ସାହୁ ସୂଚନା ଦେବା ସହ ବିଗତ ବର୍ଷ ମାନଙ୍କ ଅପେକ୍ଷା ଏହି ବର୍ଷ ପାସ ହାର ବହୁ ପରିମାଣରେ ବୃଦ୍ଧି ପାଇଛି ବୋଲି କହିଛନ୍ତି। ଏହି ବର୍ଷ କଳାରେ ୬୪.୩୮ ପ୍ରତିଶତ ହୋଇ ୬ ଜଣ ପ୍ରଥମ ଶ୍ରେଣୀ ରେ ପାସ ହୋଇଛନ୍ତି। ବିଜ୍ଞାନ ରେ ୭୩.୧୭ ପ୍ରତିଶତ ସହ ଜଣେ ପ୍ରଥମ ଶ୍ରେଣୀ ପାଇଛନ୍ତି ତଥା ଧନ୍ଦା ମୂଳକ ଶିକ୍ଷା ରେ ୮୫.୭୧ ପ୍ରତିଶତ ଛାତ୍ରଛାତ୍ରୀ ପାସ ହୋଇଥିବା ସୂଚନା ହସ୍ତଗତ ହୋଇଛି।

## ଓସଡ଼ମା ମୁଖ୍ୟ ପରିଚାଳକଙ୍କ ବାତ୍ୟା ଆଶ୍ରୟସ୍ଥଳୀ ଗସ୍ତ

ରାୟଗଡଳ,୨୧।୫ (ନିପ୍ର); ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଆୟୋଗର ମୁଖ୍ୟ ପରିଚାଳକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ବୁଧବାର ରାୟଗଡ଼ ଜିଲ୍ଲା ଗସ୍ତ କରିଛନ୍ତି। ରାୟଗଡ଼ ବ୍ଲକ ପରିସରରେ ସମସ୍ତ କର୍ମକର୍ତ୍ତାଙ୍କ ସହ ଆଲୋଚନା କରି ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପ୍ରାକ୍ ପ୍ରସ୍ତୁତିର ସମୀକ୍ଷା କରିଥିଲେ। ବ୍ଲକ ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ଯୋଜନା ସହ ବିଭିନ୍ନ ବିଭାଗୀୟ ତଥ୍ୟ, ବ୍ଲକ କଣ୍ଟ୍ରୋଲ ରୁମ୍, ଗ୍ରାମ ପଞ୍ଚାୟତ ନୋଡାଲ ଅଧିକାରୀ, ଗ୍ରାମ୍ୟସ୍ତରୀୟ ଟାସ୍କ ଫୋର୍ସ ଗଠନ ଆଦିର ଆଲୋଚନା କରିଥିଲେ । ପରେ ଶେଷଖାଲ ସ୍ଥିତ ବାତ୍ୟା ଆଶ୍ରୟସ୍ଥଳ ପରିଦର୍ଶନ କରି ବିଭିନ୍ନ ଉପକରଣ ଗୁଡିକର କାର୍ଯ୍ୟକାରିତା ତନଖି କରିଥିଲେ । ବିପର୍ଯ୍ୟୟ ପରିଚାଳନା କମିଟି ସଦସ୍ୟଙ୍କ ସହ ତାହାର ପରିଚାଳନା ବିଷୟରେ ଆଲୋଚନା କରିଥିଲେ। ଆଶ୍ରୟସ୍ଥଳୀ ପରିସର ସଫାସୁତରା ରଖିବା ସହ ଆବଶ୍ୟକ ମରାମତି ବର୍ଷା ଦିନ ଆସିବା ପୂର୍ବରୁ ଶେଷ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ର ଡେପୁଟି କଲେକ୍ଟର କଳିଙ୍ଗ କୁମାର ପୂଜାରୀ, ଏବିଡିଓ କାଳୁ ଚରଣ ନାୟକ, ଯନ୍ତ୍ରୀ ଦିପ୍ତୀ ରଞ୍ଜନ ବେହେରା, ଓସଡ଼ମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ପ୍ରଦୋଷ ରଞ୍ଜନ ବେହେରା, ଅତିରିକ୍ତ ତସିଲଦାର ଶ୍ରୀମନ୍ତ ସାହୁ, ବାତ୍ୟା ଆଶ୍ରୟସ୍ଥଳୀ ସମ୍ପାଦକ ସୁଧୀର କୁମାର ପାଲ୍ଲୀ, ନିର୍ବାହୀ ଅଧିକାରୀ ମନୋଜ ଜିଲାକାରା, ଏଡିଇଓ ପ୍ରଫୁଲ୍ଲ ହିଆଲ, ଜିଆରଏସ ଆପାଲାସ୍ୱାମି ଯିଲାକାରା ଓ ନିଳାଞ୍ଚଳ ମିଶ୍ର ସମେତ ସମସ୍ତ କମିଟି ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଗାମୀ ବର୍ଷା ଦିନ ନିମନ୍ତେ ରାୟଗଡ଼ ବ୍ଲକ ତରଫରୁ ପୂର୍ବ ପ୍ରସ୍ତୁତିରେ ମୁଖ୍ୟ ପରିଚାଳକ ଶ୍ରୀଯୁକ୍ତ ଆଚାର୍ଯ୍ୟ ସନ୍ତୋଷ ପ୍ରକାଶ କରିବା ସହ ବାତ୍ୟା ଆଶ୍ରୟସ୍ଥଳୀ କମିଟିକୁ ଅଧିକ ସକ୍ରୀୟ ଯୋଗଦାନ ନିମନ୍ତେ ଉତ୍ସାହିତ କରିଥିଲେ । ଗୁରୁବାର ବିଷମକଟକ ବ୍ଲକର ବାତ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି।

## ନିଟ୍ ପେପର ଲିକ୍ ମାମଲା

# ବିଜେପି ମୁଖ୍ୟାଳୟ ଘେରାଉ କଲେ ହଜାର ହଜାର କଂଗ୍ରେସ କର୍ମୀ



ଜୟପୁର,୨୧।୫: ଦେଶବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିବା ''ନିଟ୍-୨୦୨୬'' ପରୀକ୍ଷା ପେପର ଲିକ୍ ମାମଲାକୁ ନେଇ ରାଜସ୍ଥାନର ରାଜଧାନୀ ଜୟପୁରରେ ଏକ ଭୟଙ୍କର ରାଜନୈତିକ ଉତ୍ତେଜନା ପ୍ରକାଶ ପାଇଛି। ଏହି ଦୁର୍ନୀତି ବିରୁଦ୍ଧରେ ପ୍ରତିବାଦର ସ୍ୱର ଉଠାଇବା ସହ ଶାସକ ବିଜେପି ବିରୋଧରେ କଂଗ୍ରେସ କର୍ମୀମାନେ ବ୍ୟାପକ ଭାବେ ରାସ୍ତାକୁ ଓହ୍ଲାଇଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଗୋବିନ୍ଦ ସିଂହ ଦୋତାସାରାଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ହଜାର ହଜାର ପ୍ରତିବାଦକାରୀ ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରୁ ଏକ ବିଶାଳ ପଦଯାତ୍ରା ବାହାର କରି ସହିଦ ସ୍ମାରକୀ ଦେଇ ଭାରତୀୟ ଜନତା ପାର୍ଟିର ରାଜ୍ୟ ମୁଖ୍ୟାଳୟ ଅଭିମୁଖେ ଅଗ୍ରସର ହୋଇଥିଲେ। ପ୍ରତିବାଦକାରୀମାନେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ଇସ୍ତଫା ଦାବି କରିବା ସହ କେନ୍ଦ୍ର ସରକାରଙ୍କ ବିରୋଧରେ ଜୋରଦାର ସ୍ଲୋଗାନବାଜି କରି ବିଜେପି କାର୍ଯ୍ୟାଳୟକୁ ଚାରିପଟୁ ଘେରାବନ୍ଦୀ କରିଥିଲେ। ସ୍ଥିତି ଅନିୟନ୍ତ୍ରିତ ହେବାରୁ ପ୍ରଦର୍ଶନକାରୀଙ୍କୁ ରୋକିବା ପାଇଁ ପୋଲିସ ପକ୍ଷରୁ କଡ଼ା ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଉତ୍ୟକ୍ତ କଂଗ୍ରେସ କର୍ମୀମାନେ ପୋଲିସ ବ୍ୟାରିକେଡ୍ ଭାଙ୍ଗିବା ସହ ସେଠାରେ ଥିବା ପୋଲିସ ଗାଡ଼ିଗୁଡ଼ିକ ଉପରକୁ ଚଢ଼ିବାକୁ ଚେଷ୍ଟା କଲାବେଳେ ପୋଲିସ ବାଧ୍ୟ ହୋଇ ପାଣିମାଡ଼ କରିଥିଲା, ଯାହାଫଳରେ ସମଗ୍ର ଅଞ୍ଚଳ କିଛି ସମୟ ପାଇଁ ରଣକ୍ଷେତ୍ରରେ ପରିଣତ ହୋଇଥିଲା। ପ୍ରତିବାଦ ସମୟରେ ରାଜସ୍ଥାନ ବିଧାନସଭାର ବିରୋଧୀ ଦଳ ନେତା ଟିକାରାମ ଜୁଲି କେନ୍ଦ୍ର ସରକାର ଓ ତଦନ୍ତକାରୀ ସଂସ୍ଥାକୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଗଣମାଧ୍ୟମକୁ ନିଜର ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ, ଏହି ବଡ଼ ଧରଣର ପେପର ଲିକ୍ ଦୁର୍ନୀତିରେ ବିଜେପିର ବଡ଼ ବଡ଼ ନେତାମାନେ ସ୍ପଷ୍ଟ ଭାବେ ସମ୍ପୃକ୍ତ ଅଛନ୍ତି ଏବଂ ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସମ୍ପୂର୍ଣ୍ଣ ଭାବେ ଦଣ୍ଡମୁକ୍ତ କରି ସୁରକ୍ଷା ଦିଆଯାଉଛି। ବର୍ତ୍ତମାନ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ''ସିବିଆଇ'' ଧୀରେ ଧୀରେ ଏହି ସମ୍ବେଦନଶୀଳ ମାମଲାକୁ ଦୁର୍ବଳ କରିବାକୁ ଚେଷ୍ଟା କରୁଛି ବୋଲି ସେ ସଂଘାତିକ ଅଭିଯୋଗ ଆଣିଛନ୍ତି। ଜୁଲି ଆହୁରି ମଧ୍ୟ କହିଛନ୍ତି ଯେ, ଏହା କୌଣସି ପ୍ରଥମ ଘଟଣା ନୁହେଁ, ବରଂ ବିଗତ ତିନି ବର୍ଷରୁ ଅଧିକ ସମୟ ଧରି ଲଗାତାର ଭାବେ ପେପର ଲିକ୍ ହୋଇଚାଲିଛି। ଏହି ବ୍ୟବସ୍ଥାଗତ ବିଫଳତା ଯୋଗୁଁ ଦେଶର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯାଉଛି ଏବଂ ନିରାଶାରେ ପିଲାମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଥିଲେ ମଧ୍ୟ ସରକାର କୌଣସି ସହାୟତା ପ୍ରଦାନ କରୁନାହାନ୍ତି।

# କକରୋଚ ଜନତା ପାର୍ଟିର ଅଧା ଫଲୋଅର୍ସ ପାକିସ୍ତାନୀ'

## ଡାଟା ସେୟାର କରି ଦାବି କଲେ ବିଜେପି ନେତା




ନୂଆଦିଲ୍ଲୀ,୨୧।୫: ଦେଶରେ ଏବେ ଗୋଟିଏ ଚର୍ଚ୍ଚା କକ୍ରୋଚ୍ ଜନତା ପାର୍ଟି। ବର୍ତ୍ତମାନ ଏହି ମଜାକ ଦଳକୁ ଘେରି ଖୋଲା ରାଜନୈତିକ ବୟାନବାଜି ଆରମ୍ଭ ହୋଇଛି। କେତେକ ଏହାକୁ ଯୁବପିଢ଼ିଙ୍କ କ୍ରୋଧ ବୋଲି କହୁଛନ୍ତି, ଯେତେବେଳେ ଅନ୍ୟମାନେ ଏହାକୁ ଏକ ରାଜନୈତିକ ବିକଳ୍ପ ବୋଲି କହୁଛନ୍ତି। ଏହାରି ଭିତରେ ଦଳକୁ ଯଥେଷ୍ଟ ସମର୍ଥନ ମିଳୁଛି। ଏହାର ଇନଷ୍ଟାଗ୍ରାମ୍ ପେଜ୍ ମାତ୍ର ପାଞ୍ଚ ଦିନରେ ୧୫ ମିଲିୟନ ଅନୁଗାମୀ ପାଇଛି। ସମର୍ଥନ ଦୃଷ୍ଟିରୁ, ଏହି ପେଜ୍ ବିଜେପିର ଇନଷ୍ଟାଗ୍ରାମ୍ ପେଜକୁ ବହୁ ପଛରେ ପକାଇ ଦେଇଛି। ଏହି ପ୍ରସଙ୍ଗ ଏପରି ବୃଦ୍ଧି ପାଇଛି ଯେ ଟ୍ୱିଟର୍ ଦଳର ପୂର୍ବ ଆକାଉଣ୍ଟକୁ ବ୍ଲକ୍ କରିଦେଇଛି। କିନ୍ତୁ ବର୍ତ୍ତମାନ, ଏକ ନୂତନ ଅପଡେଟ୍ ସୂଚାଇ ଦେଉଛି ଯେ, ଏହି ଦଳର ପାକିସ୍ତାନ ସଂଯୋଗ ଅଛି। ଏହା ଆମର ଦାବି ନୁହେଁ, ବରଂ ଦିଲ୍ଲୀର ଜଣେ ବିଜେପି ନେତା ଏହି ଦାବି କରିଛନ୍ତି। ସେ ସୋସିଆଲ ମିଡିଆରେ ଏହି କକ୍ରୋଚ୍ ଜନତା ପାର୍ଟିକୁ ପାକିସ୍ତାନ ଜନତା ଦଳ ବୋଲି କହିଛନ୍ତି। ସେ ଏକ ଇନସାଇଟ୍ ଡାଟା ଇମେଜ ମଧ୍ୟ ସେୟାର କରିଛନ୍ତି। ପ୍ରତିଶତ ହିସାବରେ ଏକ ପାଇ ଚାର୍ଟ ଡାଟା ମଧ୍ୟ ପ୍ରକାଶିତ ହୋଇଛି। ଏହି ଚିତ୍ର ଦାବି କରୁଛି ଯେ, ଦଳର ୪୯ ପ୍ରତିଶତ ଅନୁଗାମୀ ପାକିସ୍ତାନୀ। ଏଗୁଡ଼ିକ ବ୍ୟତୀତ, ଆମେରିକାରେ ୧୪ ପ୍ରତିଶତ, ବାଂଲାଦେଶରେ ୧୪ ପ୍ରତିଶତ, ଭାରତରେ ୯ ପ୍ରତିଶତ, ୟୁକେରେ ୩ ପ୍ରତିଶତ, ଅଷ୍ଟ୍ରେଲିଆରେ ୩ ପ୍ରତିଶତ, ସାଉଦି ଆରବରେ ୩ ପ୍ରତିଶତ, ୟୁଏଇରେ ୨ ପ୍ରତିଶତ ଏବଂ ଅନ୍ୟାନ୍ୟ ଦେଶରୁ ୩ ପ୍ରତିଶତ ଅନୁଗାମୀ ଅଛନ୍ତି। ୧୫ ମଇ, ୨୦୨୬ ରେ, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏକ ମାମଲାର ଶୁଣାଣି ସମୟରେ ବେକାର ଶିକ୍ଷିତ ଲୋକଙ୍କ ଏକ ଗୋଷ୍ଠୀକୁ 'କକ୍ରୋଚ୍' ଏବଂ 'ପରଜୀବୀ' ସହିତ ତୁଳନା କରିଥିଲେ।

# ପୁଲଓ୍ୱାମା ଆକ୍ରମଣର ମାଷ୍ଟରମାଇଣ୍ଡକୁ ପାକିସ୍ତାନରେ ଗୁଳି କରି ହତ୍ୟା




ନୂଆଦିଲ୍ଲୀ,୨୧।୫: ପୁଲଓ୍ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ଆତଙ୍କୀ ହମଜା ବୁରହାନକୁ ପାକିସ୍ତାନରେ ଗୁଳିକରି ହତ୍ୟା । ପାକିସ୍ତାନରେ ଜଣେ ଅଜଣା ବ୍ୟକ୍ତି ଗୁଳି କରିଥିବା ସୂଚନା। ପୁଲଓ୍ୱାମା ଆକ୍ରମଣରେ ଭାରତର ୪୦ ଜଣ ସିଆରପିଏଫ ଯବାନ ସହିଦ ହୋଇଥିଲେ । ଆକ୍ରମଣର ଅନ୍ୟମତ ମାଷ୍ଟରମାଇଣ୍ଡ ଥିବା ହମଜା ବୁରହାନର ପ୍ରକୃତ ନାମ ହେଉଛି ଅର୍ଜୁମନ୍ଦ ଗୁଲଜାର ଡାର । ସେ ମୂଳତଃ ଜମ୍ମୁ-କାଶ୍ମୀରର ପୁଲଓ୍ୱାମା ଜିଲ୍ଲା ରତ୍ନିପୋରାର ବାସିନ୍ଦା ଥିଲା । ୨୦୨୨ ମସିହାରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ତାଙ୍କୁ ଉପା ଅଧୀନରେ 'ଆତଙ୍କବାଦୀ' ଘୋଷଣା କରିଥିଲା । ସେ ଗତ କିଛି ବର୍ଷ ଧରି ପୋକରେ ଏକ ସ୍କୁଲ ଶିକ୍ଷକର ମିଥ୍ୟା ପରିଚୟ ଦେଇ ରହୁଥିଲା । କିନ୍ତୁ ଏହି ପରିଚୟ ଆଢୁଆଳରେ ସେ ଆତଙ୍କବାଦୀ ତାଲିମ ଶିବିର ଏବଂ ଅନୁପ୍ରବେଶ ନେଟୱାର୍କ ଚଲାଉଥିଲେ। ହମଜା ଆତଙ୍କବାଦୀ ସଂଗଠନ 'ଅଲ-ବଦ୍ର'ର ଜଣେ ପ୍ରମୁଖ କମାଣ୍ଡର ଥିଲେ ଏବଂ ଜୈଶ-ଏ-ମହମ୍ମଦ ଭଳି ସଂଗଠନ ସହିତ ମିଶି କାମ କରୁଥିଲେ । ଏନଆଇଏର ପୁଲଓ୍ୱାମା ଚାର୍ଜସିଟରେ ମଧ୍ୟ ତା'ର ନାମ ରହିଥିଲା । ପୁଲଓ୍ୱାମା ଆକ୍ରମଣ ବ୍ୟତୀତ ସେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣର ମଧ୍ୟ ମୁଖ୍ୟ ଷଡ଼ଯନ୍ତ୍ରକାରୀ ଥିଲେ । ୧୪ ଫେବୃଆରୀ ୨୦୧୯ରେ, ସିଆରପିଏଫ ର ଏକ ବଡ଼ କନଭୟ ଉପରେ ପୁଲଓ୍ୱାମାର ଲେଥପୋରା ନିକଟରେ ଆତ୍ମଘାତୀ ଆକ୍ରମଣ ହୋଇଥିଲା । ପ୍ରାୟ ୩୦୦ କିଲୋଗ୍ରାମ ବିସ୍ଫୋରକ ଭର୍ତ୍ତି ଏକ କାର ଯବାନମାନଙ୍କ ବସକୁ ଧକ୍କା ଦେଇଥିଲା । ଏହି ଭୟଙ୍କର ବିସ୍ଫୋରଣରେ ୪୦ ଜଣ ଯବାନ ସହୀଦ ହୋଇଥିଲେ । ଏହି ଆକ୍ରମଣର ଦାୟିତ୍ୱ ଜୈଶ-ଏ-ମହମ୍ମଦ ନେଇଥିଲା । ବର୍ତ୍ତମାନ ଏହି ଆକ୍ରମଣର ଅନ୍ୟତମ ମାଷ୍ଟରମାଇଣ୍ଡ ହମଜା ନିହତ ହେବା ପରେ ଏହାକୁ ଆତଙ୍କବାଦ ବିରୋଧରେ ଏକ ବଡ଼ ସଫଳତା ଭାବେ ଦେଖାଯାଉଛି ।

## ୧୦୦ ଫୁଟ ତଳକୁ ଖସିଲା କାର: ୫ ମୃତ

ଉତ୍ତରାଖଣ୍ଡ,୨୧।୫: ଉତ୍ତରାଖଣ୍ଡରେ ଭୟାବହ ସଡ଼କ ଦୁର୍ଘଟଣା । ୧୦୦ ଫୁଟ ତଳକୁ ଖସିଲା କାର। ୫ ଜଣଙ୍କ ମୃତ୍ୟୁ, ଜଣେ ଗୁରୁତର। ମୃତକଙ୍କ ମଧ୍ୟରୁ ୪ ଜଣ ଗୋଟିଏ ପରିବାରର ହୋଇଥିବା ବେଳେ ଅନ୍ୟଜଣକ କାର୍ ଚାଳକ ବୋଲି ଜଣାପଡ଼ିଛି। ଅପରାହ୍ଣ ପ୍ରାୟ ୨ଟା ବେଳେ ଦୁର୍ଘଟଣା ଘଟିଛି। ମୃତାହତମାନେ ନୈନିତାଲ ଜିଲ୍ଲାର ହୋଇଥିବା ବେଳେ ଗୁରୁତର ବ୍ୟକ୍ତି ଜଣକ ଉତ୍ତରପ୍ରଦେଶ ଲକ୍ଷ୍ନୌ ଅଞ୍ଚଳର ବୋଲି ସୂଚନା ମିଳିଛି। ମୃତାହତମାନେ ହେଲେ ଭୁପେନ୍ଦ୍ର ସିଂ ଚୁଫାଲ, ତାଙ୍କ ପତ୍ନୀ କାଇଡ଼ା ଚୁଫାଲ, ତାଙ୍କର ୧୯ ବର୍ଷୀୟ ପୁଅ ବାସୁ ଚୁଫାଲ ଓ ୧୨ ବର୍ଷର ଝିଅ, ଅନ୍ୟ ମୃତବ୍ୟକ୍ତି ଜଣକ କାର୍ ଚାଳକ ବୋଲି ଜଣାପଡ଼ିଛି। ସେହିପରି ଆହତ ବ୍ୟକ୍ତି ଜଣକ ଲକ୍ଷ୍ନୌର ଅନୁଜ କୁମାର ମିଶ୍ର। ସମସ୍ତେ ଏକ କାର୍ ଯୋଗେ ସ୍ଥାନୀୟ ଅଞ୍ଚଳର ତୀର୍ଥସ୍ଥାନକୁ ଯାଉଥିବା ବେଳେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତେବେ କାରଟି ଅତ୍ୟଧିକ ଦ୍ରୁତ ବେଗରେ ଆସୁଥିବା ବେଳେ କାର୍ ଉପରେ ନିୟନ୍ତ୍ରଣ ହରାଇଥିଲେ ଚାଳକ। ଫଳରେ କାର୍ ଟି ମୁଖ୍ୟ ରାସ୍ତାରୁ ପ୍ରାୟ ୧୦୦ ଫୁଟ ତଳକୁ ଖସି ଯାଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ସମେତ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ମୃତହାତଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଛି।

## ଝିଅକୁ ୬ ଖଣ୍ଡ କଲା ବାପା

ଲକ୍ଷ୍ନୌ,୨୧।୫ : ଝିଅକୁ ହତ୍ୟା କରି ଖଣ୍ଡ ଖଣ୍ଡ କଲା ବାପା। ମୁଣ୍ଡକୁ ପୋଖରୀରେ ପକାଇବା ପରେ ଶରୀରର ଅନ୍ୟ ଅଂଶକୁ ବାକ୍ସ ଭିତରେ ପୁରାଇ ଟ୍ରେନରେ ଛାଡିଦେଇଥିଲା। ଏଭଳି ଏକ ଘଟଣା ସାମ୍ନାକୁ ଆସିବା ପରେ ସାରା ଦେଶରେ ଚାଞ୍ଚଲ୍ୟ ଖେଳି ଯାଇଛି। ମିଳିଥିବା ସୂଚନାନୁସାରେ, ନିକଟରେ ଲକ୍ଷ୍ନୌର ଗୋମତୀନଗର ଏକ୍ସପ୍ରେସର ଏକ ସ୍ଲିପର କୋଚରେ ବାକ୍ସ ଏବଂ ବ୍ୟାଗରେ ଖଣ୍ଡ ଖଣ୍ଡ ମୃତଦେହ ମିଳିଥିଲା। ମୁଣ୍ଡଟି ଗାଏବ ଥିଲା। ଏହି ମାମଲାରେ ଜିଆରପି ଏକ ଗୁରୁତ୍ୱପୂର୍ଣ୍ଣ ଖୁଲାସା କରିଛି। ଜିଆରପି କହିଛି ଯେ ବାପା ତାଙ୍କ ନାବାଳିକା ଝିଅକୁ ହତ୍ୟା କରି ଖଣ୍ଡ ଖଣ୍ଡ କରି ଦେଇଥିଲେ ଏବଂ ମୃତଦେହକୁ ଫିଙ୍ଗି ଦେଇଥିଲେ। ସେ ମୁଣ୍ଡଟି ଗାଁ ପୋଖରୀରେ ଫିଙ୍ଗି ଦେଇଥିଲେ, ଯେତେବେଳେ ଶରୀରର ଅନ୍ୟ ପାଞ୍ଚଟି ଅଂଶ ବସ୍ତା, ବାକ୍ସ ଏବଂ ବ୍ୟାଗରେ ପ୍ୟାକ୍ କରାଯାଇଥିଲା। ତା'ପରେ ସେ ଛାପରା-ଗୋମତୀନଗର ଏକ୍ସପ୍ରେସର ସ୍ଲିପର କୋଚରେ ମୃତଦେହ ଛାଡି ଦେଇଥିଲେ। ଜିଆରପି ଅନୁଯାୟୀ, ମୋବାଇଲ୍ ଫୋନରେ ଜଣେ ହିନ୍ଦୁ ପୁଅ ସହିତ କଥା ହେବା ପାଇଁ ବାପା ଝିଅ ଉପରେ ରାଗିଥିଲେ। ଜିଆରପି ଅଭିଯୁକ୍ତ ପିତାଙ୍କୁ କୁଶିନଗରରୁ ଗିରଫ କରିଛି।

# ଟିଭିକେ ସରକାରରେ ୨୩ ମନ୍ତ୍ରୀ ନେଲେ ଶପଥ

## ୫୯ ବର୍ଷ ପରେ ଫେରିଲା କଂଗ୍ରେସ




ଚେନ୍ନାଇ,୨୧/୫; କ୍ୟାବିନେଟକୁ ଫେରିଲା କଂଗ୍ରେସ । ତାମିଲନାଡୁ କ୍ୟାବିନେଟକୁ କମବ୍ୟାକ୍ କରିଛି କଂଗ୍ରେସ । ଦକ୍ଷିଣ ଭାରତୀୟ ରାଜ୍ୟ ତାଲିମନାଡୁରେ ଆଜି ଐତିହାସିକ ଦିନ । ୫୯ ବର୍ଷ ପରେ କ୍ୟାବିନେଟକୁ ଫେରିଛି କଂଗ୍ରେସ । ୩୩ ଜଣ ମନ୍ତ୍ରୀଙ୍କୁ ନେଇ ନୂଆ କ୍ୟାବିନେଟ୍ ଗଠନ କରିଛନ୍ତି ତାମିଲନାଡୁ ନୂଆ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ । ଟିଭିକେର ୨୧, କଂଗ୍ରେସର ୨ ଜଣଙ୍କୁ ବିଜୟ କ୍ୟାବିନେଟରେ ସ୍ଥାନ ମିଳିଛି । କ୍ୟାବିନେଟରେ ଅନ୍ୟାନ୍ୟ ସହଯୋଗୀ ଦଳକୁ ୧୦ଟି ଆସନ ମିଳିଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟପାଳଙ୍କ ଉପସ୍ଥିତିରେ ୨ କଂଗ୍ରେସ ବିଧାୟକ ଏବଂ ୨୧ ଟିଭିକେ ଏମଏଲଏ ଶପଥ ନେଇଛନ୍ତି । ପୂର୍ବାହ୍ନ ୧୦ଟାରେ ଲୋକଭବନରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସେମାନଙ୍କୁ ପଦ ଏବଂ ଗୋପନୀୟତାର ଶପଥପାଠ କରାଇଛନ୍ତି । ଏଥିସହ କଂଗ୍ରେସ ରାଜ୍ୟର ମନ୍ତ୍ରିମଣ୍ଡଳରେ ଦୀର୍ଘ ୫୯ ବର୍ଷ ପରେ ସାମିଲ ହୋଇଛି । ଦଳୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ବିଧାୟକ ରାଜେଶ କୁମାର ଏବଂ ଥିରୁ ପି ବିଶ୍ୱନାଥଙ୍କୁ ତାମିଲନାଡୁ କ୍ୟାବିନେଟରେ ସାମିଲ ପାଇଁ ମଞ୍ଜୁରୀ ଦେଇଥିଲେ । ଉଭୟ ଆଜି ଶପଥ ନେଇଛନ୍ତି । ଏହା କଂଗ୍ରେସ ପାଇଁ ଆଜି ଏକ ଐତିହାସିକ ଅବସର ହୋଇଛି । କାରଣ ଦୀର୍ଘ ୫୯ ବର୍ଷ ପରେ କଂଗ୍ରେସ ରାଜ୍ୟ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଛି। ରାଜେଶ କୁମାର ଏବଂ ଥିରୁ ପି ବିଶ୍ୱନାଥଙ୍କୁ ଶୁଭେଚ୍ଛା ଜଣାଇଛି ଦଳ । ସେମାନେ ରାଜ୍ୟବାସୀଙ୍କ ଆକାଂକ୍ଷା ପୂରଣ ଲାଗି କାର୍ଯ୍ୟ କରିବେ ବୋଲି ଦୃଢ଼ ବିଶ୍ୱାସ ରହିଛି । ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ କ୍ୟାବିନେଟ୍ ବିସ୍ତାର କରିଛନ୍ତି। ଥାଲାପଥି ବିଜୟଙ୍କ ସରକାରରେ ୨୩ ଜଣ ବିଧାୟକ ମନ୍ତ୍ରୀ ଭାବରେ ଶପଥ ଗ୍ରହଣ କରିଛନ୍ତି । ଏହି ୨୩ ବିଧାୟକଙ୍କ ମଧ୍ୟରେ ବିଜୟଙ୍କ ଟିଭିକେ ଦଳର ୧୯ ଜଣ ଏବଂ ସହଯୋଗୀ କଂଗ୍ରେସ ଦଳର ଦୁଇଜଣ ଅଛନ୍ତି ।

# ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲା

## ସଦ୍ୟ ତଦନ୍ତ ନିର୍ଦ୍ଦେଶ ଦେଲେ କୋଲକାତା ହାଇକୋର୍ଟ

କୋଲକାତା,୨୧।୫: ୨୦୨୪ ମସିହାର ଆରଜି କର ଦୁଷ୍କର୍ମ ଏବଂ ହତ୍ୟା ମାମଲାରେ ସଦ୍ୟ ତଦନ୍ତ ହେବ। ଏହି ମାମଲାରେ ପ୍ରମାଣ ନଷ୍ଟ କରାଯାଇଥିବା ନେଇ ପୀଡ଼ିତା ଟ୍ରେନି ଡାକ୍ତରଙ୍କ ବାପା ମା' ଅଭିଯୋଗ କରିବାପରେ ହାଇକୋର୍ଟ ଏହି ମାମଲାରେ ସଦ୍ୟ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ସିବିଆଇର ୩ ଜଣିଆ ସଦସ୍ୟ ବିଶିଷ୍ଟ ଏସଆଇଟି ଉକ୍ତ ମାମଲାର ତଦନ୍ତ କରିବେ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ଶାମ୍ପା ସରକାର ଏବଂ ଜଷ୍ଟିସ ତୀର୍ଥଙ୍କର ଘୋଷଙ୍କ ଖଣ୍ଡପୀଠ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ହୋଇଥିବା ଅଭିଯୋଗକୁ ଭଲଭାବେ ଯାଞ୍ଚ କରିବାପାଇଁ ଏସଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଏସ୍ଆଇଟି ଉକ୍ତ ମାମଲାର ତଦନ୍ତ ରିପୋର୍ଟ ଜୁନ୍ ୨୫ ସୁଦ୍ଧା ହାଇକୋର୍ଟରେ ଦାଖଲ କରିବାକୁ କୁହାଯାଇଛି। ସିବିଆଇର ଇଷ୍ଟର୍ଣ୍ଣ ଜୋନ୍ ଯୁଗ୍ମ ନିର୍ଦ୍ଦେଶକଙ୍କ ନେତୃତ୍ୱରେ ଏସ୍ଆଇଟି ଉକ୍ତ ମାମଲାରେ ସଦ୍ୟ ତଦନ୍ତ କରିବ। ଅନ୍ୟପକ୍ଷେ ଏସ୍ଆଇଟିର ଅନ୍ୟ ୨ ସଦସ୍ୟ କିଏ ରହିବେ ତାହା କୋର୍ଟ ୪୮ ଘଣ୍ଟା ମଧ୍ୟରେ ନିଷ୍ପତ୍ତି ନେବେ। କୋର୍ଟ ଏହି ମାମଲାରେ ସିବିଆଇକୁ ପୂରା ଘଟଣାର ପୁନର୍ବାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ଅଗଷ୍ଟରେ ଟ୍ରେନି ଡାକ୍ତର ଡିନର କରିବା ସମୟଠାରୁ ଆରମ୍ଭ କରି ତାଙ୍କ ସହ ହୋଇଥିବା ବର୍ବରତା ଏବଂ ପରଦିନ ତାଙ୍କ ଅନ୍ତିମ ସଂସ୍କାର ପର୍ଯ୍ୟନ୍ତ ଘଟଣାର ପୁନର୍ବାର ତଦନ୍ତ କରିବାକୁ କୋର୍ଟ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାଇକୋର୍ଟରୁ ଅଭିଷେକଙ୍କୁ ଆଶ୍ୱସ୍ତି, ବିଦେଶ ଯାତ୍ରାରେ କଟକଣା

ନୂଆଦିଲ୍ଲୀ,୨୧/୫; ୧୫ ବର୍ଷର ସରକାରର ପତନ ହେଲା । ପଶ୍ଚିମବଙ୍ଗରେ ଦିଦିଙ୍କ ଦୁର୍ଗ ଧ୍ୱସ୍ତ ହେଲା । ଦାଦାଙ୍କ ରାଜ ଆରମ୍ଭ ହେଲାଫ ଏବେ ଦିଦିଙ୍କ ପୁତୁରା ଦେଇଥିବା ବୟାନକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ମାମଲାରେ ତୃଣମୂଳ କଂଗ୍ରେସ ନେତା ତଥା ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଆଶ୍ୱସ୍ତି ମିଳିଛି । କୋଲକତା ହାଇକୋର୍ଟ ତାଙ୍କ ବିରୁଦ୍ଧରେ ବର୍ତ୍ତମାନ ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରିବାକୁ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆମେରିକା ସଂସଦରେ ଯୁଦ୍ଧ ରୋକିବାକୁ ପ୍ରସ୍ତାବ ଗୃହୀତ

## ବିରୋଧରେ ଭୋଟ୍ ଦେଲେ ଟ୍ରମ୍ପଙ୍କ ୪ ସାଂସଦ

ୱାଶିଂଟନ,୨୧/୫ : ଆମେରିକୀୟ ସଂସଦରୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଝଟକା । ଟ୍ରମ୍ପଙ୍କ ସୈନ୍ୟ ଶକ୍ତିକୁ ସୀମିତ କରିବା ଲାଗି ଉଦ୍ଦିଷ୍ଟ ଏକ ପ୍ରସ୍ତାବ ସଂସଦରେ ଗୃହୀତ ହୋଇଛି । ଏ ନେଇ ହୋଇଥିବା ଭୋଟିଂରେ ରିପବ୍ଲିକାନ୍ ପାର୍ଟିର ୪ ଜଣ ସାଂସଦ ବି ଡେମୋକ୍ରାଟଙ୍କ ସାଥ୍ ଦେଇଛନ୍ତି । ଆଉ ୩ ରିପବ୍ଲିକାନ୍ ସାଂସଦ ଭୋଟିଂରେ ସାମିଲ ନ ହୋଇ ପରୋକ୍ଷରେ ଟ୍ରମ୍ପଙ୍କୁ ବିରୋଧ କରିଛନ୍ତି । ଇରାନ ଯୁଦ୍ଧ ରୋକିବା ଦିଗରେ ଏହା ସହାୟକ ହେବା ଆଶା କରାଯାଉଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଛି ଯେ ଯୁଦ୍ଧ ବନ୍ଦ ହେଉ ବୋଲି ଆମେରିକା ଚାହୁଁଛି । କେବଳ ଟ୍ରମ୍ପ୍ ଓ ତାଙ୍କର କିଛି ସହଯୋଗୀ ନିଜ ଜିଦରେ ପଛକୁ ହଟିବାକୁ ଚାହୁଁନାହାନ୍ତି। ଆମେରିକୀୟ ସଂସଦରେ ୫୦-୪୭ ଅନୁପାତରେ ପ୍ରସ୍ତାବ ପାସ୍ ହୋଇଛି । ତେବେ ଏହା ଆଇନରେ ପରିଣତ ହେବା ପାଇଁ ଆଉ କିଛି ପର୍ଯ୍ୟାୟ ଦେଇ ଏହାକୁ ଯିବାକୁ ପଡ଼ିପାରେ । ଯଦି ପ୍ରସ୍ତାବଟି ଆଇନରେ ପରିଣତ ହୁଏ, ତେବେ ଟ୍ରମ୍ପ୍ ସରକାରକୁ ଇରାନ ବିରୋଧରେ ଯୁଦ୍ଧ ଜାରି ରଖିବା ସକାଶେ କଂଗ୍ରେସର ମଞ୍ଜୁରି ନେବାକୁ ପଡ଼ିବ । ଏବେ ସିନେଟରେ ଏହା ଉପରେ ଅନ୍ତିମ ଭୋଟିଂ ବାକି ରହିଛି । ଏହାପରେ ଏହାକୁ ରିପବ୍ଲିକାନ ବହୁମତ ଥିବା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭସର ମଞ୍ଜୁରି ନେବାକୁ ହେବ । ଏତିକିରେ କଥା ଶେଷ ହେବନାହିଁ । ଏହାପରେ ବି ଟ୍ରମ୍ପ୍ ଏହା ବିରୋଧରେ ନିଜ ଭିଟୋ କ୍ଷମତା ଉପଯୋଗ କରିପାରନ୍ତି । ଏହାପରେ ସେହି ଭିଟୋକୁ ରଦ୍ଦ କରିବା ସକାଶେ ସିନେଟ୍ ଏବଂ ହାଉସ୍ରେ ଦୁଇତୃତୀୟାଂଶ ବହୁମତ ଆବଶ୍ୟକ ପଡ଼ିବ, ଯାହା କି କଷ୍ଟକର ହୋଇପାରେ । ସଦ୍ୟ ଭୋଟ ବିରୋଧୀ ପକ୍ଷ ପାଇଁ ବଡ଼ ବିଜୟ ବୋଲି କୁହାଯାଉଛି । ଯୁଦ୍ଧ ଆରମ୍ଭରୁ ଅନେକ ବିରୋଧୀ ନେତା କହିଥିଲେ କି ଯୁଦ୍ଧ ଆରମ୍ଭ କରିବା କିମ୍ବା ସେନା ପଠାଇବାର ଅଧିକାର ରାଷ୍ଟ୍ରପତି ନୁହେଁ, ବରଂ ସଂସଦ ପାଖରେ ରହିବା ଉଚିତ । ଆମେରିକୀୟ ସମ୍ବିଧାନରେ ବି ଏହି ବ୍ୟବସ୍ଥା ରହିଛି । ଏହି ପ୍ରସ୍ତାବକୁ ଭର୍ଜିନିଆର ଡେମୋକ୍ରାଟ ସିନେଟର ଟିମ୍ କେନ୍ ଆଣିଥିଲେ । ବିତର୍କ ବେଳେ କେନ୍ କହିଲେ, ଏବେ ଯୁଦ୍ଧବିରତି ବାବଦରେ ଚର୍ଚ୍ଚା ହେଉଥିବାରୁ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ସଂସଦ ସାମ୍ନାରେ ନିଜ ରଣନୀତି ଜଣାଇବାକୁ ପଡିବ। ଯୁଦ୍ଧ ଆରମ୍ଭ କରିବାର ଅଧିକାର କେବଳ ଟ୍ରମ୍ପଙ୍କ ପାଖରେ ନାହିଁ। ସଂସଦର ବି କିଛି କ୍ଷମତା ରହିଛି। ତେବେ ଆମେରିକା ସୁରକ୍ଷା ସକାଶେ ଟ୍ରମ୍ପ ନିଜ ଅଧିକାର ଅନୁସାରେ କାର୍ଯ୍ୟାନୁଷ୍ଠାନ ନେଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି।

## ରାଘବ ଚଢ଼ାଙ୍କୁ ଦିଲ୍ଲୀ ହାଇକୋର୍ଟରୁ ଝଟ୍କା

ନୂଆଦିଲ୍ଲୀ,୨୧।୫: ବିଜେପି ସାଂସଦ ରାଘବ ଚଢ଼ାଙ୍କୁ ଦିଲ୍ଲୀ ହାଇକୋର୍ଟଙ୍କ ଝଟକା । ପର୍ସିନାଲିଟି ରାଇଟ୍ସ ଶୁଣାଣି ମାମଲାରେ ମଧ୍ୟବର୍ତ୍ତୀକାଳୀନ ଆଶ୍ୱସ୍ତୀ ଦେବାକୁ ମନା କରି ଦେଇଛନ୍ତି । କୋର୍ଟ ସ୍ପଷ୍ଟଭାବେ କହିଛନ୍ତି କି, ରାଜନୈତିକ ବ୍ୟକ୍ତିଙ୍କ ଉପରେ ମନ୍ତବ୍ୟ, ବ୍ୟଙ୍ଗ କିମ୍ବା ସମାଲୋଚନା ଗଣତନ୍ତ୍ରଣର ଏକ ଅବିଚ୍ଛେଦ୍ୟ ଅଂଶ । ଜନତାମାନେ ନେତାଙ୍କୁ ସମାଲୋଚନା କରିପାରିବେ । କାହାକୁ ପସନ୍ଦ ନୁହେଁ ବା ଅସୁବିଧାରେ ପକାଇଲେ ଏହାକୁ ବନ୍ଦ କରାଯାଇପାରିବ ନାହିଁ । ରାଘବ ଆପ୍ ଛାଡ଼ି ବିଜେପିରେ ଯୋଗ ଦେବା ଦିନରୁ ତାଙ୍କୁ ସମାଲୋଚନାର ଶିକାର ହେବାକୁ ପଡୁଛି । ତାଙ୍କର ଫଟୋକୁ ବ୍ୟଙ୍ଗାତ୍ମକ ଢ଼ଙ୍ଗରେ ପ୍ରକାଶ କରାଯାଉଥିବାବେଳେ ଟ୍ରୋଲ ମଧ୍ୟ କରାଯାଉଛି । ଯାହାକୁ ନେଇ ସେ ହାଇକୋର୍ଟରେ ପହଞ୍ଚିଥିଲେ ।

## ଇରାନକୁ ନେଇ ଟ୍ରମ୍ପ-ନେତାନ୍ୟାହୁ ମୁହାଁମୁହିଁ

ନୂଆଦିଲ୍ଲୀ,୨୧/୫; ଦୁହେଁ ମିଶି ପ୍ଲାନ କଲେ । ହଠାତ୍ ଇରାନ ଉପରେ ଆକ୍ରମଣ କଲେ । ବଡ଼ ଅଟ୍ଟାଳିକା ଭୁଶୁଡ଼ିଲା । ହଜାର ହଜାର ଲୋକ ପ୍ରାଣ ହରାଇଲେ । ହୋର୍ମୁଜ ବନ୍ଦ ହେଲା ତୈଳ, ରନ୍ଧନ ଗ୍ୟାସ୍ ସଙ୍କଟରେ ସନ୍ତୁଳି ହେଲେ ଲୋକେ । ଏବେ ଜଣେ ଶାନ୍ତି, ବୁଝାମଣା ଚାହୁଁଛନ୍ତି । ଆଉ ଜଣେ କିନ୍ତୁ ଶାନ୍ତି ଚାହୁଁନାହାନ୍ତି । ଇରାନ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଚାହୁଁଛନ୍ତି । ଫଳରେ ଦୁଇ ନେତାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କ ମଧ୍ୟରେ ବିବାଦୀୟ ସ୍ଥିତି ଉପୁଜିଛି । ଇରାନ ସହିତ ଚାଲିଥିବା ଯୁଦ୍ଧର ଭବିଷ୍ୟତ ସମ୍ପର୍କରେ ଦୁଇନେତାଙ୍କ ମଧ୍ୟରେ ଏକ ଉତ୍ତେଜନାପୂର୍ଣ୍ଣ ଫୋନ୍ ବାର୍ତ୍ତାଳପ ହୋଇଛି ।

# ଇବୋଲା ଭାଇରସକୁ ନେଇ ଦିଲ୍ଲୀ ବିମାନ ବନ୍ଦରରେ ଆଲର୍ଟ

## ଭାରତ- ଆଫ୍ରିକା ସମ୍ମିଳନୀ ସ୍ଥଗିତ




ନୂଆଦିଲ୍ଲୀ,୨୧।୫: ଦିଲ୍ଲୀ ବିମାନ ବନ୍ଦରରେ ଇବୋଲା ଭାଇରସକୁ ନେଇ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଆଡଭାଇଜରୀ ଜାରି କରାଯାଇଛି । ଡିଜିଏଚଏସ ଏହି ବିପଜ୍ଜନକ ଭାଇରସକୁ ନେଇ ସତର୍କତା ଜାରି କରିଛନ୍ତି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ କହିଛି ଯେ, ଇବୋଲା ପ୍ରଭାବିତ ଦେଶରୁ ଆସୁଥିବା ଯାତ୍ରୀ କିମ୍ବା ସେହି ଦେଶ ଦେଇ ଆସୁଥିବା ଯାତ୍ରୀମାନେ ସତର୍କ ରହିବା ଆବଶ୍ୟକ । ତେବେ ଇବୋଲା ଭୟରେ ଭାରତ- ଆଫ୍ରିକା ଫୋରମ ଶିଖର ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି । ଏନେଇ ବୈଦେଶିକ ମନ୍ତ୍ରଣାଳୟ ସୂଚନା ଦେଇଛି । ନୂଆଦିଲ୍ଲୀରେ ମେ ୨୮ରୁ ୩୧ ଯାଏଁ ଅନୁଷ୍ଠିତ ହେବାକୁ ଥିବା ଶିଖର ସମ୍ମିଳନୀକୁ ସ୍ଥଗିତ ରଖାଯାଇଛି । ଉଭୟ ଦେଶ ଆଲୋଚନା କରି ସମ୍ପୃକ୍ତ ବୈଠକର ନୂତନ ତାରିଖ ଘୋଷଣା କରିବେ । ମନ୍ତ୍ରଣାଳୟ କହିଛି ଯେ ଭାରତ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକ ସହିତ ଏହାର ଏକତାକୁ ପୁନଃନିର୍ମାଣ କରୁଛି, ଏବଂ ସେଠାକାର ବିକଶିତ ସ୍ୱାସ୍ଥ୍ୟ ପରିସ୍ଥିତିକୁ ସମାଧାନ କରିବା ଉପରେ ଧ୍ୟାନ ଦେଇ ଆଫ୍ରିକା ସିଡିସି-ନେତୃତ୍ୱାଧୀନ ପ୍ରୟାସରେ ଯୋଗଦାନ ଦେବାକୁ ପ୍ରସ୍ତୁତ ଅଛି। ବିଜ୍ଞପ୍ତିରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି ଯେ ଭାରତ ଏବଂ ଆଫ୍ରିକା ଏକତା, ପାରସ୍ପରିକ ସମ୍ମାନ, ଦକ୍ଷିଣ-ଦକ୍ଷିଣ ସହଯୋଗ ଏବଂ ଶାନ୍ତି, ବିକାଶ, ସମୃଦ୍ଧି ଏବଂ ସେମାନଙ୍କ ଲୋକଙ୍କ କଲ୍ୟାଣ ପାଇଁ ଏକ ସମାନ ପ୍ରତିବଦ୍ଧତା ଉପରେ ପ୍ରତିଷ୍ଠିତ ସେମାନଙ୍କର ଦୀର୍ଘକାଳୀନ ସହଭାଗୀତାକୁ ପୁନଃନିର୍ଦ୍ଦିଷ୍ଟ କରିଛନ୍ତି। ପୂର୍ବରୁ, ଭାରତ ମଧ୍ୟ ଇବୋଲା ପ୍ରଭାବିତ ଦେଶ ଦେଇ ଆସୁଥିବା କିମ୍ବା ପରିବହନ କରୁଥିବା ଲୋକଙ୍କ ପାଇଁ ଏକ ପରାମର୍ଶ ଜାରି କରିଥିଲା। ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟ ଦ୍ୱାରା ଜାରି କରାଯାଇଥିବା ଏହି ପରାମର୍ଶରେ କୁହାଯାଇଛି ଯେ ଇବୋଲାର ଲକ୍ଷଣ ଥିବା କିମ୍ବା ସଂକ୍ରମଣର ଇତିହାସ ଥିବା ଲୋକମାନେ ସେମାନଙ୍କର ପ୍ରବାସନ ଅନୁମତି ପାଇବା ପୂର୍ବରୁ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ କରିବା ଉଚିତ। ଏଥିରେ କଙ୍ଗୋ ଗଣତାନ୍ତ୍ରିକ ଗଣରାଜ୍ୟ , ଉଗାଣ୍ଡା ଏବଂ ଦକ୍ଷିଣ ସୁଦାନର ଯାତ୍ରୀମାନଙ୍କ ବିଷୟରେ ବିଶେଷ ଭାବରେ ଉଲ୍ଲେଖ କରାଯାଇଥିଲା ବର୍ତ୍ତମାନ ସୁଦ୍ଧା, ଭାରତରେ ଇବୋଲାର କୌଣସି ମାମଲା ଚିହ୍ନଟ ହୋଇନାହିଁ ଏବଂ ସରକାର ସୁପାରିଶ ଅନୁଯାୟୀ ସମସ୍ତ ସକ୍ରିୟ ପ୍ରତିରୋଧୀ ପଦକ୍ଷେପ ନେଉଛନ୍ତି। ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ସମସ୍ତ ସ୍ତରରେ ପ୍ରସ୍ତୁତି ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହାକୁ ପବ୍ଲିକ ହେଲଥ୍ ଇମରଜେନ୍ସି ଘୋଷଣା କରାଯିବା ପରେ ଭାରତ ସରକାର ସତର୍କ ହୋଇଛନ୍ତି। ବିମାନ ବନ୍ଦର ଏବଂ ଅନ୍ୟାନ୍ୟ ପ୍ରବେଶ ପଥରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଇବୋଲା ଏକ ମାରାତ୍ମକ ରୋଗ। ଏହା ବାଦୁଡ଼ି, ମାଙ୍କଡ଼ ଏବଂ ଶଲ୍ୟକ ଭଳି ବନ୍ୟଜନ୍ତୁଙ୍କଠାରୁ ମଣିଷକୁ ବ୍ୟାପିଥାଏ। ଏହା ପରେ ସଂକ୍ରମିତ ବ୍ୟକ୍ତିଙ୍କ ରକ୍ତ, ଅଙ୍ଗ କିମ୍ବା ଶରୀରର ଅନ୍ୟାନ୍ୟ ନିର୍ଗତ ତରଳ ପଦାର୍ଥ ମାଧ୍ୟମରେ ଜଣଙ୍କଠାରୁ ଅନ୍ୟଜଣକୁ ବ୍ୟାପିଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ବିଛଣା କିମ୍ବା ପୋଷାକରୁ ମଧ୍ୟ ଏହା ବ୍ୟାପିପାରେ।

### ବାପା ଟଙ୍କା ନଦେବାରୁ ନାବାଳକ ପୁଅକୁ ଅପହରଣ

# ଛାତ୍ରଙ୍କୁ ଅପହରଣ ପରେ ୫ଲକ୍ଷ ଟଙ୍କା ପାଇଁ ରଖିଥିଲେ ମୁଣ୍ଡ ଜାମିନ : ୬ ଗିରଫ

ଭୁବନେଶ୍ୱର(ନିପ୍ର): ରାଜ୍ୟରେ ଆଇନଶୃଙ୍ଖଳା ଦିନକୁ ଦିନ ବିପର୍ଯ୍ୟୟ ସ୍ଥିତିକୁ ଚାଲିଗଲାଣି । ବିଶେଷ କରି ଅପରାଧୀଙ୍କୁ ଦମନ କରିବାରେ ବିଫଳ କମିଶନରେଟ୍ ପୋଲିସ । ଅପରାଧୀମାନେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ କରି ପ୍ରତ୍ୟେକ ଦିନ ଘଟାଉଛନ୍ତି ଗୋଟିଏ ପରେ ଗୋଟିଏ ଅପରାଧୀକ କାର୍ଯ୍ୟ । ୫ ଲକ୍ଷ ଟଙ୍କା ପାଇଁ ଜଣେ ଛାତ୍ରଙ୍କୁଅପହରଣ କରିବା ଘଟଣାରେ ୬ ଜଣ ଛାତ୍ରଙ୍କୁ ଗିରଫ କରିଛି ଭରତପୁର ଥାନା ପୋଲିସ । ଗିରଫ ମଞ୍ଚେଶ୍ୱର ଥାନା ନିକଟସ୍ଥ ଇଣ୍ଡଷ୍ଟ୍ରି ଅଞ୍ଚଳର ମହଦୀପ ରାଉତ(୨୨), କଳିଙ୍ଗ ବିହାରର ସାଇ ଅଭିଶେଷ ପାଣି(୨୧), ସହିଦନଗରର ବିନିତ ମହାନ୍ତି(୨୦), ସହିଦନଗରର ସ୍ୱାଶ୍ୱିକ୍ ତ୍ରିପାଠୀ(୧୯), ପାର୍ଥମେସ ପାତ୍ର(୨୦) ଓ ସଂଜୟ ବେହେରା(୨୧) । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଗିରଫ ଛାତ୍ରମାନେ କାହାର ଶିକ୍ଷାଗତ ଯୋଗ୍ୟତା ବି.ଟେକ୍ ତ ଆଉ କିଏ ଏମଟେକ୍ କରିଛି । ଗିରଫ ଛଶତ୍ରମାନଙ୍କଠାରୁ ପୁଲିସ ୫ଟି ଫୋନ୍, ଗୋଟିଏ ଛୁରି, ୨ଟି ଚାବି ରିଙ୍ଗ ଜବତ କରାଯାଇଛି । ନୂଆପଲ୍ଲୀ ଥାନା ଅଞ୍ଚଳର ମହମ୍ମଦ ଶିଖ୍ ଏନେଇ ଭରତପୁର ଥାନାରେ ଅଭିଯୋଗ କରିଥିଲେ । ବୁଧବାର ଦିନ ରାତିରେ ୩ ଜଣ ଅପରାଧୀ ଅଭିଯୋଗକାରୀ ଛାତ୍ରଙ୍କୁ ଏକ କାରରେ ଅପହରଣ କରି ନେଇ କଳିଙ୍ଗନଗର ଚାଲି ଯାଇଥିଲେ । ସେଠାରେ ତାଙ୍କୁ ମାଡ ମାରିବା ସହ ତାଙ୍କ ବାପାଙ୍କୁ ଫୋନ କରି ୫ଲକ୍ଷ ଟଙ୍କାର ଦାଦାବଟି ମାଗିଥିଲେ । ଏନେଇ ଅଭିଯୋଗକାରୀଙ୍କ ବାପା ଭରତପୁର ଥାନାରେ ଅଭିଯୋଗ କରିବା ପୁଲିସ ବିଳମ୍ବିତ ରାତିରେ ଚଢାଉ କରି ୬ ଛାତ୍ରଙ୍କୁ ଉଠାଇ ନେଇ ଭରତପୁର ଥାନାରେ ରାତି ତମାମ ଜେରା କରିବା ପରେ ଗୁରୁବାର ଦିନ ୬ ଛାତ୍ରଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତ ଛାତ୍ରଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ।

### ଜଟଣୀରେ ସେକ୍ସ ର୍ୟାକେଟ ଠାବ, ୫ ଦେହଜୀବୀ ଉଦ୍ଧାର

# ରାଣୀ ମହୁମାଛି ସହ ୪ ଗ୍ରାହକ ଗିରଫ

ଜଟଣୀ(ନିପ୍ର): ସ୍ଥାନୀୟ ରାମଚନ୍ଦ୍ରପୁର ବଜାର ଅଞ୍ଚଳରେ ଥିବା 'ସାଇ ବିହାର' ସ୍ଥିତ 'ସାଇ କିରଣ ଭବନ' ଘରେ ଚାଲିଥିବା ସେକ୍ସ ରାକେଟ ଠାବ କରିଛି ଜଟଣୀ ପୋଲିସ । ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଏହି ଅନୈତିକ କାରବାର ଅନେକ ଦିନ ଧରି ଚାଲିଥିଲା। ଏହି ବାବଦରେ ପୂର୍ବରୁ ପୁଲିସକୁ ଅନେକ ଥର ଅବଗତ କରାଯାଇଥିଲେ ମଧ୍ୟ ପୁଲିସର ଉଦାସୀନତା କାରଣରୁ ଏହା ବେଧଡକ ଭାବେ ଚାଲିଥିଲା କୁହାଯାଉଛି । ଯେଉଁ ଘରେ ଅନୈତିକ କାର୍ଯ୍ୟ ଚାଲିଥିଲା ତାହା ଜଣେ ପ୍ରଭାବ ଶାଳୀ ବ୍ୟକ୍ତିଙ୍କ ବୋଲି ସ୍ଥାନୀୟ ବାସିନ୍ଦାଙ୍କ ସୂଚନା । ଯେଉଁଥିପାଇଁ ଭୟରେ ଅଞ୍ଚଳର ବାସିନ୍ଦା ମାନେ ସବୁ ଜାଣି ଚୁପ ରହିବାକୁ ବାଧ୍ୟ ହେଉଥିଲେ । ଅନ୍ୟ ପକ୍ଷରେ ସ୍ଥାନୀୟ ୱାର୍ଡ଼ର କାଉନସିଲର କହିଛନ୍ତି ସେ ଏ ବାବଦରେ ବହୁ ଦିନରୁ ଅବଗତ ଥାଇ ପୁଲିସକୁ ବାରମ୍ବାର ଖବର ଦେଇଥିଲେ । ତେବେ ଯାହେଉ ଡେରିରେ ହେଲେବି ବୁଧବାର ରାତିରେ ବିଶେଷ ସୂତ୍ରରୁ ଖବର ପାଇ ଜଟଣୀ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଥାନାର ଏକ ଟିମ ଉକ୍ତ ଘରେ ଚଢ଼ାଉ କରି ରାଣୀ ମହୁମାଛି ସମେତ ୪ ଗ୍ରାହକଙ୍କୁ



ଗିରଫ କରିଥିବା ବେଳେ ୫ ଦେହଜୀବୀ ମାନଙ୍କୁ ଥାନାକୁ ଆଣିଥିଲେ । ସେମାନେ ହେଲେ ଯଥାକ୍ରମେ ଗଡ଼ଖୋର୍ଦ୍ଧା ଅଞ୍ଚଳର ମନୋରଞ୍ଜନ ବଳବନ୍ତରାୟ (୪୯) ଏବଂ ବୃନ୍ଦାବନ ବିଶ୍ୱାଳ (୨୫), ଡେଲାଙ୍ଗ ଥାନା ଅନ୍ତର୍ଗତ ଓଡ଼ ତରାବୋଇ ଗ୍ରାମର ଶଶୀକାନ୍ତ ତାଡ (୨୯) ଏବଂ ଅଜୟ ଦାସ (୨୯) ଙ୍କ ସମେତ ରାକେଟର କିଙ୍ଗପିନ ଖୋର୍ଦ୍ଧା ଜିଲ୍ଲା ବାଣପୁର ଥାନା ଅନ୍ତର୍ଗତ ବାଙ୍କନିଧି ସ୍ୱାଇଁଙ୍କ ପତ୍ନୀ ପ୍ରଭାତୀ ସ୍ୱାଇଁ (୪୫) ଓ ସହଯୋଗୀ ରାଣୀ ମହୁମାଛି ସ୍ଥାନୀୟ ରେତଙ୍ଗ କଲୋନୀର ଡି ରାମାରାଓଙ୍କ ପତ୍ନୀ ଡି ଗୌରୀ (୪୮) । ଏହି ଅନୈତିକ କାରବାରରେ ଯୁବତୀମାନଙ୍କୁ ନେବା ଆଣିବା ଦାୟିତ୍ୱରେ ଥିବା ଅଟୋ ଚାଳକ ବାଛରାପାଟଣା ଅଞ୍ଚଳର ବି କୁମାର (୩୦)ଙ୍କୁ ଗିରଫ କରାଯାଇ ଗୁରୁବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି । ପୁଲିସ ଘଟଣା ସ୍ଥଳରୁ ପାଞ୍ଚଟି ମୋବାଇଲ ଫୋନ, ନଗଦ ୫ ହଜାର ୨୫୦ ଟଙ୍କା ସହିତ ବହୁ ଆପତ୍ତି ଜନିତ ସାମଗ୍ରୀ ଜବତ କରିଥିବା ଜଣାପଡିଛି । ଅନ୍ୟ ପକ୍ଷରେ ଏହି ରାକେଟ ପଛରେ ଘର ମାଲିକଙ୍କ ସମ୍ପୃକ୍ତି ଅଛି କି ନାହିଁ ପୋଲିସ ତଦନ୍ତ କରୁଛି । କିନ୍ତୁ କହିବାକୁ ଗଲେ ଯେଉଁ ମାଲିକ ଘର ଭଡା ଦିଏ ତାହାର ସମ୍ପୂର୍ଣ୍ଣ ବିବରଣୀ ସ୍ଥାନୀୟ ଥାନାରେ ଏହି ବାବଦରେ ଅବଗତ କରିବା କଥା ନିୟମ ଥିବା ବେଳେ ଏହି ନିୟମର ଅବମାନନା କରିବା କେତେ ଦୂର ଯଥାର୍ଥ ତାହା ଆଲୋଚନର ବିଷୟ ପାଲଟିଛି । ଅନ୍ୟ ପକ୍ଷରେ ଜଟଣୀର ଅନେକ ସ୍ଥାନରେ ଏଭଳି ଅନୈତିକ କାରବାର ଲୁଚାଛାପାରେ ଚାଲିଥିବା ବେଳେ ଏହା ପଛରେ ବହୁ ଭଦ୍ରମୁଖା ପିନ୍ଧା ପରୋକ୍ଷରେ ରହି ପରିଚାଳନା କରୁଥିବା ସାଧାରଣରେ ଆଲୋଚନାର ପ୍ରମୁଖ ଚର୍ଚ୍ଚା ଜୋର ଧରିଛି ।

### ଡେଟିଂ ଆପ୍‌ରେ ଯୁବତୀଙ୍କ ଫଟୋ ଦେଖାଇ ଲୁଟ୍

## ୫ ମାସ ପରେ ଜଣେ ଅଭିଯୁକ୍ତ ଧରାପଡ଼ିଲା

ଭୁବନେଶ୍ୱର(ନିପ୍ର): ନକଲି ଡେଟିଂ ଆପ୍‌ରେ ଜଣେ ଯୁବତୀଙ୍କ ଫଟୋକୁ ମିଥ୍ୟା ଭାବେ ଦେଖାଇ ଜଣେ ଯୁବକଙ୍କୁ ନିଛାଟିଆ ସ୍ଥାନକୁ ଡାକି ତାଙ୍କ ଠାରୁ ଟଙ୍କା ଲୁଟ୍ କରିବା ମାମଲାରେ ନୟାପଲ୍ଲୀ ଥାନା ପୋଲିସ ମାମଲା ରୁଜୁ ହେବାର ୫ ପରେ ଜଣେ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି । ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନେ ଏବେ ବି ଫେରାର ଅଛନ୍ତି । ଗୁରୁବାର ଗିରଫ ହୋଇଥିବା ଅଭିଯୁକ୍ତ ଜଣଙ୍କ ହେଉଛି,ଚିକୁନ ବେହେରା (୨୨) ଓ ତାଙ୍କ ଘର ମୈତ୍ରୀ ବିହାର ଥାନା ଅନ୍ତର୍ଗତ ଆଦିବାସୀ ସାହିରେ ବୋଲି ଜଣାପଡିଛି । ଏନେଇ ଲୁଟ୍ ?ର ଶିକାର ହୋଇଥିବା ଜ୍ଞାନରଞ୍ଜନ ରାଉତ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକାରୀଙ୍କ ସହ ଅଜଣା ବ୍ୟକ୍ତିମାନେ "ଯୁ ଆର ମଞ୍ଜୁ" ନାମରେ ଏକ ନକଲି ସୋସିଆଲ ମିଡିଆ ଡେଟିଂ ଆପ ପ୍ରୋଫାଇଲ୍ ଏବଂ ଏକ ଝିଅର ନକଲି ଚିତ୍ର ବ୍ୟବହାର କରି ଅନଲାଇନ୍ ମୋଡ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ । ଇନଷ୍ଟାଗ୍ରାମ ସହିତ ଲିଙ୍କ୍ ହୋଇଥିବା ଏକ ଡେଟିଂ ଆପ୍ଲିକେସନ୍ ମାଧ୍ୟମରେ ଯୋଗାଯୋଗ ମାଧ୍ୟମରେ, ଅଭିଯୋଗକାରୀଙ୍କୁ ଘଟଣାସ୍ଥଳ ନିକଟରେ ଭେଟିବାକୁ ପ୍ରବର୍ତ୍ତାଇଥିଲେ । ଏହାକୁ ସତ୍ୟ ବୋଲି ବିଶ୍ୱାସ କରି, ଅଭିଯୋଗକାରୀ ଜାନୁଆରୀ ୧୨ ତାରିଖ ଦିନ ପ୍ରାୟ ୩ ଟା ସମୟରେ ଘଟଣାସ୍ଥଳରେ ପହଞ୍ଚିଥିଲେ । ତାଙ୍କ ପହଞ୍ଚିବା ପରେ ତୁରନ୍ତ ଅଭିଯୁକ୍ତମାନେ ତାଙ୍କୁ ଘେରି ଯାଇ ଆକ୍ରମଣ କରିଥିଲେ । ଘଟଣା ସମୟରେ, ଅଭିଯୁକ୍ତମାନେ ବଳପୂର୍ବକ ଅଭିଯୋଗକାରୀଙ୍କ ନିକଟରୁ ୧୨ ହଜାର ଟଙ୍କା ଏବଂ ଗୋଟିଏ ସୁନା ଚେନ୍ ଛିଣ୍ଡାଇ ନେଇଯାଇଥିଲେ । ତଦନ୍ତରୁ ଆହୁରି ଜଣାପଡିଛି ଯେ ଅଭିଯୁକ୍ତମାନେ ଅଭିଯୋଗକାରୀଙ୍କୁ ଆକ୍ରମଣ କରିବା ପରେ ତାଙ୍କୁ ଅନଲାଇନ୍ ପେମେଣ୍ଟ ମୋଡ୍ ମାଧ୍ୟମରେ ଟଙ୍କା ସ୍ଥାନାନ୍ତର କରିବାକୁ ବାଧ୍ୟ କରିଥିଲେ । ତଦନ୍ତ ସମୟରେ ଜଣାପଡିଲା ଯେ, ଅଭିଯୁକ୍ତ ସନ୍ଦୀପ ରାୟ ଓରଫ ଟୁବୁଲା ଲୋକନାଥ ସାହୁଙ୍କ ସହିତ ଯୋଗାଯୋଗ କରିଥିଲେ ଏବଂ ତାଙ୍କ ଫୋନ୍'ପେ ସ୍କାନର ବ୍ୟବହାର କରିବାକୁ ଅନୁରୋଧ କରିଥିଲେ । ଏହା ପରେ, ବଳପ୍ରୟୋଗ, ଧମକ ଏବଂ ଭୟ ପାଇ ଅଭିଯୋଗକାରୀ ମୋଟ ୩୦ ହଜାର ୯ଶହ ଟଙ୍କା ଟ୍ରାନ୍ସଫର କରିଥିଲେ । ଏହି ମାମଲାର ତଦନ୍ତ କରି ପୋଲିସ ଅଭିଯୁକ୍ତକୁ ଗୁରୁବାର ଗିରଫ କରିଛି ।

## ମହିଳାଙ୍କଠାରୁ ସୁନା ଚେନ୍ ଲୁଟ୍, ୨ ଲୁଟେରା ଗିରଫ

ଭୁବନେଶ୍ୱର(ନିପ୍ର): ଜଣେ ମହିଳାଙ୍କ ଠାରୁ ସୁନା ଚେନ ଲୁଟ୍ କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଗୁରୁବାର ଦୁଇଜଣ ଲୁଟେରାଙ୍କୁ କାବୁ କରିବାରେ ସଫଳ ହୋଇଛି । ଗିରଫ ଦୁଇ ଲୁଟେରା ହେଉଛନ୍ତି,ବଡଗଡ ବାସୁଆଘାଇର ତ୍ରିଲୋଚନ ଭୋଇ (୨୮) ଓ ବନକୁଳର ସାଗର ସ୍ୱାଇଁ (୨୮) । ଏନେଇ ଲୁଟ୍‌ର ଶିକାର ଶୁଭଶ୍ରୀ ପଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକାରିଣୀ ନଖରା ଅଞ୍ଚଳରେ ରହୁଥିବା ବେଳେ, ଗତ୬ ତାରିଖରେ ସ୍କୁଟି ଯୋଗେ ସ୍ଥାନୀୟ ଥାନା ଅନ୍ତର୍ଗତ କେସୁରା ଛକ ଠାରେ ଥିବା ଆକ୍ସିସ ବ୍ୟାଙ୍କକୁ ଆସିଥିଲେ । ବ୍ୟାଙ୍କରେ କାମ ସାରି ଘରକୁ ଫେରୁଥିବା ବେଳେ, ତ୍ରିକରାଜ ହେଲଥ କେୟାର ନିକଟରେ ଦୁଇ ଅଭିଯୁକ୍ତ ଏକ ବାଇକ ଯୋଗେ ପଛ ପାଖରୁ ଆସି ତାଙ୍କ ନିକଟରୁ ତାଙ୍କ ମୋବାଇଲ ଫୋନ ଏବଂ ଏକ ସୁନାଚେନ ଜୋରଜବରଦସ୍ତ ଛିଣ୍ଡାଇ ନେଇଯାଇଥଲେ । ଏନେଇ ଅଭିଯୋଗକାରିଣୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ଦୁଇ ଲୁଟେରାଙ୍କୁ କାବୁ କରିବାରେ ସଫଳ ?ହାଇଛି । ଅଭିଯୁକ୍ତ ତ୍ରିଲୋଚନ ନାମରେ ପୂର୍ବରୁ ବଡଗଡ ଥାନାରେ ୩ଟି ଭିନ୍ନ ଅପରାଧିକ ମାମଲା ରହିଥିବା ବେଳେ, ଅଭିଯୁକ୍ତ ସାଗର ନାମରେ ମଧ୍ୟ କ୍ୟାପିଟାଲ ଥାନାରେ ୩ଟି ଭିନ୍ନ ଅପରାଧିକ ମାମଲା ରହିଛି ।

# ଦିନ ଦ୍ୱିପ୍ରହରରେ ମୁଖ୍ୟ ରାସ୍ତା କଡ଼ରୁ ଘର ତାଲା କାଟି ଲୁଟ୍

## ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମର ତଦନ୍ତ ଆରମ୍ଭ

ଧାମନଗର(ନିପ୍ର): ଧାମନଗର ଅଞ୍ଚଳରେ ଏବେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି । ଦିନକୁ ଦିନ ଚୋରି, ଲୁଟପାଟ୍ ବୃଦ୍ଧି ପାଉଥିବାବେଳେ ପୋଲିସ ପ୍ରଶାସନ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନେବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ୧୮ ତାରିଖ ରାତିରେ ଝାଟିଆସାହି ରାସ୍ତାରେ ରାତି ୧୦ଟା ବେଳେ ୫ ଜଣ ବାଇକରେ ଆସି ଜଣେ ସୁନା ଦୋକାନୀକୁ ଅଟକାଇ ମାଡ଼ ମାରି ୫ ଲକ୍ଷ ଟଙ୍କା ଲୁଟ୍ କରି ଫେରାର ହୋଇଥିଲେ । ପୋଲିସ କିନ୍ତୁ ସେମାନଙ୍କୁ ଠାବ କରିପାରିନଥିବା ବେଳେ ପୁଣି ୧୯ ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ଧାମନଗର ବ୍ଲକ ଛକ ମୁଖ୍ୟ ରାସ୍ତା ପାର୍ଶ୍ୱରେ ଥିବା ଏକ କଲୋନୀରୁ ଦିନଦ୍ୱିପ୍ରହରରେ ଘରେ କେହି ନଥିବାବେଳେ ଚୋରମାନେ କବାଟ ତାଲା କାଟି ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ନଗଦ ଟଙ୍କା ଲୁଟିନେବା ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ସବୁଠାରୁ ବଡ଼ ପ୍ରଶ୍ନ ଉଠୁଛି ଯେ,



ସବୁଠାରୁ ଜନଗହଳିପୂର୍ଣ୍ଣ ରାସ୍ତା କଡ଼ରେ ଚୋରମାନେ ଏଭଳି କାଣ୍ଡ ଭିଆଇବାକୁ ସାହସ ପାଉଛନ୍ତି କେମିତି ? ପୋଲିସର ପାଟ୍ରୋଲିଂ ବ୍ୟବସ୍ଥା ଓ ସୁରକ୍ଷା ଦାୟିତ୍ୱ ସୀମିତ ରହୁଛି ବୋଲି ସାଧାରଣରେ ଆଲୋଚନା ହେଉଛି । ସୂଚନା ଥାଉକି ଧାମନଗର ବ୍ଲକ କଲୋନୀର ରହୁଥିବା ଶିକ୍ଷକ ନିରାକାର ରାଉତଙ୍କ ପରିବାର ୧୯ ତାରିଖ ପୂର୍ବାହ୍ନ ପ୍ରାୟ ୯ଟା ୪୫ ମିନିଟରେ ଘର ଗେଟରେ ତାଲା ପକାଇ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଭଗବାନପୁର ଯାଇଥିଲେ । ଏହାର ସୁଯୋଗରେ ଦିନ ପ୍ରାୟ ୧୦ଟାରୁ ୧୧ଟା ସମୟ ମଧ୍ୟରେ ପୂର୍ବରୁ ସୁଯୋଗ ଅପେକ୍ଷାରେ ଥିବା ଦୁର୍ବୃତ୍ତମାନେ ମୁଖ୍ୟ ରାସ୍ତା କଡ଼ରେ ଥିବା ଏହି ଘରର ଗେଟ ତାଲା କାଟି ଭିତରକୁ ପଶିଥିଲେ । କବାଟ ତାଲା ଭାଙ୍ଗି ନିରାକାରଙ୍କ ଘରୁ ୨ଟି ସୁନା ଚେନ ଓ ନଗଦ ୫ ହଜାର ଟଙ୍କା ଲୁଟି ନେଇଥିଲେ । ଚୋରଙ୍କ ଦୁଃସାହସ ଏତିକିରେ ସରିନଥିଲା । ସେହି ଘରେ ଭଡ଼ା ରହୁଥିବା ଧାମନଗର ଅଗ୍ନିଶମ ବାହିନୀର କର୍ମଚାରୀ ଶ୍ୟାମସୁନ୍ଦର ସେଠୀଙ୍କ ଘର ତାଲା ମଧ୍ୟ କାଟି ଦୁଇଟି ସୁନା ମୁଦି, ଦୁଇ ହଳ ରୁପା ପାଉଁଜି ଏବଂ ନଗଦ ୧୦ ହଜାର ଟଙ୍କା ଚୋରି କରିନେଇଥିଲେ । ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟା ସମୟରେ ସେହି ଘରେ ଭଡ଼ା ରହୁଥିବା ସ୍ଥାନୀୟ ଶିଶୁମନ୍ଦିରର ଜଣେ ଗୁରୁମା ଘରକୁ ଫେରିବା ପରେ ଏହି ଚୋରି ସମ୍ପର୍କରେ ଜଣାପଡ଼ିଥିଲା । ଘଟଣା ସମ୍ପର୍କରେ ନିରାକାର ରାଉତ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ତତ୍ପରତା ପ୍ରକାଶ କରି ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାସ୍ଥଳରେ ତଦନ୍ତ କରିଛି । ମାତ୍ର ପ୍ରଶ୍ନ ଉଠୁଛି, ଅପରାଧ ଘଟିବା ପରେ କେବଳ ଡଗ୍ ସ୍କ୍ୱାଡ୍ ବୁଲାଇ କାର୍ଯ୍ୟାନୁଷ୍ଠାନର ପ୍ରହସନ ଦେଖାଇଲେ ଅଞ୍ଚଳବାସୀଙ୍କ ମନରୁ ଭୟ ଦୂର ହେବ କି ? ଧାମନଗର ପୋଲିସର ଦୁର୍ବଳ ପାଟ୍ରୋଲିଂ ଏବଂ ଖାମଖିଆଲି ମନୋଭାବ ଯୋଗୁଁ ଆଜି ଅପରାଧୀଙ୍କ ସାହସ ଏତେ ବଢ଼ିଯାଇଛି ଯେ ସେମାନେ ଦିବାଲୋକରେ ମୁଖ୍ୟ ରାସ୍ତାକଡ଼ରୁ ଲୁଟ୍ କରିବାକୁ ସାହସ କରୁଛନ୍ତି । ତେବେ ଦୁଇଦିନ ଦୁଇଟି ବଡ ଚୋରି ହୋଇଥିବା ବେଳେ ଚୋରମାନଙ୍କ ଟେର ଏଯାଏ ପାଇପାରୁନି । ତେବେ ବିଭିନ୍ନ ସ୍ଥାନରେ ସିସି କ୍ୟାମେରାକୁ ଦେଖାଯାଉଛି ଅଭିଯୁକ୍ତଙ୍କୁ ଠାବ କରାଯିବାକୁ ଉଦ୍ୟମ ଚାଲିଛି ବୋଲି ଥାନା ଅଧିକାରୀ ସୁବ୍ରଜିତି ଦାସ ସୂଚନା ଦେଇଛନ୍ତି ।

## ଅଂଶୁଘାତରେ କଲେଜ କର୍ମଚାରୀଙ୍କ ମୃତ୍ୟୁ ଅଭିଯୋଗ

ବୁଗୁଡ଼ା(ନିପ୍ର): ସ୍ଥାନୀୟ ପିପୁଲ୍ସ କଲେଜର ପିଅନ ଡାକ୍ତର ସ୍ୱାଇଁ (ଡାକ)ଙ୍କର ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ, ଗୁରୁବାର ଦିନ ପ୍ରାୟ ସାଢେ ଦୁଇ ଘଣ୍ଟା ସମୟରେ ସେ ନିଜ ସାଇକଲ ଯୋଗେ ବେଠିଆବରୋଦା ଗ୍ରାମସ୍ଥିତ ନିଜ ଘରକୁ ଫେରୁଥିଲେ । ତେବେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ବୁରୁଝୋଳା ତୋଟା ନିକଟରେ ସେ ହଠାତ୍ ଅସୁସ୍ଥ ହୋଇ ପଡ଼ିଯାଇଥିଲେ ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଡାକ୍ତର ସ୍ୱାଇଁଙ୍କ ଏଭଳି ଆକସ୍ମିକ ବିୟୋଗରେ କଲେଜ କର୍ତ୍ତୃପକ୍ଷ, ସହକର୍ମୀ ଓ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ଲାଞ୍ଚ ନେବା ଅଭିଯୋଗରେ ୨ କର୍ମଚାରୀ ଗିରଫ

କଟକ(ନିପ୍ର): ଲାଞ୍ଚ ନେବା ଅଭିଯୋଗରେ ୨ ସରକାରୀ କର୍ମଚାରୀ ଗିରଫ ହୋଇଛନ୍ତି । ଟିଟିଲାଗଡ଼ ସର୍କଲ୍ କାର୍ଯ୍ୟାଳୟର ୨ ଜଣ କର୍ମଚାରୀଙ୍କୁ ଗିରଫ କରିଛି ଭିଜିଲାନ୍ସ । ଗିରଫ ଦୁଇ ଜଣ ସିନିୟର ଆସିଷ୍ଟାଣ୍ଟ ଅନିଲ କୁମାର ପଣ୍ଡା ଓ ପିଅନ୍ ହରେକୃଷ୍ଣ ମାଝୀ । ଉଭୟେ ଟିଟିଲାଗଡ଼ ସ୍ଥିତ ଏଆରସିଏସର କର୍ମଚାରୀ । ଗତବର୍ଷ ଜାନୁଆରୀରେ ଅବସରପ୍ରାପ୍ତ ଜଣେ କର୍ମଚାରୀଙ୍କ ଏମଏସିପି ଅନୁସାରେ ବକେୟା ଦରମା ପାଇଁ ଅନିଲ



ପଣ୍ଡା ୧ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲେ । ପ୍ରଥମ କିସ୍ତି ଭାବେ ୭୦ ହଜାର ଟଙ୍କା ପିଅନ୍ ହରେକୃଷ୍ଣ ମାଝୀଙ୍କ ବ୍ୟାଙ୍କ ଖାତାରେ ଜମା କରିବାକୁ କୁହାଯାଇଥିଲା । ଏନେଇ ଭିଜିଲାନ୍ସ ବିଭାଗକୁ ଜଣାଇଥିଲେ ଉକ୍ତ ଅବସରପ୍ରାପ୍ତ କର୍ମଚାରୀ । ଆଜି ଟଙ୍କା ବ୍ୟାଙ୍କ ମାଧ୍ୟମରେ ଜମା ହେବା ସମୟରେ ଭିଜିଲାନ୍ସ ଦୁଇ ଜଣଙ୍କୁ କାବୁ କରିଥିଲା । ଏହାପରେ ଦୁଇ ଅଭିଯୁକ୍ତଙ୍କ ଘର ଓ ଅନ୍ୟାନ୍ୟ ସ୍ଥାନରେ ଆୟ ବର୍ହିଭୂତ ସମ୍ପତ୍ତି ଠାବ କରିବାକୁ ଚଢ଼ାଉ ଜାରି ରହିଛି । ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ ହୋଇଥିବାବେଳେ ତଦନ୍ତ ଜାରି ରହିଛି ।

## ନଦୀପଠାରୁ ମିଳିଲା ଅଧାପୋତା ମୃତଦେହ

କଟକ(ନିପ୍ର): ନଦୀ ପଠାରେ ମହିଳାଙ୍କ ଅଧା ପୋତା ମୃତଦେହ । ମହିଳାଙ୍କୁ ମାରି ପୋତି ଦେଇଥିବା ସନ୍ଦେହ କରାଯାଉଛି । କଟକ ବ୍ରାହ୍ମଣି ଗାଁ ନିକଟ କାଠଯୋଡ଼ି ନଦୀ ପଠାରେ ମହିଳାଙ୍କ ଅଧା ପୋତା ଅବସ୍ଥାରେ ମୃତଦେହ ଦେଖିବାକୁ ମିଳିଛି । ସେ ଗୋଲାପି



ରଙ୍ଗର ବସ୍ତ୍ର ପିନ୍ଧିଥିବା ଜଣାପଡିଛି । ମିଳିଥିବା ଖବର ଅନୁଯାୟୀ, ସକାଳୁ ନିତ୍ୟକର୍ମ ପାଇଁ ନଦୀକୁ ଯାଇଥିବା ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ । ଏହାପରେ ଘଟଣା ସ୍ଥଳରେ ବାରଙ୍ଗ ପୋଲିସ ପହଞ୍ଚି ତନାଘନା ଆରମ୍ଭ କରିଛି । ସ୍ଥଟରେ ବାରଙ୍ଗ ଥାନା ଅଧିକାରୀ ଓ ଜୋନ ୪ ଏସିପି ପହଞ୍ଚିଛନ୍ତି । ତଦନ୍ତ ପାଇଁ ସାଇଣ୍ଟିଫିକ୍ ଟିମର ମଧ୍ୟ ସହାୟତା ନିଆଯାଇଛି । ତେବେ ମୃତ ମହିଳା କିଏ, ଏଠାକୁ କେମିତି ଆସିଲେ ? ସେପଟେ ବିଭିନ୍ନ ଦିଗକୁ ଅନୁଧ୍ୟାନ କରି ତଦନ୍ତ କରୁଛି ପୋଲିସ । ମୃତଦେହ ଅଧା ପୋତା ହୋଇଥିବା ନଦୀର ଆଖପାଖ ଅଞ୍ଚଳରେ ବହୁ ଇଟାଭାଟି ରହିଛି । ଇଟାଭାଟିରେ ବାହାର ଜିଲ୍ଲା ଓ ରାଜ୍ୟର ଶ୍ରମିକ କାମକରନ୍ତି । କୌଣସି ଦୂରାରୋଗ୍ୟରେ ମହିଳା ଜଣକ ମୃତ୍ୟବରଣ କରିବାପରେ ପରିବାର ନଦୀ ବାଲିରେ ପୋତି ଦେଇଥିବା ପୋଲିସ ଅନୁମାନ କରୁଛି । ହେଲେ ନଦୀ କୂଳରେ ରାତିହେଲେ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡା ଜମିଥାଏ । କେହି ତାଙ୍କୁ ମାରି ଫିଙ୍ଗି ଦେଇଛି କି ସେ ଦିଗକୁ ନେଇ ମଧ୍ୟ ପୋଲିସ ତଦନ୍ତ ଆଗକୁ ବଢ଼ାଉଛି । ତେଣୁ ତଦନ୍ତ ପରେ ଘଟଣାର ସତ୍ୟତା କଣ ଜଣାପଡ଼ିବ ବୋଲି ପୋଲିସ କହିଛି ।

## ସାମ୍ବାଦିକଙ୍କ ନାମରେ ମିଥ୍ୟା ଏତଲା ରୁଜୁ ନେଇ ଏସପିଙ୍କୁ ଅଭିଯୋଗ

ଭାପୁର(ନିପ୍ର): ନୟାଗଡ଼ ଜିଲ୍ଲାର ଦୁଇ ଜଣ ସାଇବର ମାଫିଆ ଶାସକ ଦଳର ହାତ ବାରିସୀ ସାଜି ବିଗତ କିଛି ଦିନ ହେଲା ଜିଲ୍ଲାର ବହୁ ସାମ୍ବାଦିକ ତଥା ରାଜନେତାମାନଙ୍କୁ ଆକ୍ଷେପ କରି ଚରିତ୍ର ସଂହାର କରିବାରେ ଲାଗିଛନ୍ତି । ଏହି ପରିପ୍ରେକ୍ଷୀରେ, ଜିଲ୍ଲାର ଦୁଇ ଜଣ ସାଇବର ମାଫିଆ ବରିଷ୍ଠ ସାମ୍ବାଦିକ ଅନିଲ କୁମାର ପଣ୍ଡାଙ୍କୁ ଟାର୍ଗେଟକରି ତାଙ୍କୁ ଏବଂ ତାଙ୍କ ପରିବାରଙ୍କୁ ଅଶାଳୀନ ମନ୍ତବ୍ୟ ପ୍ରଦାନ ତଥା ଅଶ୍ଳୀଳ ବ୍ୟବହାର ସୋସିଆଲ ମେଡିଆରେ ଛାଡ଼ି ନିଜକୁ ଗର୍ବିତ ମଣୁଛନ୍ତି । ଏପରିକି ତାଙ୍କୁ ମହିଳାଙ୍କ ସହିତ ଯୋଡି ନୟାଗଡ଼ ଟାଉନ ଥାନାରେ ମିଥ୍ୟା ମାମଲା ରୁଜୁ କରିବାରେ ସଫଳ ହୋଇଛନ୍ତି । ତେଣୁ ସେ ଦୁଇଜଣ ଶାସକ ଦଳ ବିଧାୟକଙ୍କ ଦ୍ୱାରା ବଳିଆନ ହୋଇ ଗଣମାଧ୍ୟମର କଣ୍ଠକୁ ଅବରୋଧ କରିବାରେ ଚେଷ୍ଟିତ ରହିଥିବାବେଳେ ଏହାକୁ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଙ୍ଘ ଦୃଢ଼ ନିନ୍ଦା କରିଛି । ଏହି ପରିପ୍ରେକ୍ଷୀରେ, ନୟାଗଡ଼ ଜିଲ୍ଲାର ୮ଗୋଟି ବ୍ଲକର ସାମ୍ବାଦିକ ସଙ୍ଘ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ନିକଟ ଥାନା ଅଧିକାରୀଙ୍କ ଜରିଆରେ ଏସପିଙ୍କ ନିକଟକୁ ଲିଖିତ ଅଭିଯୋଗ କରିଛନ୍ତି । ଭାପୁର ବ୍ଲକ ପେସାଦାର ସାମ୍ବାଦିକ ସଙ୍ଘ ତରଫରୁ ସଭାପତି, ସମ୍ପାଦକ ଏବଂ ସଭ୍ୟମାନେ ଫତେଗଡ଼ ଥାନାରେ ଉପସ୍ଥିତ ରହି ଥାନାଧିକାରୀଙ୍କୁ ଅଭିଯୋଗ ପତ୍ର ଦାଖଲ କରିଛନ୍ତି ।

# ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଡିଜିପିଙ୍କ ସମୀକ୍ଷା

କଟକ : ଆସନ୍ତା ଜୁଲାଇ ୧୬ ତାରିଖରେ ପୁରୀରେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି । ଏହି ଐତିହାସିକ ମହାପର୍ବକୁ ଶୃଙ୍ଖଳିତ, ସୁରକ୍ଷିତ ଏବଂ ସୁବ୍ୟବସ୍ଥିତ ଭାବେ ସମ୍ପନ୍ନ କରିବା ନିମନ୍ତେ ଆଜି କଟକସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଡିଜିପି ଶ୍ରୀ ଖୁରାନିଆ ରଥଯାତ୍ରା ସମୟରେ ସମସ୍ତ ସୁରକ୍ଷା ଓ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହ ତୃଣମୂଳ ସ୍ତରରୁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ ବରିଷ୍ଠ ପୋଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କୌଣସି ପରିସ୍ଥିତିରେ ଯେପରି ତ୍ରୁଟିବିଚ୍ୟୁତି ନ ଘଟେ, ସେଥିପାଇଁ ପ୍ରତ୍ୟେକ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ପରାମର୍ଶ ଦେଇଥିଲେ । ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ ଶ୍ରୀଜୀଉଙ୍କ ବିଭିନ୍ନ ରୀତିନୀତି ନିର୍ଦ୍ଦିଷ୍ଟ ତାରିଖରେ ପାଳନ କରାଯିବ । ଆସନ୍ତା ଜୁନ ୨୯ ତାରିଖରେ ଦେବସ୍ନାନ ପୂର୍ଣ୍ଣିମା, ଜୁଲାଇ ୧୪ ତାରିଖରେ ନବଯୌବନ ଦର୍ଶନ, ଜୁଲାଇ ୧୬




ତାରିଖରେ ରଥଯାତ୍ରା, ଜୁଲାଇ ୨୦ ତାରିଖରେ ହେରା ପଞ୍ଚମୀ, ଜୁଲାଇ ୨୩ ତାରିଖରେ ସନ୍ଧ୍ୟା ଦର୍ଶନ, ଜୁଲାଇ ୨୪ ତାରିଖରେ ବାହୁଡ଼ା ଯାତ୍ରା, ଜୁଲାଇ ୨୫ ତାରିଖରେ ସୁନାବେଶ, ଜୁଲାଇ ୨୬ ତାରିଖରେ ଅଧରପଣା ଏବଂ ଜୁଲାଇ ୨୭ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ । ଏହି ସମସ୍ତ ପର୍ବ ଅବସରରେ ଦେଶ-ବିଦେଶରୁ ଲକ୍ଷାଧିକ ଭକ୍ତ ପୁରୀରେ ସମାଗମ ହେବାର ସମ୍ଭାବନା ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବ୍ୟାପକ ଓ ଅଧିକ ସକ୍ରିୟ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ରଥଯାତ୍ରାରେ ଭକ୍ତମାନଙ୍କ ସୁରକ୍ଷା ଓ ସୁଚାରୁରୂପେ ଭିଡ଼ ନିୟନ୍ତ୍ରଣ କରିବାକୁ ଚଳିତ ବର୍ଷ ଅନେକ ନୂତନ ପଦକ୍ଷେପ ଗ୍ରହଣ କରାଯିବାକୁ ଯୋଜନା କରାଯାଇଛି । ଯାତାୟାତ ଓ ଟ୍ରାଫିକ ପରିଚାଳନାକୁ ସୁଦୃଢ଼ କରିବା ପାଇଁ ଅତିରିକ୍ତ ୮ଟି ପାର୍କିଂ ସ୍ଥଳୀ ଚିହ୍ନଟ କରାଯାଇଛି । ରଥ ଟଣା ସମୟରେ ରଥଗୁଡ଼ିକର ସୁଗମ ଗତି ସୁନିଶ୍ଚିତ କରିବାକୁ ରଥ ଆଗରେ ସ୍ୱତନ୍ତ୍ର କ୍ଲିୟରାନ୍ସ ପାର୍ଟି ନିୟୋଜିତ କରାଯିବ । ଅଧିକ ଭିଡ଼ ଥିବା ସ୍ଥାନଗୁଡ଼ିକରେ କ୍ରାକ୍ ଟିମ୍ ମୁତୟନ କରାଯାଇ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡ଼ି କରାଯିବ । ଏହାବ୍ୟତୀତ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଅତିରିକ୍ତ ସିସିଟିଭି କ୍ୟାମେରା ସ୍ଥାପନ, ଟ୍ରାଫିକ ସୁପରିଚାଳନା ପାଇଁ ରୋଡ ଡିଭାଇଡର, ଡିଲିନେଟର ଏବଂ ଟ୍ରାଫିକ ଜୋନ୍ ବ୍ୟବସ୍ଥା, ପର୍ଯ୍ୟାପ୍ତ ପାର୍କିଂ ସୁବିଧା ଏବଂ ଶୃଙ୍ଖଳିତ ଯାତାୟାତ ପରିଚାଳନା ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା । ପୁରୀ ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ସମସ୍ତ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁ କରିବା, ହୋଟେଲ ଓ ଲଜଗୁଡ଼ିକରେ ନିୟମିତ ଯାଞ୍ଚ କରିବାକୁ ଡିଜିପି ପୁରୀ ଏସପିଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରଥଯାତ୍ରା ସମୟରେ ବାହାର ରାଜ୍ୟର ଅଭ୍ୟାସଗତ ଅପରାଧୀମାନଙ୍କ ଆଗମନ ସମ୍ଭାବନା ଥିବାରୁ ସେମାନଙ୍କ ଫଟୋ ସଂଗ୍ରହ କରି ରେଳ ଷ୍ଟେସନ ଓ ବସଷ୍ଟାଣ୍ଡରେ ଥିବା ଏଲଇଡି ସ୍କ୍ରିନ୍‌ରେ ପ୍ରଦର୍ଶନ କରାଯିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି । ସମୁଦ୍ରକୂଳ ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବା ସହ ଅସ୍ଥାୟୀ ପୋଲିସ ଆଉଟପୋଷ୍ଟ ଖୋଲାଯିବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ଏହାସହ ରେଳବାଇ ପୋଲିସ ପକ୍ଷରୁ ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ଏବଂ ଜଟଣୀ ରେଳ ଷ୍ଟେସନରେ ବ୍ୟାପକ ସୁରକ୍ଷା ବନ୍ଦୋବସ୍ତ କରାଯିବା ନେଇ ଆଲୋଚନା କରାଯାଇଥିଲା । ଆରପିଏଫ ସହ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ । ଏହାସହ ମନ୍ଦିର ନିକଟରେ ରକ୍ଷକ ଯାନ ମୁତୟନ, କେ-୯ ସ୍କ୍ୱାଡ୍ ନିୟୋଜନ, ଏନଏସଜି ତାଲିମପ୍ରାପ୍ତ ଏସଓଜି ଟିମ ମୁତୟନ, ଏସଟିୟୁ ଟିମ ନିୟୋଜିତ, ଦଳାଚକଟା ପରି ପରିସ୍ଥିତିକୁ ଏଡାଇବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା, ପୋଲିସ ଫୋର୍ସଙ୍କ ରହଣି ପାଇଁ ଆବଶ୍ୟକ ସୁବିଧା, ଶୃଙ୍ଖଳିତ ରଥଟଣା, ବ୍ୟାରିକେଡ୍ ବ୍ୟବସ୍ଥା, ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରଖି ଆଶୁ ସମସ୍ୟାର ସମାଧାନ ଏବଂ ଭକ୍ତମାନଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନେଇ ଡିଜିପି ବିସ୍ତୃତ ଆଲୋଚନା କରିଥିଲେ ।



ଭୁବନେଶ୍ୱର: ଅସହ୍ୟ ଗରମରୁ ରକ୍ଷା ପାଇବା ପାଇଁ ପିଲାଙ୍କ ଜଳକ୍ରୀଡ଼ା (ଫଟୋ-ଦିନଲିପି)

## ପ୍ରଖର ଖରାରେ ପଥିକଙ୍କୁ ବଣ୍ଟାଗଲା ସ୍ୱାଦିଷ୍ଟ ଦହିପଣା

**ନିରାକାରପୁର, ୨୧/୫(ନିପ୍ର):** ରାଜ୍ୟରେ ପ୍ରଚଣ୍ଡ ରୌଦ୍ରତାପ ଓ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସାଧାରଣ ଲୋକ ଓ ପଥିକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ପୋଲିସ ପକ୍ଷରୁ ଏକ ପ୍ରଶଂସନୀୟ ଜନହିତକର ପଦକ୍ଷେପ ଗ୍ରହଣ କରାଯାଇଛି। ନିରାକାରପୁର ଥାନା ସାମ୍ନାରେ ପଥିକମାନଙ୍କ ଶୋଷ ମେଣ୍ଟାଇବା ପାଇଁ ଏକ ସ୍ୱତନ୍ତ୍ର ଜଳଛତ୍ର ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ଦ୍ୱାରା ଏହି ଜଳଛତ୍ରଟି ଉଦଘାଟିତ ହୋଇଥିବା ବେଳେ ଏଥିରେ ପ୍ରଖର ଖରାରେ ଯାତାୟାତ କରୁଥିବା ବାଟୋଇ, ଗାଡ଼ି ଚାଳକ ଓ ଶ୍ରମଜୀବୀମାନଙ୍କୁ ସ୍ୱାଦିଷ୍ଟ ତଥା ଥଣ୍ଡା ଦହି ପଣା ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମର ଏହି ପ୍ରକୋପ ସମୟରେ ଜନସାଧାରଣଙ୍କ ସେବା ପାଇଁ ଏହି ଜଳଛତ୍ର ଆସନ୍ତା ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ନିରନ୍ତର ଜାରି ରହିବ ବୋଲି ଆଇଆଇସି ଶ୍ରୀ ରାଉତରାୟ ସୂଚନା ଦେଇଛନ୍ତି।ଏହି ସେବାମୂଳକ କାର୍ଯ୍ୟକ୍ରମକୁ ସଂଗଠିତ ଓ ସଫଳ କରିବାରେ ଥାନାର ଏଏସଆଇ ସୁନୀତା ମଲ୍ଲିକ, ଏଏସଆଇ ଗୁପ୍ତ ପ୍ରସାଦ ମହାନ୍ତି, ଏଏସଆଇ ପାର୍ବତୀ ଦେଇ, ହାବିଲଦାର ରତ୍ନାକର ବେହେରାଙ୍କ ସମେତ ନିରାକାରପୁର ଥାନାର ସମସ୍ତ କର୍ମଚାରୀ ସଜାଗ ରହି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଖରାର ପ୍ରକୋପରେ ତ୍ରାହି ତ୍ରାହି ଡାକୁଥିବା ପଥିକମାନେ ପୋଲିସ ଭାଇ ଓ ଭଉଣୀମାନଙ୍କଠାରୁ ଦହି ପଣା ପାଇ ବେଶ୍ ଆଶ୍ୱସ୍ତି ପ୍ରକାଶ କରିଛନ୍ତି।

● ଡାଙ୍ଗୁରା ଗ୍ରାମର ପୂର୍ଣ୍ଣଚନ୍ଦ୍ର ହତ୍ୟା ମାମଲା

## ଆଉ ଜଣେ ଅଭିଯୁକ୍ତ ଗିରଫ

ପିପିଲି, ୨୧/୫(ନିପ୍ର): ଗତ ମାସ ୨୪ତାରିଖ ରାତିରେ ବଳଙ୍ଗା ଥାନା ଅନ୍ତର୍ଗତ ଡ଼ାଙ୍ଗୁରା ଗ୍ରାମରେ କୋଠ ଘରେ ଶୋଇବାକୁ କେନ୍ଦ୍ରକରି ଗ୍ରାମର ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ବାଉଁଶ ଠେଙ୍ଗାରେ ପିଟି ହତ୍ୟା କରଯାଇଥିଲା। ମୁଖ୍ୟ ଅଭିଯୁକ୍ତ ଗ୍ରାମର ବ୍ରହ୍ମାନନ୍ଦ ସାହୁଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଥିବା ବ୍ରହ୍ମାନନ୍ଦଙ୍କ ଶଳା ଚନ୍ଦନ ପୁରର ଭାସିଆ ପରିଡ଼ାକୁ ପୋଲିସ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଭାସିଆ ଥାନାରୁ ଅଭିଯୋଗ ପ୍ରତ୍ୟାହାର ପାଇଁ ମୃତ ପୂର୍ଣ୍ଣଚନ୍ଦ୍ରଙ୍କ ଝିଅ ମନୋରମା ସ୍ୱାଇଁଙ୍କୁ ଧମକ ଦେଇ ମାଡ ମାରିଥିବା ନେଇ ମନୋରମା ଥାନାରେ ଅଭିଯୋଗ କରିଥିଲେ।

## ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପକ୍ଷରୁ ବ୍ୟାପକ ଟିକେଟ୍ ଯାଞ୍ଚ

### ଗୋଟିଏ ଦିନରେ ରେକର୍ଡ ୨୩.୬୦ ଲକ୍ଷ ଆଦାୟ

ଜଟଣୀ, ୨୧/୫(ନିପ୍ର): ବୈଧ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ, ସୁବିଧାଜନକ ଓ ନିର୍ବିଘ୍ନ ଯାତ୍ରା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ଼ ରେଳ ମଣ୍ଡଳ ପକ୍ଷରୁ ଏହାର ଅଧିକାର କ୍ଷେତ୍ରରେ ଏକ ବ୍ୟାପକ ଟିକେଟ୍ ଯାଞ୍ଚ ଅଭିଯାନ ଚାଳନା କରାଯାଇଥିଲା।ଏହି ଯାଞ୍ଚ ଅଭିଯାନ ସମୟରେ ବାଣିଜ୍ୟ ବିଭାଗର ଅଧିକାରୀ, ଟିକେଟ୍ ଯାଞ୍ଚ କର୍ମଚାରୀ ଏବଂ ରେଳ ସୁରକ୍ଷା ବଳ କର୍ମଚାରୀଙ୍କ ସମନ୍ୱୟରେ ଗଠିତ ଦଳ ଦ୍ୱାରା ବିଭିନ୍ନ ଟ୍ରେନରେ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଥିଲା। ବିନା ଟିକେଟ୍ ଓ ଅନିୟମିତ ଯାତ୍ରାକୁ ରୋକିବା ସହିତ ବୈଧ ରେଳ ଯାତ୍ରାକୁ ପ୍ରୋତ୍ସାହନ ଦେବା ପାଇଁ ଏହି ବିଶେଷ ପଦକ୍ଷେପ ଗ୍ରହଣ କରାଯାଇଥିଲା। ବିନା ଟିକେଟ୍/ଅନିୟମିତ ଯାତ୍ରାର ମୋଟ ୩,୭୯୮ଟି ମାମଲା ଚିହ୍ନଟ ହୋଇଥିଲା।ଖୋର୍ଦ୍ଧା ରୋଡ୍‌ର ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ କୁମାର ଏସ.ଙ୍କ ମାର୍ଗଦର୍ଶନରେ ଏହି ଅଭିଯାନ ପରିଚାଳିତ ହୋଇଥିଲା।

## ଶିମିଳିପାଳରେ ପୁଣି କଳା ବାଘ ଶିକାର



ବାରିପଦା, ୨୧।୫ : ଶିମିଳିପାଳ ପୁଣି କଳା ବାଘ ଶିକାର । କଳା ମହାବଳ ବାଘ ଛୁଆର ଚମଡ଼ା ଜବତ୍ । ଏଥିସହ ୩ ଅଭିଯୁକ୍ତ ଗିରଫ। ଖୁଣ୍ଟା ଥାନା ବାସିପିଠା ଅଞ୍ଚଳରେ ବାଘ ଚମଡ଼ା ଡିଲ ବେଳେ ମାଡିବସିଲା ବନ ବିଭାଗ।ଅଭିଯୁକ୍ତମାନଙ୍କ ନିକଟରୁ ତିନିଟି ମୋଟରସାଇକଲ୍ ଓ ଅନ୍ୟ ଶିକାର ସାମଗ୍ରୀ ଜବତ ହୋଇଛି। ଶିମିଳିପାଳ ଦକ୍ଷିଣ ଡିଭିଜନ୍ ର ଉପ-କ୍ଷେତ୍ର ନିର୍ଦ୍ଦେଶକ ସୁମିତ୍ କରଙ୍କ ସୂଚନା ଅନୁଯାୟୀ ବୁଧବାର ଖୁଣ୍ଟା ଥାନା ଅଧୀନ ବାସିପିଠା ଅଞ୍ଚଳରେ ବାଘ ଚମଡ଼ା ବିକ୍ରି ପାଇଁ ଡିଲ୍ ଚାଲିଥିଲା । ଏହି ସମୟରେ ଶିମିଳିପାଳ ଦକ୍ଷିଣ ଡିଭିଜନ୍ ର ଏନଫୋର୍ସମେଣ୍ଟ ଟିମ୍ ଚଢାଉ କରଥିଲା। ସେମାନଙ୍କ ନିକଟରୁ ଏକ କଳା ବାଘ ଛୁଆର ଚମଡା ଜବତ ହୋଇଥିଲା। ବାଘର ବୟସ ପ୍ରାୟ ଦୁଇ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ସେମାନଙ୍କ ଠାରୁ ୩ଟି ବାଇକ, ୨ଟି ମୋବାଇଲ ଫୋନ ଜବତ୍ କରାଯାଇଛି। ପରୀକ୍ଷାଗାରକୁ ନମୁନା ପଠାଯାଇଛି । ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ମିଳିପାରିବ ବୋଲି ଶ୍ରୀ କର ସୂଚନା ଦେଇଛନ୍ତି।

## ଶାରଳା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସ୍‌ହାର ଶତପ୍ରତିଶତ

କାକଟପୁର, ୨୧/୫(ନିପ୍ର): ଚଳିତବର୍ଷ +୨ ବିଜ୍ଞାନ ପରୀକ୍ଷାରେ କାକଟପୁର ବ୍ଲକ ଅଧିନସ୍ଥ ମୂଳାଗଡ଼ଠାରେ ଗଢ଼ି ଉଠିଥିବା ଶାରଳା ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପାସହାର ସମଗ୍ର ପୁରୀ ଜିଲ୍ଲାରେ ସର୍ବୋଚ୍ଚ ସଫଳତା ହାସଲ କରିଛନ୍ତି। ମୋଟ ପରୀକ୍ଷାର୍ଥୀ ୧୧୨ ଜଣ ପରୀକ୍ଷା ଦେଇଥିବା ବେଳେ ୧୦୫ ଜଣ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି ଏବଂ ଅବଶିଷ୍ଟ ଦ୍ୱିତୀୟ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡିଛି । ଏହି ମହାବିଦ୍ୟାଳୟର ଛାତ୍ର ଶ୍ରୀମାନ ଜନ୍ ପ୍ରକାଶ ମହାରଣା ୫୭୩ ନମ୍ବର ରଖି କଲେଜ ଟପ୍ପର ହୋଇଥିବା ବେଳେ, ଶ୍ରୀମାନ ଦେବାଶିଷ ମହନ୍ତ ୫୭୨ ନମ୍ବର, ଅର୍ପିତା ପ୍ରିୟଦର୍ଶିନୀ ନାୟକ ୫୫୩ ନମ୍ବର ଏବଂ ଶୁଭାଶିଷ ନାୟକ ୫୪୨ ନମ୍ବର ରଖି କଲେଜର ସୁନାମକୁ ଅକ୍ଷୁଣ୍ଣ ରଖିଛନ୍ତି। ବିଶେଷ କରି ଜନ୍ ପ୍ରକାଶ ମହାରଣା ୫୭୩ ଏବଂ ଦେବାଶିଷ ମହନ୍ତ ୫୭୨ ନମ୍ବର ରଖି ସମଗ୍ର ଜିଲ୍ଲାରେ ଟପ୍ପର ତାଲିକାରେ ସ୍ଥାନ ପାଇଛନ୍ତି।

## ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ଭୁବନେଶ୍ୱର, ୨୧/୫(ନିପ୍ର): ସାମାନ୍ୟ ବିଡ଼ି ଖଣ୍ଡିକ ଲାଗି ଜଣେ ସିକ୍ୟୁରିଟି ଗାର୍ଡଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଭରତପୁର ଥାନା ପୋଲିସ ଗୁରୁବାର ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ନାମ ପିଣ୍ଟୁ ଜେନା ଓ ତାଙ୍କ ଘର ଜେନାସାହିରେ ବୋଲି ଜଣାପଡିଛି। ଏନେଇ ଗଗନ ପାଇକରାୟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକାରୀ ଟ୍ରେସ୍ ଆଉଟ୍ ସିକ୍ୟୁରିଟି ସଂସ୍ଥା ତରଫରୁ ନୂଆଗାଁ ଫୋରମ୍‌ରେ ସୁରକ୍ଷା କର୍ମୀ ଭାବରେ କାର୍ଯ୍ୟ କରୁଥିଲେ । ଗତ ୧୩ ତାରିଖ ରାତି ପ୍ରାୟ ୧୦ଟା୩୦ ସମୟରେ, ଗଗନ ଫାଟକ ଭିତରେ ଡ୍ୟୁଟି କରୁଥିବା ସମୟରେ ଅଭିଯୁକ୍ତ ପିଣ୍ଟୁ ଫାଟକ ପରିସରରେ ପ୍ରବେଶ କରି ତାଙ୍କୁ ବିଡ଼ି ମାଗିଥିଲେ । ଗଗନ ତାଙ୍କୁ ବିଡ଼ି ଦେବାକୁ ମନା କରିବାରୁ, ପିଣ୍ଟୁ ଜେନା ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ତାଙ୍କୁ ଠେଲିଦେଇଥିଲେ। ପରେ ଅଭିଯୁକ୍ତ ପିଣ୍ଟୁ ଅଭିଯୋଗକରୀ ଗଗନଙ୍କୁ ଜୀବନରୁ ମାରିବାର ଧମକ ଦେଇ ପାଖରେ ପଡ଼ିଥିବା ଏକ କାଠ ପଟା ଉଠାଇ ତାଙ୍କୁ ଆକ୍ରମଣ କରିଥିଲେ ।

## ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର ଓ ଡିଜିଟାଲ୍ କ୍ରିକେଟ୍ ସ୍କୋର ବୋର୍ଡ ଉଦ୍‌ଘାଟନ




**ଜଟଣୀ, ୨୧/୫(ନିପ୍ର):** ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ା ସଂଘର କ୍ରିକେଟ୍ ଷ୍ଟାଡିୟମଠାରେ ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର-୨୦୨୬ ଏବଂ ଡିଜିଟାଲ୍ ଏଲଇଡି କ୍ରିକେଟ୍ ସ୍କୋର ବୋର୍ଡର ଉଦଘାଟନ ଚାଲିଥିବା ଗ୍ରୀଷ୍ମକାଳୀନ ଛୁଟି ସମୟରେ ପିଲାମାନଙ୍କର ଶାରୀରିକ, ମାନସିକ ଓ ନୈତିକ ଦକ୍ଷତାର ବିକାଶ କରିବା ଉଦ୍ଦେଶ୍ୟରେ ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଳବାଇ କ୍ରୀଡ଼ା ସଂଘ ପକ୍ଷରୁ କ୍ରୀଡ଼ା କମ୍ପ୍ଲେକ୍ସଠାରେ ରେଳବାଇ କର୍ମଚାରୀଙ୍କ ପିଲାମାନଙ୍କ ସହ ସ୍ଥାନୀୟ ପିଲାମାନଙ୍କ ପାଇଁ ଏକ 'ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିର-୨୦୨୬ର ଆୟୋଜନ କରାଯାଉଛି। ଗ୍ରୀଷ୍ମକାଳୀନ କ୍ରୀଡ଼ା ଶିବିରର ଉଦଘାଟନ ସହିତ ନୂତନ ଭାବେ ସ୍ଥାପନ କରାଯାଇଥିବା ଏକ ଡିଜିଟାଲ୍ ଏଲଇଡି କ୍ରିକେଟ୍ ସ୍କୋର ବୋର୍ଡ ମଧ୍ୟ ଉଦଘାଟିତ ହୋଇଯାଇଛି। ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ଖୋର୍ଦ୍ଧାରୋଡ୍ ଇଷ୍ଟକୋଷ୍ଟ ରେଳବାଇ ମହିଳା କଲ୍ୟାଣ ସଂଗଠନର ସଭାପତି ପ୍ରିୟଙ୍କା ଜୀଭାରାଜ୍, ଏଡିଆରଏମ୍ (ଅପରେସନ୍) ପି. କେ. ବେହେରା,ଏଡିଆରଏମ୍ (ଇନଫ୍ରା) ରାଜଧାରୀ ଯାଦବ, କ୍ରୀଡ଼ା ଅଧିକାରୀ ତଥା ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ଅନିଲ୍ କୁମାର ଏସ୍. ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀ ମାନେ ଉପସ୍ଥିତ ଥିଲେ । ଏହି ଶିବିର ୨୦.୦୫.୨୦୨୬ ରୁ ୩୦. ୦୫.୨୦୨୬ ପର୍ଯ୍ୟନ୍ତ ୧୧ ଦିନ ଧରି ଚାଲିବ। ଏଥିରେ ୫ ବର୍ଷରୁ ଅଧିକ ବୟସର ପିଲାମାନେ ଟେବୁଲ୍ ଟେନିସ୍, ଭଲିବଲ୍, କ୍ରିକେଟ୍, ବ୍ୟାଡମିଣ୍ଟନ୍, ସନ୍ତରଣ ଏବଂ ଯୋଗ ଭଳି ବିଭିନ୍ନ କ୍ରୀଡ଼ା କାର୍ଯ୍ୟକଳାପରେ ଭାଗ ନେବେ। ଏହା ସହିତ 'ଟାଇକୋଣ୍ଡୋ' ସମରକଳା ମାଧ୍ୟମରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ। ଏହା ସହିତ 'ଟାଇକୋଣ୍ଡୋ' ମାର୍ଶଲ ଆର୍ଟ ମାଧ୍ୟମରେ ଆତ୍ମରକ୍ଷା କୌଶଳର ପ୍ରଶିକ୍ଷଣ ମଧ୍ୟ ପ୍ରଦାନ କରାଯିବ।

## ଡେଙ୍ଗୁମୁକ୍ତ ସହର ପାଇଁ ଘରଘର ବୁଲିବେ ଆଶା ଓ ଅଙ୍ଗନବାଡ଼ି କର୍ମୀ

**କଟକ, ୨୧/୫(ନିପ୍ର):** ବିଗତ ୪ ବର୍ଷ ଧରି କଟକରେ ଡେଙ୍ଗୁର ସ୍ଥିତି ନିୟନ୍ତ୍ରଣରେ ରହିଛି। ଚଳିତବର୍ଷ ମଧ୍ୟ ଡେଙ୍ଗୁ ସ୍ଥିତିକୁ ନିୟନ୍ତ୍ରଣରେ ରଖିବା ସହ ଯେଭଳି କୌଣସି ପ୍ରାଣହାନୀ ନହୁଏ ସେ ନେଇ ସିଏମସି ସହିତ ଅନ୍ୟ ବିଭାଗମାନେ ଅଣ୍ଟା ଭିଡିଛନ୍ତି। ଲୋକଙ୍କୁ ସତର୍କ କରାଯିବା ସହ ବିଭିନ୍ନ ୱାର୍ଡବାସୀଙ୍କୁ ଆଶା, ଅଙ୍ଗନବାଡ଼ି ଓ ସ୍ୱଚ୍ଛକର୍ମୀମାନେ ବୁଲିବୁଲି ସଚେତନ କରାଇବେ। ସହରରେ ସ୍ୱଚ୍ଛତା, ପରିମଳ, ଗଛ ଓ ଲତା କାଟିବା ଏବଂ ଜଳ ପରିଚାଳନା ଉପରେ ସର୍ବାଧିକ ପ୍ରାଧାନ୍ୟ ଦେବାକୁ ମେୟର ସୁବାସ ସିଂହ ନିର୍ଦ୍ଦେଶ ଦେଇଛନ୍ତି। ଏନଫୋର୍ସମେଣ୍ଟ ଟିମ୍ ବିଭିନ୍ନ ଶିଳ୍ପାଞ୍ଚଳ ପରିଦର୍ଶନ କରି ପାଣି ଜମିରହୁଥିବା ସ୍ଥାନର ସ୍ଥିତି ଅନୁଧ୍ୟାନ କରିବେ, ଆବଶ୍ୟକ ହେଲେ ସେମାନଙ୍କୁ ଜୋରିମାନା ଲଗାଯିବ। ଏହାସହ ୱାଟକୋକୁ ସହରରେ ପାଣି ପାଇପ୍ ଓ ଜଳ ପରିଚାଳନା ସଂପର୍କରେ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଜି ବିଜୁ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ସିଂହ କହିଛନ୍ତି ଯେ, ସହରାଞ୍ଚଳ ସ୍ୱାସ୍ଥ୍ୟସେବାକୁ ଆମେ ପ୍ରାଧାନ୍ୟ ଦେଉଛୁ। ଏଥର ଡେଙ୍ଗୁର ମୁକାବିଲାକୁ କଠୋର ଓ ଯୋଜନାବଦ୍ଧ ଭାବେ କରିବା ପାଇଁ ଗତକାଲି ଜାତୀୟ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ୍ ପକ୍ଷରୁ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସହରରେ ଡେଙ୍ଗୁ ରୋଗ ନିୟନ୍ତ୍ରଣ ଓ ଏହାର ନିରାକରଣ ନେଇ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଛି। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇ କାମ କରାଯିବ। ଜନ ସଚେତନତା ପାଇଁ ସହରର ବିଭିନ୍ନ ସ୍ଥାନରେ ପୋଷ୍ଟର, ବ୍ୟାନର ଲଗାଯିବା ପାଇଁ ନିଷ୍ପତ୍ତି ହୋଇଛି। ଆଗାମୀ ଦିନରେ ସପ୍ତାହକୁ ଥରେ ଡ୍ରାଏ ଡେ ପାଳନ କରାଯିବ। ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ଡେଙ୍ଗୁ ସଂପର୍କରେ ସଚେତନ କରାଯିବ। ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ନମୂନା ବାରଣ କରାଯାଇଥିବା ବେଳେ ଏସସିବି ମେଡିକାଲ୍ ସହିତ ସିଟି ହସ୍ପିଟାଲରେ ଡେଙ୍ଗୁ ପରୀକ୍ଷା କରାଇବାକୁ ପରାମର୍ଶ ଦିଆଯାଇଥିଲା। ସିଏମସି ଅଧୀନରେ ଥିବା ୧୨ଟି ପିଏଚସି ୨ଟି ସିଏଚସି ସହ ୧୦ଟି ୱେଲନେସ୍ ସେଣ୍ଟର ଗୁଡିକରେ ସାଧାରଣ ରକ୍ତ ପରୀକ୍ଷା ସହ ଚିକିତ୍ସା ସୁବିଧା ଉପଲବ୍ଧ ରହିଥିବା ଅତିରିକ୍ତ ଜିଲ୍ଲା ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସତ୍ୟବ୍ରତ ମହାପାତ୍ର ଉଲ୍ଲେଖ କରିଥିଲେ।

## ବିଶ୍ୱବିଦ୍ୟାଳୟରେ ବେଆଇନ ନିଯୁକ୍ତି ନେଇ ତାଗିଦ



ଭୁବନେଶ୍ୱର,୨୧।୫(ନିପ୍ର): ସରକାରୀ ବିଶ୍ୱବିଦ୍ୟାଳୟରେ ବେଆଇନ ନିଯୁକ୍ତି ନେଇ ତାଗିଦ କରିଛନ୍ତି ଉଚ୍ଚଶିକ୍ଷା ସଚିବ। ଏନେଇ ସମସ୍ତ କୁଳପତିଙ୍କୁ ଚିଠି ଲେଖି ସତର୍କ କରାଇଛନ୍ତି। ବେଆଇନ ନିଯୁକ୍ତି ଓ ସେମାନଙ୍କୁ ନିୟମିତ କରିବା ପ୍ରସ୍ତାବ ନେଇ ଚେତାବନୀ ଦେଇଛନ୍ତି। ଉଚ୍ଚଶିକ୍ଷା ବିଭାଗର ବିନା ଅନୁମତିରେ ନିଯୁକ୍ତି ଦିଆଯିଆଇଥିବା ଚିଠିରେ ଉଲ୍ଲେଖ ରହିଛି। ଏହାଦ୍ୱାରା ସରକାର ଓ ବିଶ୍ୱବିଦ୍ୟାଳୟ ଉପରେ ଆର୍ଥିକ ବୋଝ ପଡୁଛି। ବ୍ୟାକ୍ ? ଡୋର ଏଣ୍ଟ୍ରିକୁ ସରକାର ବରଦାସ୍ତ କରିବେ ନାହିଁ। ନିୟମିତ କରିବା ନେଇ ଆସିଥିବା ପ୍ରସ୍ତାବକୁ ଗ୍ରହଣ ମଧ୍ୟ କରାଯିବ ନାହିଁ। ଏପରି ନିଯୁକ୍ତିର ଆର୍ଥିକ ବୋଝ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ବହନ କରିବ। ଯେଉଁ ଅଧିକାରୀ ବେଆଇନ ନିଯୁକ୍ତି ଦେଇଥିବେ ସେମାନନଙ୍କ ପ୍ରତି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉଚ୍ଚଶିକ୍ଷା ସଚିବ କହିଛନ୍ତି।

## 'ଆମ ଗାଁରେ ଆମ ତହସିଲ' ଧୂଆଁବାଣ




**ଭାପୁର,୨୧/୫(ନିପ୍ର):** ରାଜ୍ୟ ସରକାର ବିଭିନ୍ନ ଜନକଲ୍ୟାଣ ଯୋଜନା ଗୁଡିକ କାର୍ଯ୍ୟକାରୀ କରୁଥିଲେ ମଧ୍ୟ ତୃଣମୂଳ ସ୍ତରରେ କେତେକାଂଶରେ କାର୍ଯ୍ୟକାରୀ ହେଉଛି ତାହା ଦେଖିବାର ଅଛି। ସରକାରୀ କାର୍ଯ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମି ନ ଥାଇ ସରକାରଙ୍କ ଯୋଜନା ଗୁଡିକ ପାଣିର ଗାର ସଦୃଶ୍ୟ ହୋଇଛି। ଏହିଭଳି ବିକଳଚିତ୍ର ନୟାଗଡ଼ ଜିଲ୍ଲା ଭାପୁର ତହସିଲ କାର୍ଯ୍ୟାଳୟରେ ଦେଖାଦେଇଛି। ରାଜ୍ୟ ସରକାରଙ୍କ ଆମ ଗାଁରେ ଆମ ତହସିଲ ଯୋଜନା ବିଫଳ ହେବାକୁ ବସିଛି। ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ଅଭାବରୁ ହିତାଧିକାରୀଙ୍କ କାର୍ଯ୍ୟ ହୋଇପାରୁନାହିଁ। ସେମାନେ ଗାଁକୁ ଯାଇ କଣ କାର୍ଯ୍ୟ କରିବେ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। କର୍ମଚାରୀ ଅଭାବରୁ ଭାପୁର ତହସିଲରେ ନିୟମିତ କାର୍ଯ୍ୟ ହୋଇପାରୁନି। ହିତାଧିକାରୀମାନେ ବାରମ୍ବାର ତହସିଲ କାର୍ଯ୍ୟାଳୟ ଯାଇ ଫେରି ଆସୁଛନ୍ତି ତେଣୁ, ଆମ ଗାଁରେ ଆମ ତହସିଲ ଭାପୁର ବ୍ଲକରେ ଧୂଆଁବାଣ ସଦୃଶ୍ୟ ହୋଇଛି।

### ଭିନ୍ନକ୍ଷମ ଭତ୍ତା ମିଳିବାରେ ବିଳମ୍ବ

## ଜାଗ୍ରତ ଯୁବଶକ୍ତି ସଂଗଠନ ପକ୍ଷରୁ ଅସହାୟଙ୍କ ପାଇଁ ଦାବି



ନିମାପଡ଼ା, ୨୧।୫ (ନିପ୍ର): ଏହି ଅଲଣ୍ଡା ଜାଗିରି ଗ୍ରାମର ଅସହାୟ ଯୁବକ ଦୁର୍ଯ୍ୟୋଧନ ବାରିକ ୯୦ ପ୍ରତିଶତ ଭିନ୍ନକ୍ଷମ ହୋଇଥିଲେ ହେଁ ମାସିକ ୩ ହଜାର ୫ଶହ ଟଙ୍କାରୁ ବଂଚିତ ହୋଇଥିବା ନେଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ବ୍ଲକ୍ ପ୍ରଶାସନ ଅବହେଳା ନେଇ ସାମାଜିକ ଅନୁଷ୍ଠାନ ଜାଗ୍ରତ ଯୁବଶକ୍ତି ସଂଗଠନ ଆବାହକ ଆଦର୍ଶ ଦାଶ, ସଂଯୋଜକ ସମୀର ରାଉତରାୟ, ଅଜୟ ପଣ୍ଡା, ସୌମ୍ୟ ସିଦ୍ଧାର୍ଥ, ଇନ୍ଦ୍ରଜିତ ସେନାପତି, ସ୍ୱାଧୀନ ନାୟକ ପ୍ରମୁଖ ଗ୍ରାମରେ ପହଞ୍ଚି ଦୁର୍ଯ୍ୟୋଧନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ପଚାରି ବୁଝିଥିଲେ। ମାସିକ ଭତ୍ତା (୩୫୦୦ ଟଙ୍କା) ନ ମିଳିବା ନେଇ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବା ପାଇଁ ଦାବି କରାଯାଇଥିଲା। ଭିନ୍ନକ୍ଷମ ପ୍ରମାଣପତ୍ର, ଆଧାର କାର୍ଡ଼ ସମେତ ଅନ୍ୟାନ୍ୟ ଆନୁଷଙ୍ଗିକ କାଗଜ ପତ୍ର ଗୁରୁବାର ବ୍ଲକ୍ କାର୍ଯ୍ୟାଳୟରେ ଦାଖଲ କରାଯିବା ପରେ ତାହା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ (ପୁରୀ)କୁ ପଠାଯିବ ବୋଲି ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ତୁରନ୍ତ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ ବୋଲି ବ୍ଲକ୍ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

## ଖୋର୍ଦ୍ଧା ରୋଡ଼ ଡିଭିଜନରେ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର, ୨୧/୫(ପିଆଇବି): ଖୋର୍ଦ୍ଧା ରୋଡ଼ ଡିଭିଜନରେ ଅତ୍ୟାବଶ୍ୟକ ସୁରକ୍ଷା-ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ମେମୁ ଟ୍ରେନ୍ ଚଳାଚଳରେ ସାମୟିକ ପରିବର୍ତ୍ତନ ଘୋଷଣା କରାଯାଇଛି। ସୁରକ୍ଷା ମାନଦଣ୍ଡରେ ଉନ୍ନତି ଆଣିବା, ପରିଚାଳନା ଦକ୍ଷତା ବୃଦ୍ଧି କରିବା ଏବଂ ରେଳ ନେଟୱର୍କର ଦୀର୍ଘକାଳୀନ ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ ଏହି ପରିଚାଳନାଗତ ପରିବର୍ତ୍ତନଗୁଡ଼ିକ କରାଯାଉଛି। ଆଧୁନିକୀକରଣ କାର୍ଯ୍ୟର ଏକ ଅଂଶ ସ୍ୱରୂପ, ନିମ୍ନଲିଖିତ ଟ୍ରେନ ସେବାଗୁଡ଼ିକ ନିର୍ଦ୍ଧାରିତ ତାରିଖରେ ଖଲ୍ଲୀକୋଟ ରେଳ ଷ୍ଟେସନ ପର୍ଯ୍ୟନ୍ତ ଚାଲିବ (ଆଂଶିକ ବାତିଲ ହେବ) ଏବଂ ସେଠାରୁ ହିଁ ଯାତ୍ରା ଆରମ୍ଭ କରିବ। ଟ୍ରେନ୍ ନଂ ୬୮୪୧୯ ଭୁବନେଶ୍ୱର – ପଲାସା ମେମୁ ଆସନ୍ତା ୨୪ ମଇ ୨୦୨୬ ତାରିଖରେ ଖଲ୍ଲିକୋଟ ଷ୍ଟେସନରେ ଯାତ୍ରା ସମାପ୍ତ କରିବ। ଟ୍ରେନ୍ ନଂ ୬୮୪୨୦ ପଲାସା – ଭୁବନେଶ୍ୱର ମେମୁ ୨୨ ଏବଂ ୨୫ ମଇ ୨୦୨୬ ତାରିଖରେ ପଲାସା ପରିବର୍ତ୍ତେ ଖଲ୍ଲିକୋଟରୁ ଯାତ୍ରା ଆରମ୍ଭ କାରିବ । ଟ୍ରେନ୍ ନଂ ୬୮୪୧୧/୬୮୪୧୨ ଭୁବନେଶ୍ୱର – ବ୍ରହ୍ମପୁର – ଭୁବନେଶ୍ୱର ମେମୁ ଟ୍ରେନ୍ ୨୩, ୨୭ ଓ ୩୦ ମଇ ୨୦୨୬ ତାରିଖରେ ଖଲ୍ଲିକୋଟ ଷ୍ଟେସନପର୍ଯ୍ୟନ୍ତ ଚାଲିବ ଏବଂ ସେଠାରୁ ହିଁ ଯାତ୍ରା ଆରମ୍ଭ କରିବ।




### ମହାରାଜା ହଲ୍‌ରେ ଗଣ୍ଡଗୋଳ

## ଜଣେ ନାବାଳକଙ୍କ ସମେତ ୩ ଗିରଫ

ଭୁବନେଶ୍ୱର, ୨୧/୫(ନିପ୍ର): ମହାରଜା ଫିଲ୍ମ ହଲ୍‌ରେ ନାଇଟ୍ ସୋ' ଫିଲ୍ମ ଚାଲୁଥିବା ବେଳେ କିଛି ଯୁବକ ହଠାତ୍ ନିଜ ଚେୟାର ଛାଡି ନାଚିବା ସହ ହୋହାଲ୍ଲା କରିବାରୁ ବୁଧବାର ରାତିରେ ହଲ୍ ପରିସରରେ ଏକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ହୋହାଲ୍ଲା କରୁଥିବା ଯୁବକମାନଙ୍କୁ ହଲ୍ କର୍ମଚାରୀମାନେ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେମାନେ ଏଥିରେ ରାଜି ନ ହୋଇ ଓଲଟା ହଲ୍‌ରେ ଗଣ୍ଡଗୋଳ କରିବା ସହ ବ୍ୟାପକ ଭଙ୍ଗାରୁଜା କରିଥିଲେ। ଏହି ମାମଲାରେ ସିସିଟିଭି ଫୁଟେଜ ଆଧାରରେ ସହିଦନଗର ଥାନା ?ପାଲିସ ମାମଲା ରୁଜୁ କରିବା ସହ ଗୁରୁବାର ଜଣେ ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକମାନେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଣପତି ନଗର ବସ୍ତିର ସାରଥୀ ନାହକ ଓରଫ ବାବୁ (୨୨) ଓ ରାଜା ରେଡ୍ଡୀ (୨୦)। ଏନେଇ ହଲ୍ ?ର କର୍ମଚାରୀ ସୁନିଲ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ମହାରାଜା ସିନେମା ହଲରେ ସହ ପରିଚାଳକ ଭାବେ କାର୍ଯ୍ୟ କରନ୍ତି । ମଙ୍ଗଳବାର ସିନେମା ହଲରେ ରାତି ୧୦ଟା୧୦ ରୁ ୧ଟା୧୦ ପର୍ଯ୍ୟନ୍ତ ଓଡ଼ିଆ ଚଳଚ୍ଚିତ୍ର "ମନ୍ତ୍ରମୁଗ୍ଧା" ପ୍ରଦର୍ଶନ ସମୟରେ, ସିନେମା ହଲ ଭିତରେ ଦର୍ଶକଙ୍କ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ମହିଳା ଦର୍ଶକଙ୍କ ପ୍ରତି ଉଚ୍‌ଚ ସ୍ୱରରେ ଅଶ୍ଳୀଳ ଏବଂ ଅପମାନଜନକ ଭାଷା ବ୍ୟବହାର କରି ବିଶୃଙ୍ଖଳା ସୃଷ୍ଟି କରିଥିଲେ । ଯେତେବେଳେ ହଲର କର୍ମଚାରୀ ଅଜିତ କୁମାର ପାତ୍ର ପ୍ରତିବାଦ କରିଥିଲେ ଏବଂ ଏପରି ଆଚରଣ ବନ୍ଦ କରିବାକୁ କହିଥିଲେ, ଅଭିଯୁକ୍ତମାନେ କ୍ରୋଧିତ ହୋଇ ତାଙ୍କୁ ଆକ୍ରମଣ କରିଥିଲେ । ପ୍ରାୟ ୭-୮ ଜଣ ବ୍ୟକ୍ତି କର୍ମଚାରୀଙ୍କୁ ଟାଣି ଆଣି ଶାରୀରିକ ଆକ୍ରମଣ କରିଥିଲେ, ଏବଂ ଯେତେବେଳେ ଅଭିଯୋଗକାରୀ ସେଥିରେ ହସ୍ତକ୍ଷେପ କରିଥିଲେ, ତାଙ୍କୁ ମଧ୍ୟ ସେମାନେ ଆକ୍ରମଣ କରିଥିଲେ । ପରବର୍ତ୍ତୀ ସମୟରେ, ଅଭିଯୁକ୍ତଙ୍କ ପ୍ରାୟ ୩୦ ଜଣ ସହଯୋଗୀ ଏକତ୍ରିତ ହୋଇ ଯୋଜନାବଦ୍ଧ ଭାବରେ ସିନେମା ହଲ କର୍ମଚାରୀଙ୍କୁ ପଥର ସାହଯ୍ୟରେ ମରଣାନ୍ତକ ଆକ୍ରମଣ କରିଥିଲେ। ମରଣାନ୍ତକ ଆକ୍ରମଣ ଯୋଗୁଁ ଅନେକ ଦର୍ଶକଙ୍କ ଗାଡ଼ି ଏବଂ କାର୍ କାଚ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ସୂଚନା ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଭୋଇ ନଗରର ସ୍ଥାନୀୟ ବାସିନ୍ଦାଙ୍କ ସହଯୋଗରେ ପୀଡିତମାନଙ୍କୁ ଭିଡ଼ରୁ ଉଦ୍ଧାର କରିଥିଲେ ।

**ହଲ୍ ପରିସରରେ ବ୍ୟାପକ ଭଙ୍ଗାରୁଜା**

## ବିପୁଳ ପରିମାଣର ଦେଶୀ ମଦ ଜବତ, ମହିଳା ଗିରଫ

ପିପିଲି, ୨୧/୫(ନିପ୍ର): ଚୋରା ମଦ କାରବାର ଅଭିଯୋଗରେ ବୁଧବାର ରାତିରେ ବଳଙ୍ଗା ପୋଲିସ ପକ୍ଷରୁ ଦଳଭାଣପୁର ଛକରେ ଚଢ଼ଉ କରାଯାଇ ଜଣେ ମହିଳାଙ୍କୁ ଗିରଫ କରି ତା ନିକଟରୁ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ହେଲେ ଦଳଭାଣପୁର ଗ୍ରାମର ସ୍ୱର୍ଗତ ସୁବାସ ବେହେରାଙ୍କ ପତ୍ନୀ ମାନସୀ ସ୍ୱାଇଁ ବୋଲି ପୋଲିସ ସୂଚନା ଦେଇଛି। ମାନସୀ ଦଳଭାଣପୁର ଛକରେ ଚୋରା ମଦ କାରବାର କରୁଥିବା ନେଇ ବଳଙ୍ଗା ପୋଲିସକୁ ସୂଚନା ମିଳିଥିଲା। ଅଭିଯୋଗ ଆଧାରରେ ଥାନା ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା।

# ଧାମନଗର-ଚୂଡ଼ାକୁଟି ରାସ୍ତା ରାପିତାଠାରୁ ମଦ ଦୋକାନ ହଟାଇବାକୁ ଦାବି

**ଧାମନଗର,୨୧/୫(ନିପ୍ର):** ଧାମନଗର-ଚୂଡ଼ାକୁଟି ମୁଖ୍ୟ ରାସ୍ତାର ରାପିତାଠାରେ ଥିବା ସରକାରୀ ବାର୍ ଓ ବିଦେଶୀ ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଜନଅସନ୍ତୋଷ ତେଜିବାରେ ଲାଗିଛି। ଜନବସତି, ମନ୍ଦିର ଏବଂ ଜନଗହଳିପୂର୍ଣ୍ଣ ମୁଖ୍ୟରାସ୍ତା କଡ଼ରେ ଥିବା ଏହି ମଦ ଦୋକାନ ଯୋଗୁଁ ପ୍ରତିଦିନ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ତୁରନ୍ତ ଉଠାଇବା ପାଇଁ ବିଭିନ୍ନ ମହଲରୁ ଜୋରଦାର ଦାବି ହେଉଛି। ସୂଚନାଯୋଗ୍ୟ ଯେ, ପ୍ରାୟ ତିନି ବର୍ଷ ପୂର୍ବେ ଯେତେବେଳେ ଏହି ମଦ ଦୋକାନ ଓ ବାର୍ ଏଠାରେ ଖୋଲାଯାଇଥିଲା। ସେତେବେଳେ ସ୍ଥାନୀୟ ଜନସାଧାରଣ ଓ ମହିଳାମାନଙ୍କ ପକ୍ଷରୁ ଏହାକୁ ପ୍ରବଳ ବିରୋଧ କରାଯାଇଥିଲା। ମାତ୍ର ସେହି ସମୟରେ ଅବକାରୀ ଏବଂ ବିଭାଗୀୟ ଅଧିକାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି କହିଥିଲେ ଯେ, ପରବର୍ତ୍ତୀ ସମୟରେ ଲାଇସେନ୍ସ ନବୀକରଣ ବେଳେ ଏହି ଦୋକାନକୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯିବ। କିନ୍ତୁ ବର୍ତ୍ତମାନ ପୁଣି ଥରେ ସରକାରୀସ୍ତରରେ ନବୀକରଣ ପ୍ରକ୍ରିୟା ଚାଲିଥିଲେ ହେଁ, ଦୋକାନ ହଟାଇବା ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନେଉ ନ ଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପ୍ରଶାସନର ଏଭଳି ଆଭିମୁଖ୍ୟ ପୁରୁଣା ପ୍ରତିଶ୍ରୁତିକୁ ପାଣିର ଗାର ସଦୃଶ ପ୍ରମାଣିତ କରିଛି। 'ରାପିତା'ରାସ୍ତା କଡ଼ରେ ମଦ ଦୋକାନ ଥିବାରୁ ଅଧିକାଂଶ ସମୟରେ ଚାଳକମାନେ ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ ଗାଡ଼ି ଚଳାଉଛନ୍ତି। ଫଳରେ ଏହି ସ୍ଥାନରେ ଅନେକ ଛୋଟବଡ଼ ଦୁର୍ଘଟଣା ଘଟି ସାରିଲାଣି। ଏପରିକି ବିଗତ ଦିନରେ ଗାଡ଼ି ଧକ୍କାରେ କେତେକ ନିରୀହ ଯୁବକ ଅକାଳରେ ମୃତ୍ୟୁବରଣ କରିଥିବା ଭଳି ଦୁଃଖଦ ଘଟଣା ମଧ୍ୟ ଘଟିଛି। ଏହା ସତ୍ତ୍ୱେ ପ୍ରଶାସନ କାହିଁକି କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି, ତାହାକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଶ୍ନ ଉଠାଇଛନ୍ତି। ପାଖରେ ମନ୍ଦିର ଏବଂ ଜନବସତି ଥିବାରୁ ମହିଳା, ସ୍କୁଲ କଲେଜ ଛାତ୍ରଛାତ୍ରୀ ଏବଂ ଶ୍ରଦ୍ଧାଳୁମାନେ ଏହି ବାଟ ଦେଇ ଯାତାୟାତ କରିବା ସମୟରେ ସଂକୋଚ ଓ ଅସୁରକ୍ଷିତ ମଣୁଛନ୍ତି। ଯଦି ଚଳିତ ନବୀକରଣ ସମୟରେ ଏହି ମଦ ଦୋକାନକୁ ଜନବସତିଠାରୁ ଦୂରକୁ ସ୍ଥାନାନ୍ତର କରା ନ ଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବାଧ୍ୟ ହୋଇ ବ୍ୟାପକ ଆନ୍ଦୋଳନର ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି ଏହି ମଦ ଦୋକାନକୁ ଲାଗି ଆଉ ଗୋଟେ ମଦ ଦୋକାନଘର ମଧ୍ୟ ନିର୍ମାଣ ହେଉଚି। ତେବେ ଉକ୍ତ ରାସ୍ତାରେ ବିଭିନ୍ନ ସମୟରେ ଅଘଟଣ ଘଟୁଥିବା ବେଳେ ସେଠାରେ ଏହି ମଦ ଦୋକାନ ହେଲେ ଅନେକ ଲୋକ ବିପଦରେ ପଡ଼ିବେ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ